


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର


# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୨୬ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 26 AUGUST 2022
Vol.No. 35 ■ No. 224 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ବିଜେପି-ଆପ୍‌ର ଶୀତଳ ଯୁଦ୍ଧ

## କେଜ୍ରିଓ୍ୱାଲଙ୍କ ବିଧାୟକ ଦଳ ବୈଠକ



ନୂଆଦିଲ୍ଲୀ, ୨୫/୦୮ : ଦିଲ୍ଲୀ ରାଜନୀତିରେ ଜାରି ରହିଛି ଆରୋପ-ପ୍ରତ୍ୟାରୋପ । ଇଡି ଓ ସିବିଆଇକୁ ହାତ କରି ବିଜେପି, ଆପ୍ ସରକାରକୁ ଭାଙ୍ଗିବା ପାଇଁ ପ୍ରୟାସ କରୁଥିବା ଅଭିଯୋଗ କରିଛି ଆମ୍ ଆଦମୀ ପାର୍ଟି । ସେହିପରି ଆପ୍, ବିଜେପି ଉପରେ ଆଉ ଏକ ବଡ଼ ଅଭିଯୋଗ ଆଣିଛି । ବିଧାୟକଙ୍କୁ କିଣିବା ପାଇଁ ବିଜେପି କୋଟି କୋଟି ଟଙ୍କାର ପ୍ରସ୍ତାବ ଦେଉଥିବା ଆପ୍ ଅଭିଯୋଗ କରିଛି । ଏହାରି ଭିତରେ ଆପ୍ ସୁପ୍ରିମୋ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ଗୁରୁବାର ବିଧାୟକ ଦଳର ବୈଠକ ଡକାଇଥିଲେ । ବୈଠକରେ ୫୪ ବିଧାୟକ ସାମିଲ୍ ହୋଇଥିଲେ । ଏହା ପରେ କେଜ୍ରିଓ୍ୱାଲ ସମସ୍ତ ବିଧାୟକଙ୍କ ସହ ରାଜଘାଟ ଯାଇଥିଲେ । ବିଜେପି ବିରୋଧରେ ସାଂଘାତିକ ଅଭିଯୋଗ ଆଣି କହିଛନ୍ତି, ୪୦ ବିଧାୟକଙ୍କୁ ଭାଙ୍ଗିବା ବିଜେପିର ଟାର୍ଗେଟ୍ । ମରିଯିବୁ ପଛେ, ବିକ୍ରି ହେବୁ ବୋଲି ସେ କହିଛନ୍ତି । ଆମ୍ ଆଦମୀ ପାର୍ଟିର ସରକାର ଅଭିଯୋଗ ଆଣିଛି ଯେ ବିଜେପି ସେମାନଙ୍କର ୪୦ଜଣ ବିଧାୟକଙ୍କୁ ୨୦ କୋଟି ଟଙ୍କା ଲେଖାଏଁ ପ୍ରସ୍ତାବ ଦେଇଥିଲା । କିନ୍ତୁ ବିଧାୟକମାନେ ପ୍ରଲୋଭନ ବଦଳରେ ପାର୍ଟିକୁ ଗୁରୁତ୍ୱ ଦେଇଥିବା ଆପର ମୁଖପାତ୍ର ସୌରଭ ଭରଦ୍ୱାଜ କହିଛନ୍ତି । କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଡକାଯାଇଥିବା ବିଧାୟକ ଦଳ ବୈଠକରେ ୫୪ ବିଧାୟକ ଯୋଗ ଦେଇଥିଲେ । ବାକି ୭ ଜଣ ବିଧାୟକ ରାଜ୍ୟ ବାହାରେ ଥିବା ବେଳେ ମନ୍ତ୍ରୀ ସତେନ୍ଦ୍ର ଜୈନ୍ ଏବେ ଜେଲରେ ଅଛନ୍ତି । ତେଣୁ ବିଜେପି ଯେଉଁ ଅପରେସନ୍ ଲୋଟସ୍ ଅଭିଯାନ ଚଳାଇଥିଲା, ତାହା ଫେଲ୍ ହୋଇଛି ବୋଲି ସୌରଭ କହିଛନ୍ତି । ସେପଟେ ଆପର ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛି ବିଜେପି । ବିଜେପି କହିଛି ଦୁର୍ନୀତି ପ୍ରସଙ୍ଗକୁ ଏଡ଼ାଇବା ପାଇଁ ଆପ୍ ଏଭଳି ଅଭିଯୋଗ ଆଣୁଛି। ଦିନକ ପୂର୍ବରୁ ଆପର ୪ ଜଣ ବିଧାୟକ, ବିଜେପି ବିରୋଧରେ ଘୋଡ଼ା ବେପାର ଅଭିଯୋଗ ଆଣିଥିଲେ । ବିଜେପି ସେମାନଙ୍କୁ ନିଜ ଦଳରେ ସାମିଲ କରିବା ପାଇଁ ୨୦ କୋଟି ଟଙ୍କା ଲେଖାଏଁ ଅଫର ଦେଇଥିବା ସେମାନେ କହିଥିଲେ ।

# ବିପଦରେ ହେମନ୍ତ ସୋରେନଙ୍କ ମୁଖ୍ୟମନ୍ତ୍ରୀ ପଦ



ନୂଆଦିଲ୍ଲୀ, ୨୫/୦୮ : ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ଜେଏମଏମ୍-କଂଗ୍ରେସ ମେଣ୍ଟ ସରକାର ଉପରେ ଦେଖାଦେଇଛି ସଙ୍କଟର ବାଦଲ । ବେଆଇନ୍ ଖଣି ଖନନ ମାମଲାରେ ଫସିଥିବା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ବିଧାନସଭା ସଦସ୍ୟତା ବିପଦରେ ପଡ଼ିଛି । ନିର୍ବାଚନ କମିଶନ୍ ତାଙ୍କ ରାୟକୁ ରାଜଭବନ ପଠାଇ ଦେଇଛନ୍ତି, ଯାହା ଉପରେ ଏବେ ରାଜ୍ୟପାଳ ରମେଶ ବୈସ ନିଷ୍ପତି ନେବେ । ଯଦି ସୋରେନଙ୍କ ବିଧାନସଭା ସଦସ୍ୟତା ହରାଇବେ, ତେବେ ମୁଖ୍ୟମନ୍ତ୍ରୀ ପଦ ମଧ୍ୟ ହରାଇବାକୁ ପଡ଼ି ପାରେ । ସେପଟେ ନିର୍ବାଚନ କମିଶନଙ୍କ ତରଫରୁ ହେମନ୍ତ ସୋରେନଙ୍କ ବିଧାନସଭା ସଦସ୍ୟତା ବାତିଲ କରିବା ନିର୍ଦ୍ଦେଶ ପରେ ବିଜେପି ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣାଇଛି । ବିଜେପି ସାଂସଦ ନିଶିକାନ୍ତ ଦୁବେ କହିଛନ୍ତି ଯେ ସୋରେନଙ୍କୁ ଦୁର୍ନୀତି ଅଭ୍ୟାସ କରିବାର ଫଳ ମିଳିଛି । ରାଜ୍ୟପାଳ କୌଣସି ନିଷ୍ପତି ନେବା ପୂର୍ବରୁ ସୋରେନ ସ୍ୱୟଂ ଇସ୍ତଫା ଦେଇଦେବା ଦରକାର ବୋଲି ନିଶିକାନ୍ତ କହିଛନ୍ତି । ଏହାରି ଭିତରେ ହେମନ୍ତଙ୍କ ଘର ବାହାରେ ସମର୍ଥକ ଜୋରଦାର ନାରା ଲଗାଇଥିଲେ । କିଛି ପୋଲିସକର୍ମୀ ମଧ୍ୟ ତାଙ୍କ ସମର୍ଥନରେ ବାହାରିଥିଲେ । ଯାହା ପରେ ମୁଖ୍ୟମନ୍ତ୍ରୀ ଟ୍ୱିଟ୍ କରି ପରୋକ୍ଷରେ ବିଜେପି ଉପରେ ଆକ୍ରମଣ କରିଛନ୍ତି । ସାମ୍ବିଧାନିକ ସଂସ୍ଥାକୁ ତ କିଣିପାରିବ, ଜନସମର୍ଥନ କିପରି କିଣିବ ବୋଲି ପାଲଟା ପ୍ରଶ୍ନ କରିଛନ୍ତି ସୋରେନ । ଝାଡ଼ଖଣ୍ଡର ହଜାର ହଜାର ସଂଖ୍ୟାର ପୋଲିସକର୍ମୀଙ୍କ ସ୍ନେହ ଓ ଜନତାଙ୍କ ସମର୍ଥନ ହିଁ ମୋର ଶକ୍ତି ବୋଲି ଲେଖିଛନ୍ତି । ଏହା ପୂର୍ବରୁ ଇଡି ରାଞ୍ଚିରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସହଯୋଗୀ ପ୍ରେମ ପ୍ରକାଶଙ୍କ ଘରୁ ଦୁଇଟି ଏକେ-୪୭ ରାଇଫଲ ଜବତ କରିଥିଲା । ଯାହା ପରେ ପ୍ରେମ ପ୍ରକାଶଙ୍କୁ ଇଡି ଗିରଫ କରିଛି ।

# ୨୦୨୪ କଂଗ୍ରେସ ପାଇଁ ଶେଷ ସୁଯୋଗ ହେବ : ଜୟଦେବ ଜେନା



ଭୁବନେଶ୍ୱର,୨୫/୦୮ (ନି.ପ୍ର): ଖୁବ୍ ଶୀଘ୍ର ଜାତୀୟ କଂଗ୍ରେସର ନେତୃତ୍ୱ ପରିବର୍ତ୍ତନ ହେବ ବୋଲି ଚର୍ଚ୍ଚା ଚାଲିଥିବା ବେଳେ ବିସ୍ଫୋରକ ମନ୍ତବ୍ୟ ଦେଇଛନ୍ତି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା। ଗୁରୁବାର ଦିନ ଗଣମାଧ୍ୟମକୁ ଜୟଦେବ କହିଛନ୍ତି ଯେ ୨୦୨୪ କଂଗ୍ରେସ ପାଇଁ ହେବ ଶେଷ ସୁଯୋଗ। ୨୦୨୪ରେ କଂଗ୍ରେସ ଯଦି ଏକାଠି ହୋଇ ନିର୍ବାଚନ ଲଢ଼ିବନି, ତେବେ ଦଳକୁ କେହି ବଂଚାଇ ପାରିବେନି। ଏପରିକି ଭଗବାନ ବି ଦଳକୁ ରକ୍ଷା କରି ପାରିବେନି। ସେ ଆହୁରି କହିଛନ୍ତି, ରାଜ୍ୟ କଂଗ୍ରେସରେ ୯ଜଣ ବିଧାୟକ ଅଛନ୍ତି। ମୋକିମ ବାବୁ ନିଜ ବିବେକ କଥା ଶୁଣି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବା ବିଜେପିକୁ ଭୋଟ୍ ଦେଇଥିଲେ। ଆଉ ୮ଜଣଙ୍କ ମଧ୍ୟରେ କୌଣସି ବିବାଦ ନାହିଁ। ମୋକିମ ବାବୁ କଂଗ୍ରେସ ବିରୋଧରେ କିଛି ମନ୍ତବ୍ୟ ଦେଇ ନାହାନ୍ତି। ତେଣୁ କଂଗ୍ରେସ ୨୦୨୪ ନିର୍ବାଚନରେ ଏକାଠି ହୋଇ କାମ କରିବ। ଅପରପକ୍ଷରେ ବିଜେପି, ବିଜେଡି ସହ ମିଶିକରି ଅଛି। ସେମାନେ ଏକାଠି ହୋଇ ନିର୍ବାଚନ ଲଢ଼ିବେ। ସେହି ପରିସ୍ଥିତିରେ କଂଗ୍ରେସ ହେଉଛି ଏକ ମାତ୍ର ବିକଳ୍ପ। ଲୋକେ ବିଜେପି ଓ ବିଜେଡିଠାରୁ ମୁହଁ ବୁଲାଇଲେଣି। ସେ ଦୃଷ୍ଟିରୁ ଦେଖିଲେ ୨୦୨୪ ହେଉଛି ଆମ ପାଇଁ ଶେଷ ସୁଯୋଗ। ୨୦୨୪ରେ ଯଦି କଂଗ୍ରେସ କ୍ଷମତାକୁ ଆସେ ୧୦ରୁ୧୫ ବର୍ଷ କ୍ଷମତାରେ ରହିବ। ପଇସା ବାଂଟି ଭୋଟ କିଣିବା ବିଜେଡିର କାମ। ଲୋକେ ଯେତେବେଳେ ନିଷ୍ପତି ନେଇକି ଅନ୍ୟ ଆଡ଼େ ମୁହାଁଇବେ, ବିଜେଡିର କୌଣସି କୌଶଳ କାମ କରିବ ନାହିଁ। ରାଜ୍ୟରେ କଂଗ୍ରେସକୁ ଦୃଢ଼ କରିବା ପାଇଁ ଶରତ ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ଏକ ଟିମ୍ ଗଠନ କରିବେ। ଟିମ୍ ତିଆରି ପାଇଁ ସେ ସମସ୍ତଙ୍କୁ ପଚରାଉଚରା କରୁଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି ।କଂଗ୍ରେସର ପରବର୍ତ୍ତୀ ସଭାପତି କିଏ ହେବ, ସେ ନିଷ୍ପତି ସିଡବ୍ଲୁସି ବୈଠକରେ ହେବ। ଗାନ୍ଧୀ ପରିବାର ସହ ଲୋକେ ରହିବେ ବୋଲି ଜୟଦେବ ଜେନା କହିଛନ୍ତି।

## ହାତୀ ମୃତ୍ୟୁ ରୋକିବ ଜଏଂଟ ଟାସ୍କଫୋର୍ସ

ଭୁବନେଶ୍ୱର,୨୫/୦୮ (ନି.ପ୍ର): ରାଜ୍ୟରେ ହାତୀ ମୃତ୍ୟୁ ରୋକିବାକୁ ଗଠନ ହେବ ଜଏଂଟ ଟାସ୍କ ଫୋର୍ସ (ଜେଟିଏଫ୍)। ପୋଲିସ ଓ ବନ ବିଭାଗକୁ ନେଇ ଏହି ଜେଟିଏଫ୍ ଗଠନ ହେବ । ହାତୀ ମୃତ୍ୟୁ ଏବଂ ବନ୍ୟପ୍ରାଣୀ ଚାଲାଣ ରୋକିବା ପାଇଁ ଏହି ଫୋର୍ସ କାମ କରିବ । ଏନେଇ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି ପୋଲିସ ଡିଜି ସୁନୀଲ ବଂଶଲ। ସେପ୍ଟେମ୍ବର ୨୬ ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣୀ ହେବା ନେଇ ହାଇକୋର୍ଟ କହିଛନ୍ତି । ଗତ ୧୭ ତାରିଖରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ

▶▶ପୃଷ୍ଠା ୭

# କୋମାରୁ ଉଠିଲେ କମେଡି କିଙ୍ଗ୍ ରାଜୁ ଶ୍ରୀବାସ୍ତବ

## ଅମିତାଭଙ୍କ ଅଡିଓ ଶୁଣିବା ପରେ ସ୍ୱାସ୍ଥ୍ୟାବସ୍ଥାରେ ଆସିଲା ସୁଧାର



ନୂଆଦିଲ୍ଲୀ, ୨୫/୦୮ : ରାଜୁ ଉଠ.. ବହୁତ ହେଲା.. ଏବେ ବହୁତ କାମ କରିବାର ଅଛି.. ଏବେ ଉଠି ଯାଅ, ଆମ ସମସ୍ତଙ୍କୁ ହସିବା ଶିଖାଉ ଥାଅ.. । ଅସୁସ୍ଥ ଥିବା ଲୋକପ୍ରିୟ କମେଡିଆନ ରାଜୁ ଶ୍ରୀବାସ୍ତବଙ୍କୁ ଏଭଳି ଭଏସ ମେସେଜ୍ ପଠାଇଥିଲେ ବିଗ୍ ବି । ରାଜୁ ଦୀର୍ଘ ଦିନ ଧରି କୋମାରେ ଥିବା ବେଳେ ରାଜୁଙ୍କ ଉଦ୍ଦେଶ୍ୟରେ ଗୋଟିଏ ପରେ ଗୋଟିଏ ଭଏସ୍ ମେସେଜ୍ ପଠାଇ ଚାଲିଥିଲେ ଅମିତାଭ ବଚ୍ଚନ । ତିନି ଦିନରେ ପଠାଇଥିଲେ ୧୦ଟି ଭଏସ୍ ମେସେଜ୍ । ଆଉ ଏହି ଭିଡିଓ ମେସେଜ୍ ଏବେ ରାଜୁଙ୍କ ପାଇଁ ପାଇଁ ବରଦାନ ପାଲଟିଛି । ଧୀରେ ଧୀରେ ସୁସ୍ଥ ହେଉଛନ୍ତି ରାଜୁ ଶ୍ରୀବାସ୍ତବ । ଯାହାଙ୍କ ମିମିକ୍ରି କରି ଲୋକପ୍ରିୟ ହୋଇଥିଲେ, ତାଙ୍କରି ସ୍ୱର ଶୁଣି ଫେରିଲା ରାଜୁଙ୍କ ଚେତା । ରାଜୁଙ୍କ ପାଇଁ ଅଡିଓ ଥେରାପି କରିବାକୁ କହିଥିଲେ ଡାକ୍ତର । ଏଥିପାଇଁ ବିଭିନ୍ନ ପ୍ରକାର ପ୍ରୋଗ୍ରାମ, ଗୀତ, ଡାଏଲଗ ପରିବାର ଲୋକଙ୍କ କଥା ମଧ ତାଙ୍କୁ ଶୁଣାଯାଉଥିଲା । ହେଲେ କିଛି ପରିବର୍ତ୍ତନ ଘଟୁ ନଥିଲା । ହେଲେ ଅମିତାଭଙ୍କ ସ୍ୱର ଶୁଣିବା ପରେ ରାଜୁଙ୍କ ଅବସ୍ଥାରେ ପରିବର୍ତ୍ତନ ଦେଖାଦେଇଥିଲା, ଆଉ ୧୫ ଦିନ ପରେ ସେ ହୋସକୁ ଫେରିଲେ । ରାଜୁ ଶ୍ରୀବାସ୍ତବଙ୍କୁ ଗତ ୧୦ ତାରିଖରେ ହାର୍ଟ ଆଟାକ୍ ଆସିଥିଲା । ଜିମ୍‌ରେ ବ୍ୟାୟାମ କରିବାବେଳେ ହଠାତ୍ ସେ ପଡ଼ିଯାଇଥିଲେ । ତୁରନ୍ତ ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା । ସେବେଠାରୁ ଡାକ୍ତରଙ୍କ ଟିମ୍ ରାଜୁଙ୍କ ଚିକିତ୍ସାରେ ଲାଗିଛନ୍ତି ।

# ଭିସୁଟ୍‌କୁ ଇଂଜିନିୟରିଂ ଶିକ୍ଷାର ଉତ୍କର୍ଷ କେନ୍ଦ୍ର ଭାବରେ ବିକଶିତ କରାଯିବ

ଭୁବନେଶ୍ୱର,୨୫/୦୮ (ନି.ପ୍ର): ଦେଶରେ ଟେକ୍ନିକାଲ ଏଜୁକେସନ୍ କ୍ଷେତ୍ରରେ ଭିସୁଟ୍ ର ଗୁରୁତ୍ୱକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଙ୍କ ଅନୁମୋଦନ କ୍ରମେ ବୁର୍ଲା ସ୍ଥିତ ଭିସୁଟ୍ କୁ ଇଂଜିନିୟରିଂ ଶିକ୍ଷା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବରେ ବିକଶିତ କରାଯିବ। ଏଥିପାଇଁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯିବ ଏବଂ ଆଗାମୀ ୧୫ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପିତ କରାଯିବ। ଛାତ୍ର, ଶିକ୍ଷକ, ଶିକ୍ଷ ଜଗତ, ପୁରାତନ ଛାତ୍ରଛାତ୍ରୀ ତଥା ସ୍ଥାନୀୟ ପ୍ରଶାସନ ସହିତ ବ୍ୟାପକ ଆଲୋଚନା କରାଯାଇ ମାଷ୍ଟର ପ୍ଲାନ୍ ପ୍ରସ୍ତୁତକରାଯିବ। ଭିସୁଟ୍ କୁ ଆଇଆଇଟି ଓ ଅନ୍ୟ ଜାତୀୟ ଶିକ୍ଷାନୁଷ୍ଠାନ ପରି ଗଢି ତୋଳିବାକୁ ଏହି ମାଷ୍ଟର ପ୍ଲାନ୍ ହେବ। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପ୍ରମୁଖ ସଚିବ ହେମନ୍ତ ଶର୍ମା। ଗୁରୁବାର ସମ୍ବଲପୁର ଗସ୍ତରେ ଯାଇ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ମା' ସମଲେଶ୍ୱରୀ ମନ୍ଦିର ଓ ଅନ୍ୟାନ୍ୟ ରୂପାନ୍ତର କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ। ଭିସୁଟ୍ ରାଜ୍ୟର ଏକ ଅଗ୍ରଣୀ ଇଂଜିନିୟରିଂ କଲେଜ ଏବଂ ସାରା ଦେଶରେ ଏହାର ସୁଖ୍ୟାତି ରହିଛି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ ଭିସୁଟ୍ ଯାଇ ବିଶ୍ୱବିଦ୍ୟାଳୟର ଏକାଡେମିକ୍ ବ୍ଲକ୍ ରେ ଥିବା ଶ୍ରେଣୀ ଗୃହ ଓ ପରୀକ୍ଷାଗାର, ବିଶ୍ୱେଶ୍ୱରାୟା ଅଡିଟୋରିଅମ୍ , ପୁଲହ ପରିଦର୍ଶନ କରି

▶▶ପୃଷ୍ଠା ୭

# ମୁସଲମାନଙ୍କ ଛାଡପତ୍ର ଓ ଦ୍ୱିତୀୟ ବିବାହ ରୋକିପାରିବେନି କୋର୍ଟ




କେରଳ, ୨୫/୦୮ : ମୁସଲମାନଙ୍କ ଛାଡପତ୍ର ଏବଂ ଦ୍ୱିତୀୟ ବିବାହ ରୋକିପାରିବେନି କୋର୍ଟ । କେରଳ ହାଇକୋର୍ଟ ଏହି ମନ୍ତବ୍ୟ ରଖିଛନ୍ତି । ଫ୍ୟାମିଲି କୋର୍ଟରୁ ଲଗାଇଯାଇଥିବା ପ୍ରତିବନ୍ଧକକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଦୁଇଟି ଆବେଦନ ହୋଇଥିଲା । ଏହା ଉପରେ ଶୁଣାଣି କରି କେରଳ ହାଇକୋର୍ଟ ଏହି ପ୍ରତିକ୍ରିୟା ରଖିଛନ୍ତି । କୋଲ୍ଲମ ଅଞ୍ଚଳରେ ଗୋଟିଏ ମାମଲା ସାମ୍ନାକୁ ଆସିଥିଲା ଯେଉଁଠାରେ ଫ୍ୟାମେଲି କୋର୍ଟରେ ଜଣେ ମୁସଲିମ ମହିଳାଙ୍କ ଆବେଦନ ଉପରେ ତାଙ୍କ ସ୍ୱାମୀ ତଲାଖ କହିବା ଉପରେ ରୋକ ଲଗାଇଥିଲେ । ତେବେ ମହିଳା ଜଣଙ୍କୁ ତାଙ୍କ ସ୍ୱାମୀ ପୂର୍ବରୁ ଦୁଇଥର ତଲାଖ କହିସାରିଥିଲେ । ଏହା ପରେ କୋର୍ଟ ତାଙ୍କ ତଲାଖ କହିବା ଉପରେ ରୋକ ଲଗାଇଥିଲା । ତେବେ ମହିଳାଙ୍କ ସ୍ୱାମୀ ଆଇନଜୀବୀ ମାଜିଦା ଏସଙ୍କ ଜରିଆରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଫ୍ୟାମେଲି କୋର୍ଟରୁ ଜାରି ହୋଇଥିବା ଆଦେଶକୁ ସେ ଚ୍ୟାଲେଞ୍ଜ କରିଥିଲେ । କେରଳ ହାଇକୋର୍ଟରେ ମାମଲାର ବିଚାର ବେଳେ ଜଷ୍ଟିସ ଏ ମହମ୍ମଦ ମୁସ୍ତାକ ଏବଂ ଜଷ୍ଟିସ ସୋଫି ଥମ୍ପସନଙ୍କ ବେଞ୍ଚ ଫ୍ୟାମେଲି କୋର୍ଟର ଆଦେଶକୁ ଖାରଜ କରିଥିଲେ । ହାଇକୋର୍ଟ ସମ୍ବିଧାନର ଅନୁଚ୍ଛେଦ ୨୫କୁ ଦର୍ଶାଇ କହିଥିଲେ ବ୍ୟକ୍ତିଗତ ଆଇନର ବ୍ୟବହାର କରୁଥିବା ଲୋକଙ୍କୁ ରୋକିବା ପାଇଁ ଅଦାଲତର କୌଣସି ଭୂମିକା ନାହିଁ । କୋର୍ଟ ଆହୁରି ମଧ କହିଛନ୍ତି, ଯଦି ଏଭଳି କିଛି ଆଦେଶ ଜାରି କରାଯାଏ ତେବେ ସେହି ବ୍ୟକ୍ତିର ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ ହୋଇଥାଏ । ଫ୍ୟାମେଲି କୋର୍ଟ ଦ୍ୱିତୀୟ ବିବାହ କିମ୍ବା ଛାଡପତ୍ରକୁ ରୋକିପାରିବେ ନାହିଁ ।

# ୧୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର,୨୫/୦୮ (ନି.ପ୍ର): ଉତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ବର୍ତମାନ ଦକ୍ଷିଣ ଝାଡ଼ଖଣ୍ଡ ଏବଂ ପଡ଼ୋଶୀ ଅଂଚଳରେ ଉପରେ ଅବସ୍ଥିତ ରହିଛି। ଏଥିସହ ଏହା ସମୁଦ୍ର ପତନଠାରୁ ୪.୫ କିଲୋମିଟର ଉଚ୍ଚତାରେ ବିସ୍ତାରିତ ହୋଇ ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଂଜାମ, କନ୍ଧମାଳ, ନୟାଗଡ଼, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଂଜ ପ୍ରଭୃତି ୧୨ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ଓ ବଜ୍ରପାତ ସହ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲାଗୁଡ଼ିକୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।୨୬ ରୁ ୨୭ ତାରିଖ ମଧ୍ୟରେ କୌଣସି ଜିଲ୍ଲାକୁ ୱାର୍ଣ୍ଣିଂ ଜାରି କରାଯାଇନାହିଁ। ସେହିପରି ୨୭ରୁ ୨୮ ତାରିଖ ମଧ୍ୟରେ ସାରା ରାଜ୍ୟରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୨୫/୦୮ (ନି.ପ୍ର): ରାଜଧାନୀ ଭୁବନେଶ୍ୱରର ମଞ୍ଚେଶ୍ୱର ଥାନା ଅଧୀନ ଭାଗବତ ସନ୍ଧାନ ଅଂଚଳରେ ଥିବା ଏକ ଘରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ହେଲେ ପ୍ରଜ୍ଞା ପାରମିତା ଧଳ। ଗତକାଲି ରାତିରେ ସ୍ୱାମୀଙ୍କ ପଡ଼ୋଶୀଙ୍କ ଘରେ ଭୋଜିଭାତ କରିଥିବା ବେଳେ ସକାଳୁ ମହିଳାଙ୍କ ମୃତଦେହ ଉଦ୍ଧାର ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଖବର ପାଇ କମିଶନରେଟ୍ ପୋଲିସ୍ ପହଂଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରଜ୍ଞା ୬ ବର୍ଷ ତଳେ ବିବାହ କରି ଭାଗବତ ସନ୍ଧାନ ଅଂଚଳରେ ରହୁଥିଲେ। ଉଭୟ ସ୍ୱାମୀସ୍ତ୍ରୀ ଗତକାଲି ରାତିରେ ପଡ଼ୋଶୀଙ୍କ ଘରେ ଭୋଜିଭାତ କରିଥିଲେ। ହେଲେ ଆଜି ସକାଳୁ ପ୍ରଜ୍ଞାଙ୍କ ମୃତଦେହ ଘରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଉଭୟ ପତିପତ୍ନୀଙ୍କ ମଧ୍ୟରେ ପାରିବାରିକ ଅଶାନ୍ତି ଲାଗି ରହିଥିଲା ନା ଅନ୍ୟ କିଛି ସମସ୍ୟା ଥିଲା ତାହାର ଖୋଳତାଡ଼ କରୁଛି ପୋଲିସ୍।

# ଲିଙ୍ଗ ନିରୂପଣ କରୁଥିବା ଡାକ୍ତରାଣୀଙ୍କୁ ଅଢେଇ ବର୍ଷ ଜେଲ୍

ଭୁବନେଶ୍ୱର,୨୫/୦୮ (ନି.ପ୍ର): ବେଆଇନ ଭାବେ ଲିଙ୍ଗ ନିରୂପଣ କରୁଥିବା ଅଭିଯୋଗରେ ଡାକ୍ତରାଣୀଙ୍କୁ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ଡା. ନବନୀତା ପାଢୀଙ୍କୁ ଅଢେଇ ବର୍ଷ ଦଣ୍ଡାଦେଶ ଶୁଣାଇଛନ୍ତି ଭୁବନେଶ୍ୱର ଜେଏମଏଫସି କୋର୍ଟ। ଏହା ସହିତ ୯ହଜାର ଟଙ୍କା ଜୋରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ୭ଜଣ ସାକ୍ଷୀ ଓ ୧୪ ଦସ୍ତାବିଜ ପ୍ରମାଣ ଆଧାରରେ ରାୟ ଶୁଣାଇଛନ୍ତି କୋର୍ଟ । ୨୦୧୯ ମସିହାରେ ଜୟଦେବ ବିହାରରେ ଥିବା ଏକ କ୍ଲିନିକରେ ବେଆଇନ ଗର୍ଭପାତ ଓ ଲିଙ୍ଗ ନିରୁପଣ ହେଉଥିବା ଜଣାପଡ଼ିଥିଲା। ଚଢାଉ କରି କ୍ଲିନିକକୁ ସିଲ୍ କରିଥିଲା ପ୍ରଶାସନ।


ଦୈନିକ ନିରପେକ୍ଷ ସମ୍ବାଦପତ୍ର
ଧ୍ୱନି ପ୍ରତିଧ୍ୱନି
୩୩ଶ
ବାର୍ଷିକ ଉତ୍ସବ ସମାରୋହ-୨୦୨୨
ଅବଗାଣନା।
୨ ଦିନ ବାକି
ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ସ୍ୱଚରିତ କବିତା ପାଠୋତ୍ସବ, ପ୍ରତିଭା ସମ୍ମାନ ପର୍ବ ଏବଂ ବହୁ ଆକାଂକ୍ଷିତ 'ଧ୍ୱନି ପ୍ରତିଧ୍ୱନି'ର ବାର୍ଷିକ ବିଶେଷାଙ୍କ ଉନ୍ମୋଚନ କରାଯିବ । ସମସ୍ତଙ୍କୁ ସାଦର ଆମନ୍ତ୍ରଣ ।
୨୮ ଅଗଷ୍ଟ, ୨୦୨୨, ରବିବାର @ପୂର୍ବାହ୍ନ- ୯ଟା
ସ୍ଥାନ : ଭେନିୟା ପାରାଡାଇଜ, ବାଲେଶ୍ୱର

## ଜାତୀୟ କ୍ରୀଡ଼ା ଜୁଡ଼ୋରେ ଭାଗନେବେ ମାଲକାନଗିରିର ମାସି ହନ୍ତାଳ

ମାଲକାନଗିରି,୨୫/୦୬ (ନି.ପ୍ର): ଅଲମ୍ପିକ ସଂଘର ମିଳିତ ଅନୁକୁଲ୍ୟରେ ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ୩୬ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ରାଜ୍ୟ ଜୁଡ଼ୋ ସଂଘ ( ଓସ୍ ) ର ( ୩ ପୁରୁଷ ଓ ୪ ମହିଳା ) ୭ ଜଣ ଖେଳାଳି ଅଂଶଗ୍ରହଣ କରିବେ । ଜାତୀୟ କ୍ରୀଡ଼ାକୁ ଓଡ଼ିଶା ଜୁଡ଼ୋକାମାନେ ଅଂଶଗ୍ରହଣ କରିବା ଲାଗି ଯୋଗ୍ୟତା ଅର୍ଜନ କରିବା ଏହା ପ୍ରଥମ ଘଟଣା । ଯୋଗ୍ୟତା ଅର୍ଜନ କରିଥିବା ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ମାଲକାନଗିରିର ମାସି ହନ୍ତାଳ। ସେ ୬୦ କେଜି ବର୍ଗରେ ଚୟନ ହୋଇଛନ୍ତି। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳ ପାପରମେଟଲା ଗ୍ରାମର ଏହି ଆଦିବାସୀ ଯୁବକ ଦୀର୍ଘ ୧୦ ବର୍ଷ ଧରି ମାଲକାନଗିରି ସ୍ଥିତ ଅଲ ଓଡିଶା ମାର୍ସଲ ଆର୍ଟ ଏକାଡେମୀରେ ପ୍ରଶିକ୍ଷକ ବିନାଶ କୁମାର ମିଶ୍ରଙ୍କ ଠାରୁ ତାଲିମ ନେଇ ନିଜ ଜୁଡୋ ଜୀବନ ଆରମ୍ଭ କରିଛନ୍ତି। ସେ ଚଳିତ ମାସ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଲକ୍ଷ୍ନୌଠାରେ ଆୟୋଜିତ ଜାତୀୟ ବରିଷ୍ଠ ଜୁଡ଼ୋ ପ୍ରତିଯୋଗିତାରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଜାତୀୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଜାତୀୟ କ୍ରୀଡା ଜୁଡୋରେ ଭାଗ ନେବା ପାଇଁ ଚୟନ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ଜିଲ୍ଲାବାସୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଧର୍ମଶାଳା ଗାର୍ଲସ ୱିଙ୍ଗର କର୍ମକର୍ତ୍ତା ଚୟନ

ଧର୍ମଶାଳା,୨୫/୦୬ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଅନୁମୋଦନ କ୍ରମେ ଧର୍ମଶାଳା ବିଜେଡି ଗାର୍ଲସ ୱିଙ୍ଗର ସଭାନେତ୍ରୀ କ୍ଷୀରାବ୍ଧି ତନୟା ମଲ୍ଲିକ୍‌ଙ୍କ ନେତୃତ୍ୱରେ ପଂଚାୟତର ନୂତନ ସଭାନେତ୍ରୀ ଓ ବ୍ଲକ୍ର କର୍ମକର୍ତାମାନଙ୍କ ନାମ ବିଜୁ ଜନତା ଦଳ କାର୍ଯ୍ୟାଳୟ ଜାରକା ଠାରେ ଘୋଷଣା କରାଯାଇଛି । ଉପସଭାପତି ଭାବେ ସାଇନା ଖାତୁନ, ଚିନ୍ମୟୀ ବେହୁରା, ଅର୍ଘ୍ୟରୂପା ନାୟକ, ପୂର୍ଣ୍ଣିମା ରାଉତ, ରାଜଶ୍ରୀ ଲେଙ୍କା ଏବଂ ରୋଜାଲିନ ଜଟଙ୍କ ନାମ ଘୋଷଣା କରାଯାଇଥିବା ବେଳେ ବିଜେଡି ଗାଲର୍ସ ୱିଙ୍ଗ୍ ଜୋନ ସଭାପତି ଭାବେ ଜୋନ-୧୧ ଅନିତା ବେହେରା, ଜୋନ-୧୨ ସ୍ୱେତାଲିନା ବରାଳ, ଜୋନ-୧୩ ସ୍ମୃତିରେଖା ବେହେରା, ଜୋନ-୧୪ ସୁଜାତା ଦାଶ, ଜୋନ-୧୫ ଲିସାରାଣୀ ମହାନ୍ତି ଓ ଜୋନ-୩୪ ରସୁଲପୁର ସୌଦାମିନୀ ସାମଲଙ୍କ ନାମ ଘୋଷଣା କରାଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ ଅଞ୍ଜୁମ ନିଗାର ସୁଲତାନା, ପ୍ରିୟତମା ରାଉତ, ଜ୍ୟୋତି କବି, ପ୍ରମୋଦିନୀ ସ୍ୱାଇଁ, ସ୍ମରଣିକା ପଣ୍ଡା, ସଫଳା ବେହେରା, ସୁଦେଷ୍ଣା ଓଝା, ରୋଜାଲିନ ରାଉତ, ପୂଜାପ୍ରିୟଦର୍ଶିନୀ ସେଠୀ, କଳ୍ପନା ମହାରଣା, ଦିପ୍ତିରେଖା ସ୍ୱାଇଁ, ରୋଜାଲିନ ନାୟକ, ଶୁଭସ୍ମିତା ପଣ୍ଡା, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ସଙ୍ଗିତା ନାୟକ, ସୌଦାମିନୀ ପ୍ରଧାନ, ସୀମା ସାହୁ, ତେଜସ୍ୱିନି ରାଉତ, ଡିଜିଟାଲ ସେକ୍ରେଟାରୀ ଭାବେ ସଲମା ଖାତୁନ ଓ ଜ୍ୟୋସ୍ନାରାଣୀ ବେହେରା, ୫୪ ଗୋଟି ପଂଚାୟତର ସଭାନେତ୍ରୀ ଏଣ୍ଡଳବା ଗ୍ରାମ ପଂଚାୟତର ସୁରଭି ସାହୁ, ରେଖିଦେଇପୁର ବନିତା ରାଉତ, ରାଇଛନ୍ଦା ଭାରତୀ ଜେନା, ଚକ୍ରଧରପୁର ଅମ୍ବିକା ନାୟକ, ତାଳଜଙ୍ଗର କଳ୍ପନା ମହାନ୍ତି, ଅଞ୍ଜିରାର ଲିଜା ଦାସ, ମଧୁସୂଦନପୁର ଉସାରାଣୀ ନାୟକ, କବାଟବନ୍ଧ ଝୁନାରାଣୀ ପାତ୍ର, ମର୍ଜିତାପୁର କ୍ରୀଷ୍ଣାରାଣୀ ପ୍ରଧାନ, ବୃନ୍ଦାଦେଇପୁର ବିଜୟଲକ୍ଷ୍ମୀ ମହାନ୍ତି, ଜେନାପୁର ସିତୁ ସାହୁ, କମାଗଡ ମଧୁସ୍ମିତା ଜେନା, ମଧୁପୁରଗଡ ଚନ୍ଦ୍ରକଳା ଦାସ, ମହିଶରା ରେଶ୍ମାରାଣୀ ବେହେରା, ପୁରୁଣାବଉଳମାଳ ମଧୁସ୍ମିତା ବେଜ, ସାହାଣୀଡିହ ଅନିତା ପ୍ରଧାନ, ସମ୍ପାରୁ ଲକ୍ଷ୍ମୀପ୍ରିୟା ଜେନା, ଅଫିଆ ଲଳିତା ଦଳାଇ, ତରଞ୍ଜିଆ ସରିତ ସଙ୍ଗିତା ଜେନା, ଆରୁହା ସୋନାଲି ରଶ୍ମିତା ଜେନା, ପାଖର ସୁଚିସ୍ମିତା , ଥାନୁଆଳ ବନଲତା ପାତ୍ର, ଗଙ୍ଗାଧରପୁର ରୋଜି ସ୍ୱାଇଁ, କୁମାରୀ ରଶ୍ମିତା ତରାଇ, ହରିଦାସପୁର ପୂଜା ପାତ୍ର, ନେଉଳପୁର ସାହିସ୍ତା ପରୱିନ, କ୍ଷେତ୍ରପାଳ ସୁଲୋଚନା ସାହୁ, କଂଟିଗଡିଆ ମୋନାଲିସା ଜେନା, ଜାରକା ପ୍ରଭାତୀ ସାହୁ, ଚୋରମୁହାଁ ମସ୍ତିୟା ପରୱିନ, ଚହଟା ପ୍ରାଚୀପ୍ରଭା ରାଉତ, ଅଭୟପୁର ବର୍ଷା ପ୍ରଧାନ, ଭବାନୀପୁର ଶଭଶ୍ରୀ ରାଉତ, ବଡକାଏମା ଜ୍ୟୋସ୍ନାରାଣୀ ରାଉତ, ମିର୍ଜାପୁର ସଙ୍ଗିତା ପରିଡା, ପାଟପୁର ଶୁଭସ୍ମିତା ଧଳ, ସୁନ୍ଦରିଆ ସୁନିତା ଦାସ, ଉତରପ୍ରତାପ ପ୍ରସ୍ମିତା ମହାରଣା, ଦେଓଦା ରାଜନନ୍ଦୀନି ନାଥ, ମଙ୍ଗଳପୁର ଚନ୍ଦନା ମଲ୍ଲିକ୍, ଅରାବଳ ସରୋଜିକାନ୍ତି ସାମଲ, କୋତପୁର ଅନିସା ସାହୁ, କଦମପାଳ ତୃପ୍ତି ମହାନ୍ତି, ଅରେଇକଣା ରୋଜାଲିନ ରାୟ, ପଟୁଣିଆ ସ୍ମୃତିରେଖା ସାମଲ, ଜାବରା ମିତାଲି ବେହେରା, ଶ୍ରୀବନ୍ତପୁର ସିଲି ରାଉତ, ନଟୁଆବର ସୌଭାଗ୍ୟବତୀ ବରାଳ, ସିଂହପୁର ସୋନାଲି ଦାସ, କଳଣ ସୁଶ୍ରୀ ସୋନିତା ବିଶ୍ୱାଳ, ଓଡିଶୋ ସୁଚିସ୍ମିତା ସାହୁ, ବାରବାଟୀ ପୂଜାରାଣୀ ପ୍ରଧାନ, ରାହାମ୍ବା ଶ୍ରାବଣୀ ନାଥ ଏବଂ ରସୁଲପୁର ଐସୋର୍ଯ୍ୟା ସାହୁଙ୍କ ନାମ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଘୋଷଣା କରାଯାଇଥିଲା । ଧର୍ମଶାଳା ବିଜେଡି ଗାର୍ଲସ ୱିଙ୍ଗସ୍ର ସଂଗଠନକୁ ମଜବୁତ କରିବା ସହିତ ବିଧାୟକ ଶ୍ରୀଯୁକ୍ତ ବଳବନ୍ତରାୟଙ୍କ ବିକାଶର ଧର୍ମଶାଳାକୁ ଆଗେଇ ନେବାପାଇଁ ସଭାନେତ୍ରୀ ଏବଂ କର୍ମୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ବିଜେଡି ଗାର୍ଲସ ୱିଙ୍ଗସର ସଭାନେତ୍ରୀ କ୍ଷୀରାବ୍ଧି ତନୟା ମଲ୍ଲିକ ପଂଚାୟତ ସଭାପତିଙ୍କ ନାମ ଘୋଷଣା ବେଳେ ତାଙ୍କ ବକ୍ତବ୍ୟରେ ମତ ରଖି ଥିଲେ ।

## କନ୍ଧମାଳ ସାଂସଦଙ୍କ ବନ୍ୟା ପରିସ୍ଥିତି ସମୀକ୍ଷା ଓ ଜିଲ୍ଲାର ବିକାଶ ନେଇ ଆଲୋଚନା

କନ୍ଧମାଳ,୨୫/୦୬ (ନି.ପ୍ର): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଆଜି ଫୁଲବାଣୀଠାରେ ସାଂସଦ ଅଚ୍ୟୁତ ସାମନ୍ତ କନ୍ଧମାଳ ଜିଲ୍ଲାରେ ସାମ୍ପ୍ରତିକ ବର୍ଷା ଓ ବନ୍ୟା ପରିସ୍ଥିତି ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନେଇ ଜିଲ୍ଲା ପ୍ରସାସନ ସହ ଆଲୋଚନା କରିଥିଲେ । ଏହି ବୈଠକରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚନ୍ଦ୍ରମଣି କହଁର, ଜି ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ଓ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକଙ୍କ ସହ ଜିଲ୍ଲାର ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଶେଷ କରି କନ୍ଧମାଳ ଜିଲ୍ଲାରେ ପର୍ଯ୍ୟଟନ ଓ କ୍ରୀଡ଼ାର ବିକାଶ ସହ ସମସ୍ତ ଅଞ୍ଚଳରେ ଟେଲି ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ିକରଣ ପାଇଁ ବିଭିନ୍ନ ଅଞ୍ଚଳରେ ଟେଲିଫୋନ୍ ଟାୱାର ସ୍ଥାପନ ଏବଂ ସରକାରଙ୍କ ପକ୍ଷରୁ ଗରିବ ଲୋକଙ୍କୁ ଗୃହ ଯୋଗାଣ ଉପରେ ସାଂସଦ ସାମନ୍ତ ଗୁରୁତ୍ୱାରୋପ କରିଥିଲେ । ଆଜି ସକାଳେ ସାଂସଦ ଅଚ୍ୟୁତ ସାମନ୍ତ କନ୍ଧମାଳ ଜିଲ୍ଲାରେ ବିଜୁ ଜନତା ଦଳର ସାଂଗଠନିକ କାର୍ଯ୍ୟ ସହ ଜିଲ୍ଲାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ନେଇ ବିଜେଡ଼ି ଜିଲ୍ଲା ସଭାପତି ସରୋଜ କର୍ଣ୍ଣ, ଜିଲ୍ଲା ବିଜେଡ଼ି ମହିଳା ସଭାପତି ପୁନମ୍ କହଁର, ଜିଲ୍ଲା ଯୁବ ବିଜେଡ଼ି ସଭାପତି ବିଷ୍ଣୁ ଚରଣ ପ୍ରଧାନ, ଛାତ୍ର ବିଜେଡ଼ି ଜିଲ୍ଲା ସଭାପତି ସୁନୀଲ ସେଠି ଓ ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସାଂସଦ ଅଚ୍ୟୁତ ସାମନ୍ତ ଆଜି ଫୁଲବାଣୀଠାରେ ରୋଗୀ କଲ୍ୟାଣ ସମିତି ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଜିଲ୍ଲା ସ୍ୱାସ୍ଥ୍ୟ ମିଶନ କମିଟି ବୈଠକରେ ଯୋଗ ଦେଇ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ସାଂସଦ ଅଚ୍ୟୁତ ସାମନ୍ତ ଆବଶ୍ୟକ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅଚ୍ୟୁତ ସାମନ୍ତ ଭ୍ରାମ୍ୟମାଣ ପ୍ରସବ ଯାନ ଓ ଭ୍ରାମ୍ୟମାଣ ଚିକିତ୍ସା ଯାନର ଲୋକାର୍ପଣ କରିଥିଲେ ।

## ଏଚଡିଏଫସି ବ୍ୟାଙ୍କ ପକ୍ଷରୁ ଋଣ ମେଳା ଅନୁଷ୍ଠିତ

ମାଲକାନଗିରି,୨୫/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ଏଚଡିଏଫସି ବ୍ୟାଙ୍କ ତରଫରୁ ଆଜି ଗ୍ରାମୀଣ ଋଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଗ୍ରାମୀଣ ଋଣ ମହୋତ୍ସବରେ ୨ ଜଣଙ୍କୁ କିଷାନ ଗୋଲ୍ଡ ଲୋନ୍ ,୨ ଜଣଙ୍କୁ ଟ୍ରାକ୍ଟର ଲୋନ, ୪ ଜଣଙ୍କୁ କାର ଲୋନ,୧୦ ଜଣଙ୍କୁ ବ୍ୟକ୍ତିଗତ ଲୋନ, ୭ ଜଣଙ୍କୁ ବିଜନେସ ଲୋନ୍, ୨୦ ଜଣଙ୍କୁ ଅଟଳ ପେନସନ ଯୋଜନା ଓ ୧୧ ଜଣଙ୍କୁ ସିସି ଲୋନ ପ୍ରଦାନ କରାଯାଇଥିଲା । ଏହି ଗ୍ରାମୀଣ ଋଣ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଗ୍ରାମ୍ୟ ଉନୟନ୍ନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ, ସମ୍ମାନିତ ଅତିଥି ଭାବେ ଏଲ ଡି ଏମ ନରସିଂହ ପାଢ଼ୀ, ଏଚଡିଏଫସି ବ୍ୟାଙ୍କ ମ୍ୟାନେଜର ସଞ୍ଜୟ ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଗ୍ରାମୀଣ ଋଣ ମହୋତ୍ସବରେ ମହିନ୍ଦ୍ରା, ଟାଟା, ପାୱାର ଟ୍ରାକ୍ଟର, ସ୍ୱରାଜ କମ୍ପାନୀ ଯୋଗଦାନ କରିଥିଲେ।

## ବିପୁଳ ପରିମାଣର ଗୁଟଖା ଜବତ : ଦୁଇ ଗିରଫ

ଗଞ୍ଜାମ,୨୫/୦୬ (ନି.ପ୍ର): ବ୍ରହ୍ମପୁର ସଦର ଥାନା ପୋଲିସ ପକ୍ଷରୁ ଆଜି ଏକ ବେଆଇନ ଗୁଟଖା ଫେକ୍ଟ୍ରି ଉପରେ ଚଢ଼ଉ ହୋଇଛି। ୩୨ବସ୍ତା ଡିଲକ୍ସ ମିକ୍ସ ଓ ହରିଡ଼ାଖଣ୍ଡି ଜବତ ହୋଇଛି । ଏଥି ସହ ବହୁ ପରିମାଣରେ ମସଲା ସାମଗ୍ରୀ ଗୁଟଖାରେ ବ୍ୟବହାର ପାଇଁ ମହଜୁଦ ରହିଥିଲା ତାହାକୁ ମଧ୍ୟ ଜବତ କରାଯାଇଛି । ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କାଲୁ ପାତ୍ର ସାହି ଅଂଚଳର କୈଳାସ ସାହୁ ଓ ଶଙ୍କର ସାହୁ। ଏମାନେ ପୂର୍ବରୁ ବଡ ବଜାର ଅଂଚଳରେ ଏଭଳି ଗୁଟଖା ବ୍ୟବସାୟ କରୁଥିଲେ। ପୋଲିସ ବାରମ୍ବାର ଚଢ଼ଉ ପରେ ସହର ଉପକଣ୍ଠରେ ଘର ଭଡ଼ା ନେଇ ଏହି ବ୍ୟବସାୟ ଚଳାଇଛନ୍ତି। ଏହି ଦୁଇ ଜଣ ପୂର୍ବରୁ ଏକ ଗୁଟଖା ଫେକ୍ଟ୍ରିରେ କାମ କରୁଥିଲେ। ସେହି ଫେକ୍ଟ୍ରୀରେ ଚଢ଼ଉ ପରେ ଏମାନେ ଏବେ ନିଜେ ଏକ ଚୋରାରେ ଫେକ୍ଟ୍ରୀ ଖୋଲି ବ୍ୟବସାୟ କରୁଥିଲେ। ଜବତ ଗୁଟଖାର ଦାମ ୨୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି ।

## ଭୁବନ ମହିଳା ମହାବିଦ୍ୟାଳୟରେ ବିଶ୍ୱ ଉଦ୍ୟୋଗୀ ଦିବସ ପାଳିତ

ଭୁବନ,୨୫/୦୬ (ନି.ପ୍ର): ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାବଲମ୍ବୀ ଭାରତ ଅଭିଯାନ ଆନୁକୂଲ୍ୟରେ ବିଶ୍ୱ ଉଦ୍ୟୋଗୀ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଥିଲେ ଯେ, ଆଜିର ଯୁବପିଢ଼ୀ କେବଳ ଚାକିରି ପଛରେ ନଗୋଡ଼ାଇ ନିଜେ ସ୍ୱାବଲମ୍ବୀ ହେବାସହ ନିଯୁକ୍ତି ସୃଷ୍ଟି କରିବା ଉଚିତ୍ ବୋଲି ମତବ୍ୟକ୍ତ କରିବା ସହ ନିଜର ଉଦ୍ୟୋଗର ସଫଳ କାହାଣୀ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସ୍ୱାବଲମ୍ବନ ଭାରତ ଅଭିଯାନ ଢେଙ୍କାନାଳ ବିଭାଗ ପ୍ରମୁଖ ଚିନ୍ମୟ ପ୍ରସାଦ ରଥ ଭାରତୀୟ ଉଦ୍ୟୋଗ ସମ୍ବନ୍ଧରେ ଆଲୋକପାତ କରି ଉଦ୍ୟୋଗ ଦ୍ୱାରା ବେକାରୀ ସମସ୍ୟା ସମାଧାନ ହେବାସହ ଅର୍ଥନୀତି ସୁଦୃଢ଼ ହୋଇପାରିବ ବୋଲି କହିଥିଲେ। ଆଇକ୍ୟୁଏସି ସଂଯୋଜିକା ଡକ୍ଟର ନମିତା ଦାଶ ନୂତନ ଚିନ୍ତନ ହିଁ ଉଦ୍ୟୋଗ ବିକାଶରେ ସହାୟକ ହେବ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶ୍ରୀଜଗନ୍ନାଥ ଫର୍ଣ୍ଣିଚର ସତ୍ତ୍ୱାଧିକାରୀ ରବି ନାରାୟଣ ସାହୁ ଯୋଗଦେଇ ନିଜ ଉଦ୍ୟୋଗ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ନିରଂଜନ ନାୟକ ଓ ସ୍ୱାବଲମ୍ବନ ଭାରତ ଅଭିଯାନ ସଦସ୍ୟ ନିରଞ୍ଜନ ଗୁରୁ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ୪ ଜଣ ସଫଳ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## କୃଷି ସମବାୟଗୁଡିକୁ କମ୍ପ୍ୟୁଟରକରଣ କରିବା ପାଇଁ ସଂପାଦକଙ୍କୁ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା,୨୫/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଥିବା ୧୨୧ଟି କୃଷି ସମବାୟ ସମିତି ଗୁଡିକୁ ସଂପୂର୍ଣ୍ଣ କମ୍ପ୍ୟୁଟରକରଣ କରିବା ପାଇଁ କୃଷି ସମବାୟ ସମିତିର ସଂପାଦକ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ବୁଧବାର ନିୟନ୍ତ୍ରିତ ବଜାର କମିଟି ପରିସରରେ ଡିଆରସିଏସ୍ ରୁଦ୍ର ପ୍ରସାଦ ଦାସ, ସମବାୟର ଉପ ସଚିବ ବିଜୟକାନ୍ତ ସାହୁ, କେନ୍ଦ୍ରାପଡାର ଏଆରସିଏସ୍ ସନ୍ତୋଷ କୁମାର ଦାସ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ତାପସ ପ୍ରସାଦ ସିଂହ, ସମବାୟ ନିରୀକ୍ଷକ ସଚ୍ଚିଦାନନ୍ଦ ଜେନା, ଜମଧର କୃଷି ସମବାୟ ସମିତିର ସଂପାଦକ ବୈରାଗୀ ଚରଣ ସାହୁଙ୍କ ସମେତ ଜିଲ୍ଲାର ୯ଟି ବ୍ଲକର ଶାଖା ପରିଚାଳକ ଏବଂ ସଂପାଦକମାନେ ଉପସ୍ଥିତ ରହି ସମବାୟ ବିଭାଗର ସ୍ୱଚ୍ଛତା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସଂପୂର୍ଣ୍ଣ ଭାବରେ କମ୍ପ୍ୟୁଟରକରଣ କରିବା ପାଇଁ ପ୍ରସ୍ତୁତି ହୋଇଛି । କୃଷି ସମବାୟ ସମିତିରେ ଋଣ ପ୍ରଦାନ, ଋଣ ଆଦାୟ, ଜମା ସଂଗ୍ରହ, ସାର, ବିହନ, ଧାନ ବିକ୍ରୟ, ସମସ୍ତ ତଥ୍ୟ ଗୁଡିକୁ କମ୍ପ୍ୟୁଟର ମାନଙ୍କରେ ପଞ୍ଜିକରଣ କରିବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।

## ବ୍ରହ୍ମଗିରି ଅଂଚଳର ବିକାଶ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ପୁରୀ,୨୫/୦୬ (ନି.ପ୍ର): ବ୍ରହ୍ମଗିରି ଅଂଚଳର ବିକାଶ ପାଇଁ ବ୍ରହ୍ମଗିରି ବିକାଶ ମଂଚ (ବି.ବି.ଏମ) ପକ୍ଷରୁ ଆଜି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ମଂଚର ଆବାହକ କୈଳାସ ପରିଡାଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି। ଶ୍ରୀ ଅଲାରନାଥ ମନ୍ଦିର ବିକାଶ ପାଇଁ ୫-ଟି ସଚିବଙ୍କ କାର୍ଯ୍ୟକୁ ପ୍ରଶଂସା କରାଯିବା ସହ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ପାଇଁ ଦାବୀ କରିଥିଲେ। ପୁରୀ -ସାତପଡ଼ା ରାସ୍ତାରେ ଗାଈଗୋରୁ ଚଳପ୍ରଚଳ ବନ୍ଦ କରି ଗୋଶାଳା ଖୋଲାଯାଉ, ବନ୍ୟାରେ ପ୍ରଚୁର କଲିକତି ଦଳ ରନ୍ଚିରା, ଭାର୍ଗବୀ, ଲୁଣା ନଦୀରେ ଜମିରହି ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି, ଏହାକୁ ସଫା କରାଯାଉ। ବନ୍ୟାରେ ଚାଷିଙ୍କୁ କ୍ଷୟକ୍ଷତି ଦିଆଯାଉ। ବାଲିହରଚଣ୍ଡୀ ମନ୍ଦିରର ଉନ୍ନତି ଓ ଚାରିପଟ ଉନ୍ନତିକରଣ କରାଯାଉ। ଏହି ଦାବିପତ୍ର ଦେବା ସମୟରେ ଯୁବନେତା ଶକ୍ତି ପ୍ରସାଦ ପ୍ରଧାନ, ପ୍ରଦୀପ ପଲାଇ, ସତ୍ୟବ୍ରତ ବେହେରା, ସୂର୍ଯ୍ୟକାନ୍ତ ଦଳାଇ, ଜିତେନ୍ଦ୍ର ବେହେରା, ବିଦ୍ୟାଧର ମାଣିଆ, ଦେବାଶିଷ ଦଳାଇ, ସୁକାନ୍ତ ପ୍ରଧାନ ଓ ସଂଗ୍ରାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଭଡ଼ା ଟଙ୍କା ପଞ୍ଚାୟତ କାର୍ଯ୍ୟାଳୟରେ ଦେବାକୁ ଦାବି

ଜୟପୁର,୨୫/୦୬ (ନି.ପ୍ର): ହିତାଧିକାରି ଙ୍କୁ ମାସିକ ଭଡା ଟଙ୍କା ପଞ୍ଚାୟତ କାର୍ଯ୍ୟାଳୟରେ ଦିଆଯାଉ ବୋଲି ଦାବି କରି ସମାଜସେବୀ ବି ହରିରାଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ମନୋଜ ନାୟକ ଙ୍କୁଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବୀପତ୍ରରେ ଉଲ୍ଲଖ କରାଯାଇଛି ଯେ ବ୍ଲକରେ ହାତାଧିକାରୀଙ୍କୁ ସରକାରଙ୍କ ତରଫରୁ ଦିଆଯାଉଥିବା ଭଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପିଇଓଙ୍କ ଦ୍ୱାରା ଦିଆଯାଉଥିଲା । ଏହା ଦ୍ୱାରା ହିତାଧିକାରୀମାନେ ଉପକୃତ ହେଉଥିଲେ । କିନ୍ତୁ ୧୦ରୁ ୧୨ ମାସ ହେବ ହିତାଧିକାରି ଙ୍କ ବ୍ୟାଙ୍କ ଜମା ଖାତାରେ ଜମା କରାଯାଉଛି । ଫଳରେ ହାତାଧିକାରୀମାନେ ହଇରାଣ ହେଉଥିବା ଲକ୍ଷ୍ୟ କରାଯାଉଛି । ସମାନ ସମୟରେ ଜମା ଖାତାକୁ ଟଙ୍କା ଯାଉ ନଥିବା ବେଳେ ହିତାଧିକାରୀମାନେ ୨ରୁ ୩ ଥର ବ୍ୟାଙ୍କକୁ ଯିବାକୁ ପଡୁଛି । ଶହେରୁ ଶେହେ ପଶାଚ ଟଙ୍କା ଖର୍ଚ୍ଚାନ୍ତ ମଧ୍ୟ ହେବାକୁ ପଡୁଛି । ଏହା ସହ ୨ରୁ ୩ ମାସ ଯାଏ ଜମା ଖାତାକୁ ଭଡା ଟଙ୍କା ଆସୁ ନାହିଁ । ତେଣୁ ଭଡା ଟଙ୍କା ପୂର୍ବ ଭଳି ପଞ୍ଚାୟତ କାର୍ଯ୍ୟାଳୟରେ ଦେବାକୁ ଦାବୀ ହୋଇଛି ।

## ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ନାହାଁଣାଗାଁ ଗ୍ରାମବାସୀଙ୍କ ତହସିଲଦାରଙ୍କୁ ଦାବିପତ୍ର

କନ୍ଧମାଳ ,୨୫/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ସହର ସ୍ଥିତ କାଳିପୂଜା ସାହିରେ ଥିବା ଗୋଚର ଜମିକୁ କିଛି ଲୋକ ବେଆଇନ ଭାବେ ଜବରଦଖଲ କରିଥିବା ଅଭିଯୋଗ କରି ନାହାଣା ଗାଁ ଗ୍ରାମ ବାସୀ ଏହାକୁ ଉଚ୍ଛେଦ କରିବା ପାଇଁ ଫିରିଙ୍ଗିଆ ତହସିଲଦାର ଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଏହି ଗୋଚର ଜମିରେ ଆବାହମାନ କାଳରୁ ନହଣାଗାଁ ସହ ଫିରିଙ୍ଗିଆ ସହରର ଅନ୍ୟକିଛି ସାହିର ଲୋକେ ଗାରୁଗାଇ ଚରାଇବା ପାଇଁ ବ୍ୟବହାର କରିଆସୁଛନ୍ତି। ତେବେ ବର୍ତ୍ତମାନ ଏହି କାଳିପୂଜା ସାହିରେ ଥିବା ଗୋଚର ଜମିକୁ କିଛି ଲୋକ ଜବରଦଖଲ କରି ଏଠାରେ ଗାଡ଼ି ଗ୍ୟାରେଜ,ଛେଳି ଗୁହାଳ, କରିଥିବାବେଳେ ବାଲି, ଗୋଡ଼ି, ରଖି ବ୍ୟବସାୟ କରି ଜାଗାକୁ ଅକ୍ତିଆର କରିଥିବା ରୁ ନାହାଣା ଗାଁ ଓ ଉପରପଡା ଗ୍ରାମ ର ଗୋରୁଗାଈ ଚରିବାପାଇଁ ଅସୁବିଧା ହେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତେଣୁ ଏହାକୁ ଉଚ୍ଛେଦ କରିବା ପାଇଁ ଗ୍ରାମ ର ଓ୍ୱାର୍ଡ ମେମ୍ବର ରାଜ କିଶୋର ପ୍ରଧାନ, ଅକ୍ଷୟ କର୍ଣ୍ଣ, ମାର୍କଣ୍ଡ ପାତ୍ର ,ସୁବେ ଦିଗାଲ,ଟୁକୁନା ପ୍ରଧାନ, ପବିତ୍ର କହଁର, ହେମନ୍ତ ମହାକୁଡ଼ ,ନଟବର ପ୍ରଧାନ, ମାନଗୋବିନ୍ଦ ଦିଗାଲ ଅଶୋକ କୁମାର ସାହୁ ଙ୍କ ସମେତ ଗ୍ରାମ ର ସତାଧିକ ଲୋକ ତହସିଲ କାର୍ଯ୍ୟାଳୟ ରେ ପହଞ୍ଚି ଅଭିଯୋଗ କରିଛନ୍ତି। ଏହାକୁ ଉଚ୍ଛେଦ ନ କଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ତେଜିବ ବୋଲି ଚେତାବନୀ ଦେଇଛନ୍ତି।

## ଭୁବନର ପ୍ରସିଦ୍ଧ ଗଣେଶପୂଜା ପାଇଁ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ

ଭୁବନ,୨୫/୦୬ (ନି.ପ୍ର): ଭୁବନରେ ଦ୍ୱିତୀୟ ଦଶହରାର ମାନ୍ୟତା ପାଇଥିବା ପ୍ରସିଦ୍ଧ ଗଣେଶପୂଜା ଉପଲକ୍ଷେ ଏନଏସି ପ୍ରଶାସନ ତରଫରୁ ଶାନ୍ତିକମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗରପାଳ ଶୁଭେନ୍ଦୁ କୁମାର ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାମାକ୍ଷାନଗର ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତଅନୁଷ୍ଠିତ ପୂଜାକୁ ଶୃଙ୍ଖଳାର ସହ ସମାପନ କରିବାକୁ କହିଥିଲେ। ଭସାଣି ଯାତ୍ରାରେ ଡିଜେ ସାଉଣ୍ଡକୁ ସଂପୂର୍ଣ୍ଣ ବାରଣ କରିଥିଲେ । ଅଗଷ୍ଟ ୩୧ ତାରିଖରୁ ପ୍ରସିଦ୍ଧ ଗଣେଶପୂଜା ଆରମ୍ଭ ହୋଇ ସେପ୍ଟେମ୍ବର ୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ପୂଜା ମଣ୍ଡପରେ ଗଜାନନଙ୍କ ପୂଜା ହେବ, ୫ ତାରିଖରେ ଯାତ୍ରା ପଡିଆରେମେଲଣ ଏବଂ ୬ ତାରିଖ ଦିନଆଞ୍ଚାଲଡୁ ନିଲାମ, ମେଧାବୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯିବ । ୭ ତାରିଖ ଦିନ ବିନା ଡିଜେ ସାଉଣ୍ଡରେ କେବଳ ପାରମ୍ପରିକ ବାଦ୍ୟ, କୀର୍ତନ ରେ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ତରଫରୁ ସୂଚନା ଦିଆଯାଇଥିଲା । ଏଥି ସହିତ ଅଗଷ୍ଟ ୩୧ ରୁ ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଯାତ୍ରା ପଡିଆରେ ବାଣିଜ୍ୟ ମେଳା ଅନୁଷ୍ଠିତ ହେବ ବୋଲି କୁହାଯାଇଥିଲା । ଗଣେଶ ପୂଜା ପୂର୍ବରୁ ନୂଆଭୁବନ ଛକଠାରୁ କଲେଜ ରୋଡ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ଟ୍ରାଫିକ ବ୍ୟବସ୍ଥା କଡାକଡି କରାଯିବା, ପୂଜାସ୍ଥାନ ଓ ଭସାଣି ଶୋଭାଯାତ୍ରା ରାସ୍ତା, ଡ୍ରେନ ସଫାକରିବା ଓ ଆବଶ୍ୟକସ୍ଥଳେ ମରାମତି କରାଯିବା,ପୂଜା ସମୟରେ ବିଦ୍ୟୁତକାଟ ଆଦୌ ନହେବା, ଭସାଣି ସମୟରେ ରାସ୍ତାରେ ଝୁଲି ରହିଥିବା ବିଦ୍ୟୁତ ତାରର ମରାମତି କରିବା ଏବଂ ଅଗଷ୍ଟ ୩୧ ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ସଂଧ୍ୟା ୬ ରୁ ରାତି ୧୦ ଟା ଯାଏ ପୂଜାସ୍ଥଳକୁ ମୋଟର ସାଇକେଲ ସଂପୂର୍ଣ୍ଣ ବନ୍ଦ କରାଯିବା ଓ ଯାତ୍ରା ପଡିଆରେ ପାର୍କିଂ କରିବା ନିମନ୍ତେ ମିଳିତ ପୂଜା କମିଟି ସଭାପତି ଦୀପକ କୁମାର ବେହେରା, ଉପ ସଭାପତି ବିନୋଦ କୁମାର ମହାରଣା, ସଂପାଦକ ଜିତେନ୍ଦ୍ର ଦାସ ପ୍ରମୁଖ ପ୍ରସ୍ତାବ ଦେଇଥିଲେ । ଉପରୋକ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ଉପ ଜିଲ୍ଲାପାଳ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ ।

## ପ୍ରତ୍ୟେକ ରକ୍ଷକ ଜଣେ ଜଣେ ଜୀବନଦାତା ଅଟନ୍ତି

ବଲାଙ୍ଗିର ,୨୫/୦୬ (ନି.ପ୍ର): ପଂଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଦେଓଗାଁ ଠାରେ ବଲାଙ୍ଗିର ଜିଲ୍ଲା ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ରକ୍ଷକ ର ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ଦାସ ପ୍ରଭାସ କୁମାର ବାଘାଲାଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ସବ୍ ଡିଭିଜନର ଉପଜିଲ୍ଲାପାଳ କୁମାର ନାରାୟଣ ଭୂଷଣ ଓ ସମ୍ମାନିତ ଅତିଥି ଭାବରେ ଦେଓଗାଁ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଦେଓଗାଁ ଅତିରିକ୍ତ ଥାନା ଅଧିକାରୀ ଜଗତ୍ ଜିବନ ସା ପଂଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ପ୍ରମୁଖ ଯୋଗଦାନ ଦେଇଥିଲେ । ଜୀବନ ଏକ ଅମୂଲ୍ୟ ରତ୍ନ ଏବଂ ତାର ସୁରକ୍ଷା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ଅଟେ । ସଡକ ଦୁର୍ଘଟଣାରେ ଆହତ ବ୍ୟକ୍ତିକୁ ରକ୍ଷକ ସେବା ମନୋବୃତି ନେଇ ଡାକ୍ତରଙ୍କ ପାଖରେ ବା ଡାକ୍ତରଖାନାରେ ପହଂଚାଇ ଆଘାତପ୍ରାପ୍ତ ବ୍ୟକ୍ତି ଜୀବନ ବଂଚାଇଥାଏ । ତେଣୁ ଯଥାର୍ଥରେ ପ୍ରତ୍ୟେକ ରକ୍ଷକ ଜଣେ ଜଣେ ଜୀବନଦାତା ଅଟନ୍ତି ବୋଲି ଉପସ୍ଥିତ ଅତିଥି ଗଣ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲେକ ସ୍ୱର୍ଟ ନିକଟବର୍ତି ଉଠା ଦୋକାନୀ, ଚା ଦୋକାନୀ ତଥା ସ୍ୱେଚ୍ଛାସେବୀମାନଙ୍କୁ ରକ୍ଷକ ତାଲିମଦାତାଗଣ ତାଲିମ ପ୍ରଦାନ କରିଥିଲେ । ତାଲିମଦାତା ଭାବରେ ପ୍ରଭାକର ଛନ୍ଦ, ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ବିରଞ୍ଚ ନାରାୟଣ ଦାସ, ମଦନ ମୋହନ ପ୍ରଧାନ, ଡ. ଦୈତାରୀ ପୁଝାରୀ, ରଶ୍ମିରାଣୀ ଦାଶ, ଦୁର୍ଯ୍ୟୋଧନ ପଶାୟତ, ରାମନାରାୟଣ ଦାଶ କାର୍ଯ୍ୟ ତୁଳାଇଥିଲେ । କାର୍ଯ୍ୟକ୍ରମରେ ପରିବହନ କାର୍ଯ୍ୟାଳୟର ସେକ୍ସନ ଅଫିସର କୃତାର୍ଥ ସେଲମା, ଜିଆରଏସ୍ ଶ୍ରୀକାନ୍ତ ନାଏକ, ଉମେଶ ବାଗ, ଜିତେନ୍ଦ୍ର ମନହିରା, ସୁମନ୍ତ ମଲ୍ଲିକ, ହଳଧର ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ

ଭୁବନ,୨୫/୦୬ (ନି.ପ୍ର): ବେରୋଜଗାର ଯୁବକ , ଯୁବତୀ ମାନଙ୍କୁ ଆତ୍ମନିଯୁକ୍ତି ସହ ରୋଜଗାର ସୁବିଧା ସୁଯୋଗ ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ଓରମାସ ଏବଂ ଡିଡିୟୁ-ଜିକେୱାଇ ସହଭାଗିତାରେ ନିଯୁକ୍ତି ମେଳା ଆୟୋଜନ କରୁଛନ୍ତି। ଏହି କ୍ରମରେ ଆଜିଭୁବନ ବ୍ଲକ ପରିସରରେ ଦିନ୍‌ଦୟାଲ ଉପାଧ୍ୟାୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସିପ୍ରା ବରାଳ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଡିଓ କଲ୍ୟାଣ ସୌରଭ ଦାଶ, ବିପିଏମ ଓଏଲଏମ ବସନ୍ତ କୁମାର ଦାସ, ଓରମାସ ଜିଲ୍ଲା ସଂଯୋଜକ ଦିନେଶ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ବିକାଶ ମୂଳକ କାର୍ଯ୍ୟର ପରିଦର୍ଶନ ଓ ସମୀକ୍ଷା କଲେ ଜିଲ୍ଲାପାଳ

ଜୟପୁର,୨୫/୦୬ (ନି.ପ୍ର): ଜୟପୁରରେ ବିକାଶ ମୁଳକ କାର୍ଯ୍ୟର ସମୀକ୍ଷା ଓ ପରିଦର୍ଶନ କଲେ କୋରାପୁଟ ଜିଲାପାଳ ଅବଦୁଲ୍ଲ ମହମ୍ମଦ ଆକ୍ତର । ଜିଲାପାଳ ଆକ୍ତର ସହରର ନିଳକଣ୍ଠ ସାଗରର ସମିକ୍ଷା କରି ବିକାଶ ଓ ସୌନ୍ଦର୍ଯ୍ୟ କରଣ ଉପରେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତିଙ୍କ ଉପସ୍ଥିତିରେ ଜୟପୁର ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଙ୍କ ସହ ଆଲୋଚନା କରିଥିଲେ । ଜୟପୁର ନିଳକଣ୍ଠ ସାଗରର ପୁନଃ ଉଦ୍ଧାର ସହ ସୌନ୍ଦର୍ଯ୍ୟ କରଣ ହେବାକୁ ଯାଉଛି ବୋଲି ଜିଲାପାଳ ଆକ୍ତର ସୁଚନା ଦେଇଛନ୍ତି । ନିଳକଣ୍ଠ ସାଗର ପରିଦର୍ଶନ କରିବା ସହ ଖଜୁରି ବନ୍ଦର ବିକାଶ ଓ ଗୋବର୍ଦ୍ଧନ ମୁଣ୍ଡର ଜାରି ରହିଥିବା ସୌନ୍ଦର୍ଯ୍ୟ କରଣ କାର୍ଯ୍ୟର ସମିକ୍ଷା କରିଥିଲେ ।

## ସେପ୍ଟେମ୍ବର ୭ରେ କୋସଲ ମହାବନ୍ଦର ଡାକରା ଦେଲା କୋସଲ ସେନା

ବଲାଙ୍ଗିର,୨୫/୦୬ (ନି.ପ୍ର): ସ୍ଥାନୀୟ ଯାଦବ ଭବନ ଠାରେ କୋସଲ ସେନା ତାର ନୂତନ କାର୍ଯ୍ୟକାରୀ କମିଟି ଗଠନ କରିଛି । ବଲାଙ୍ଗିର ଜିଲ୍ଲାର କୌସ୍ତୁଭ ସାହୁ ନୂତନ ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ସେନାର ନିଜସ୍ୱ ପଞ୍ଜିକରଣ ଓ ପାନ ନଂ ମଧ୍ୟ ଉନ୍ମୋଚନ କରିଛି । ସେହିପରି ଲଢେଇକୁ ଆହୁରି ଜୋରଦାର କରିବା ପାଇଁ ଉପସଭାପତି ଭାବେ ଝାରସୁଗୁଡା ଜିଲ୍ଲାର ଗଣେଶ ମଟାରୀ, ସଂପାଦକ ଭାବେ ବରଗଡ ଜିଲ୍ଲାର ବୀରବଲ ମହାକୁର, ସହସଂପାଦକ ଭାବେ ସୋନପୁର ଜିଲ୍ଲାର ସରୋଜ ପ୍ରଧାନ,କୋଷାଧକ୍ଷ୍ୟ ଭାବେ ବରଗଡ ଜିଲ୍ଲାର ଅଶୋକ ଛତର, ସହ ସଂଯୋଜକ ଭାବେ ବରଗଡ ଜିଲ୍ଲାର ଅବିନାଶ ଚନ୍ଦ୍ର ବିଶିଙ୍କୁ ସଂଗଠନର ଦାଇତ୍ୱ ପ୍ରଦାନ କରାଯାଇଛି । ଏହି ଅବସରରେ, କୋସଲ ରାଜ୍ୟ ଦାବୀରେ ଆସନ୍ତା ସେପଟ୍ଟେମ୍ବର ୭ରେ କୋସଲ ମହାବନ୍ଦର ଡାକରା ଦେଇଛି କୋସଲ ସେନା । ଏହି ଡାକରା କୁ କୋସଲ ମୁକ୍ତି ମୋର୍ଚ୍ଚା ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛି । କିଛି ଦିନ ପରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଆସୁଥିବା ବେଳେ ଏହି ପର୍ବରେ ତିନି ଦିନିଆ ସରକାରୀ ଛୁଟି ଘୋଷଣା ପାଇଁ ଏକ ସ୍ୱତନ୍ତ୍ର ଦାବୀ ପତ୍ର ସେନା ପକ୍ଷରୁ ବଲାଙ୍ଗିର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ତେବେ ଆସନ୍ତା ସେପଟ୍ଟେମ୍ବର ୭ରେ ହେବାକୁ ଥିବା ମାଁ ମାଟି ପାଇଁ ହକ୍ ର ଏହି ଲଢେଇରେ କୋସଲାଞ୍ଚଳରେ ଥିବା ସମସ୍ତ କୋସଲ ସଂଗ୍ରାମୀ, କୋସଲ ପ୍ରେମୀ, କୋସଲ ସଂଗଠନ, ଡ୍ରାଇଭର ସଂଘ, ଅଟୋ ଡ୍ରାଇଭର ସଂଘ, ସରକାରୀ ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ, କୋର୍ଟ କଚେରୀ ସହିତ ସମସ୍ତ ରାଜନୈତିକ ଦଳମାଙ୍କୁ ସାମିଲ ହେବାକୁ କୋସଲ ସେନା ଅନୁରୋଧ କରିଛି । ଆଜିର କାର୍ଯ୍ୟକ୍ରମରେ କୋସଲ ସେନା ସମେତ କୋସଲ ମୁକ୍ତି ମୋର୍ଚ୍ଚାର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ଘର ସଜାଇଲା ବେଳେ ଆମେ ସାଧାରଣତଃ ରୋଷେଇ ଘର କଥା ପାସୋରି ଦେଇଥାଉ । ତେଣୁ ଅନେକ ଲୋକଙ୍କ ଘର ଭିତରର ସାଜସଜ୍ଜା ଖୁବ୍ ସୁନ୍ଦର ହୋଇଥିଲେ ବି ରୋଷେଇ ଘର ନିଷ୍ପ୍ରାଣ ଲାଗେ । ତେବେ ଛୋଟ ଛୋଟ ଉପାୟ ଆପଣେଇଲେ ଆପଣଙ୍କ ରୋଷେଇ ଘର ସୁନ୍ଦର ଲାଗିବ ।







# ଏପରି ସଜାନ୍ତୁ କିଚେନ୍

**ଲାଇଟ:-**

ଅନେକଙ୍କ ରୋଷେଇ ଘରେ ପର୍ଯ୍ୟାପ୍ତ ଲାଇଟ୍ ବ୍ୟବସ୍ଥା ନଥାଏ । ପ୍ରାକୃତିକ ଓ କୃତ୍ରିମ ଭାବେ ଯେମିତି ଆପଣଙ୍କ ରୋଷେଇ ଘର ଆଲୋକିତ ହୋଇପାରୁଥାଏ ସେଥିପ୍ରତି ପ୍ରଥେ ନଜର ଦେବେ । ରୋଷେଇ ଘରର ଝରକା ପାଖରେ ଏମିତି କିଛି ଜିନିଷ ରଖନ୍ତୁ ନାହିଁ ଯାହା ସୂର୍ଯ୍ୟାଲୋକ ପ୍ରବେଶ କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବ । ଯଦି ସମ୍ଭବ ରୋଷେଇ ଘରର ଝରକା ପାଖରେ ଆଲୋଭେରା ବା ଲକି ବାମ୍ବୁ ଲାଗିଥିବା କୁଣ୍ଡ ରଖିପାରିବେ । ରୋଷେଇ ଘରେ ସୁନ୍ଦର ଲାଇଟ୍ ଲଗାଇ ପାରିବେ ।

**ଫ୍ରୁଟ୍ ବାଉଲ୍:-**

କିଚେନ୍‌ର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କିଚେନ୍ କାଉଣ୍ଟରରେ ଆକର୍ଷଣୀୟ ଫ୍ରୁଟ୍ ବାଉଲ୍ ରଖିପାରିବେ । ସେଥିରେ ଋତୁକାଳୀନ ଫଳ ରଖିଲେ ତାହା ଦୃଷ୍ଟି ଆକର୍ଷଣ କରିବ । ଆପଣଙ୍କ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ।

ଗଛ: କିଚେନ କାଉଣ୍ଟର କିମ୍ବା ଝରକା ପାଖରେ ରଙ୍ଗ ବେରଙ୍ଗୀ କୁଣ୍ଡରେ ଛୋଟ ଛୋଟ ଗଛ ଆପଣଙ୍କ ରୋଷେଇ ଘରକୁ ସୁନ୍ଦର ଓ ସତେଜ କରିବ । ଇଚ୍ଛା ହେଲେ ରୋଷେଇରେ ଦରକାର । ହେଉଥିବା ଗୁଳ୍ମ ଏହି କୁଣ୍ଡରେ ଲଗାଇ ପାରିବେ ।

**ସ୍ମାର୍ଟ ଷ୍ଟୋରେଜ୍:-**

ରୋଷେଇରେ ବ୍ୟବହୃତ ଜିନିଷ ରଖିବା ପାଇଁ ଅନେକ କ୍ୟାବିନେଟ୍ ବ୍ୟବସ୍ଥା କରିଥାଆନ୍ତି । କିନ୍ତୁ ଚାମଚ, ଛୁରି, ଛୋଟ ମସଲା ଡବା ଆଦି ଏଣେ ତେଣେ ରଖିଦିଅନ୍ତି । ଏପରି କଲେ ରୋଷେଇ ଘର ଅସନା ହେବା ସହ ଅସୁନ୍ଦର ଲାଗିଥାଏ । ଛୁରି, ଚାମଚ ରଖିବା ପାଇଁ ଆଜିକାଲି ଖୁବ୍ ସୁନ୍ଦର ନାଇଫ୍ ହୋଲ୍ଡର ମିଳୁଛି ।

**ଆର୍ଟ ପିସ୍:-**

ଆପଣଙ୍କ ରୋଷେଇ ଘରକୁ ଆକର୍ଷଣୀୟ ଲୁକ୍ ଦେବା ପାଇଁ କାନ୍ଥରେ ଆର୍ଟ ପିସ୍ ଲଗାଇ ପାରିବେ । କମଳା, ସବୁଜ, ହଳଦିଆ, ଗୋଲାପି ରଙ୍ଗର ଆର୍ଟ ପିସ୍ ଆପଣଙ୍କ କିଚେନ୍‌କୁ ଦେଇପାରିବ ଏକ ସ୍ମାର୍ଟ ଲୁକ୍ ।

# ଲେମ୍ବୁ


ଲେମ୍ବୁ ଏକ ଖଟା ଫଳ । ବିଭିନ୍ନ ପ୍ରକାରର ଲେମ୍ବୁ ରହିଛି । ବିଶେଷକରି ଦୁଇ ପ୍ରକାରର ଲେମ୍ବୁ ଦେଖିବାକୁ ମିଳେ । କାଗେଜି ଓ କମଳା ଲେମ୍ବୁ । ଲେମ୍ବୁରେ ବିଭିନ୍ନ ପ୍ରକାର ଭିଟାମିନ୍ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ । ଏଥିସହିତ ତ୍ୱଚା ଓ କେଶ ପାଇଁ ମଧ୍ୟ ଲେମ୍ବୁକୁ ବ୍ୟବହାର କରାଯାଇଥାଏ । ଆସନ୍ତୁ ଜାଣିବା ଲେମ୍ବୁ ଆମର କେଉଁ ସବ କାମରେ ବ୍ୟବହାର କରାଯାଇଥାଏ ।

- ◆ଲେମ୍ବୁ ରସରେ ଭିଟାମିନ୍ ସି' ସ୍ରୋତ ପ୍ରଚୁର ମାତ୍ରାରେ ରହିବା ସହିତ ପୋଟାସିୟମ, କ୍ୟାଲସିୟମ୍, ଫାଇବର, ଫସଫସ, ମ୍ୟାଗ୍ନେସିୟମ, ଭିଟାମିନ୍ ସି', ଆଇରନ୍, ଭିଟାମିନ୍-ଏ, ପ୍ରୋଟିନ ଓ କାର୍ବୋହାଇଡ୍ରେଟ ଆଦି ରହିଛି ।
- ◆ଖାଲି ପେଟରେ ସକାଳୁ ଲେମ୍ବୁ ପାଣି ପିଇବା ଫଳରେ ପେଟ କମିଯିବା ସହିତ ଶରୀରକୁ ଏନର୍ଜୀ ମିଳିଥାଏ ।
- ◆ଲେମ୍ବୁ କେବଳ ସ୍ୱାସ୍ଥ୍ୟ କିମ୍ବା ତ୍ୱଚା ପାଇଁ ବ୍ୟବହାର କରାଯାଏ ତାହା ନୁହେଁ, ଏହାର ଆଚାର ପାଟିକୁ ଖୁବ୍ ସୁଆଦ ଲାଗିଥାଏ ।
- ◆ବିଭିନ୍ନ ଖାଦ୍ୟ ପଦାର୍ଥରେ ଯଥା- ସିଝା ବୁଟ, ଚାର୍ଟ, ଗୁପ୍‌ଚୁପ୍ ଆଦି ପାଟି ସୁଆଦିଆ ଖାଦ୍ୟରେର ଲେମ୍ବୁର ଉପଯୋଗ କରାଯାଇଥାଏ ।
- ◆ଖରାଦିନେ ଶରୀରରୁ ଜଳୀୟ ଅଂଶ ଅଭାବକୁ ପୂରଣ କରିବା ଲାଗି ଲେମ୍ବୁପାଣି ପିଇଥାନ୍ତି ।
- ◆ଲେମ୍ବୁକୁ ସାବୁନ, ସାମ୍ପୋ, ବାସନ ମଜା ସାବୁନ ଆଦି ତିଆରି କରିବାରେ ବ୍ୟବହାର କରାଯାଇଥାଏ ।
- ◆ଘରର କୁନଜରରରୁ ଦୂର କରିବା ଲାଗି ଲେମ୍ବୁ-ଲଙ୍କାର ମାଳ ଦ୍ୱାରମୁହଁରେ ଟଙ୍ଗାଯିବା ସହିତ ଯାନବାହନ ଆଦିରେ ଲେମ୍ବୁ ଓ ଲଙ୍କା ବନ୍ଧା ଯାଇଥାଏ ।
- ◆ନୂଆ ଯାନବାହାନ କିଣି ଏହାକୁ ମନ୍ଦିରରେ ପୂଜା କରିବା ବେଳେ ଗାଡ଼ିର ଚକ ତଳେ ଲେମ୍ବୁକୁ ଚାପି ନକରାତ୍ମକ ପ୍ରଭାବରୁ ଦୂରେଇ ରଖାଯାଇଥାଏ ।
- ◆ଘରେ କିମ୍ବା ବ୍ୟବସାୟ ପ୍ରତିଷ୍ଠାନରେ କାଚ ଗ୍ଲାସରେ ଲେମ୍ବୁ ରଖି ଏହାର ପାଣି ବଦଳାଇବା ଫଳରେ ଘରେ ସକରାତ୍ମକ ପ୍ରଭାବ ପଡ଼ିଥାଏ ।
- ◆ତରଳଝାଡ଼ା ହେଉଥିଲେ ଲେମ୍ବୁ ଓ ଚିନି ଲୁଣ ପାଣି ପିଇବା ଫଳରେ ଶରୀରକୁ ଶକ୍ତି ମିଳିଥାଏ ।
- ◆ଲେମନ ଟି' ପିଇବା ଫଳରେ ଫ୍ୟାଟ କମିଥାଏ ।




# ମାସ୍କ ପିନ୍ଧାଇବ ମେସିନ୍

ମହାମାରୀ କରୋନାରୁ ବର୍ତ୍ତିବା ଲାଗି ମାସ୍କ ପିନ୍ଧିବା ସମସ୍ତଙ୍କ ପାଇଁ ଜରୁରୀ ଆବଶ୍ୟକତା । ଏନେଇ ଏବେ ସମସ୍ତେ ପ୍ରାୟ ସଚେତନ ହେଲେଣି ଏବଂ ଘରୁ ବାହାରିବା ମାତ୍ରେ ସମସ୍ତେ ମାସ୍କ ମଧ୍ୟ ପିନ୍ଧୁଛନ୍ତି । ତେବେ କିଛି ଲୋକ ଏବେ ବି ମାସ୍କ ପିନ୍ଧିବା ପାଇଁ ଇଚ୍ଛା କରୁନାହାନ୍ତି ଏବଂ ଅନେକେ ମାସ୍କ ପିନ୍ଧିବାକୁ ଭୁଲି ଯାଉଛନ୍ତି । ଏଭଳି ଲୋକଙ୍କୁ ଏବେ ମାସ୍କ ପିନ୍ଧାଇବ ଏକ ମେଶିନ୍ । ପୂର୍ବତନ ବାସ୍କେଟବଲ୍ ଖେଳାଳି ରେସ୍କ ଚାପମ୍ୟାନ୍ ସୋସିଆଲ୍ ମିଡିଆରେ ମାସ୍କ ପିନ୍ଧାଉଥିବା ମେଶିନ୍‌ର ଏକ ଭିଡିଓ ଶେୟାର କରିଛନ୍ତି । ଏହି ମେଶିନ୍‌ଟି ତା' ଆଗରେ ବସିଥିବା ଲୋକଙ୍କୁ ଜୋର କରି ଏକ ମାସ୍କ ପିନ୍ଧା ଦେବ । ଏହି ମେଶିନ୍‌ର ନାଁ ରହିଛି 'ଦି କେରେନେଟର' । ଏହି ମେଶିନ୍‌ରେ ପ୍ରଥମେ ଏକ ମାସ୍କ ଲଗାଇ ଦିଆଯାଇଥାଏ । ଆଉ ମାସ୍କ ପିନ୍ଧି ନ ଥିବା ବ୍ୟକ୍ତିଙ୍କୁ ଏହି ମେଶିନ୍ ଆଗରେ ବସିବାକୁ ହିଁ ପଡ଼ିଥାଏ । ମେଶିନ୍ ଚଲାଇବାର କିଛି ସେକେଣ୍ଡ ମଧ୍ୟରେ ସେଥିରେ ଥିବା ମାସ୍କଟି ଖୁବ୍ ଜୋର୍‌ରେ ଉଡ଼ିଆସି ଆଗରେ ବସିଥିବା ବ୍ୟକ୍ତିଙ୍କ ମୁହଁରେ ଠିକ୍ ଭାବରେ ଆପେ ଆପେ ଲାଗିଯିବ । ମାସ୍କ ପିନ୍ଧାଇବାର ଏହି ମେଶିନ୍ ଏବେ ସୋସିଆଲ୍ ମିଡିଆରେ ଢେର୍ ଚର୍ଚ୍ଚାର କାରଣ ହୋଇଛି । ତେବେ ଭିଡିଓରେ ମେଶିନ୍‌କୁ ଦେଖୁଥିବା ଲୋକେ ଏହାକୁ ମାସ୍କ ନ ପିନ୍ଧିଥିବା ଲୋକଙ୍କ ପାଇଁ ଏକ ଶକ୍ତ ଚାପୁଡ଼ା ବୋଲି ବର୍ଣ୍ଣନା କରିଛନ୍ତି । କାରଣ ମେଶିନ୍‌ରୁ ଏତେ ଜୋର୍‌ରେ ମାସ୍କଟି ବାହାରି ଆସେ ଯେ ହଠାତ୍ ବ୍ୟକ୍ତିଜଣକ ପ୍ରସ୍ତୁତ ନ ଥିଲେ ଚମକି ପଡ଼ିବ । ସେଥିପ୍ରତି ସୋସିଆଲ୍ ମିଡିଆରେ ପାଇଁ ଲୋକେ କ୍ୟାପ୍‌ସନ୍‌ରେ ଭିନ୍ନଭାବେ ପ୍ରତିକ୍ରିୟା ଦେଇଛନ୍ତି । ଅଧିକାଂଶ ଲୋକ ଏହାକୁ ନେଇ ମଜାଦାୟକ କମେଣ୍ଟ ଦେଇଛନ୍ତି ।



# ସ୍ୱାସ୍ଥ୍ୟ ମନ୍ତ୍ର

କାହା ପାଇଁ କେତେ କାଲୋରି: ସାଧାରଣ କାମ କରୁଥିବା ୬୦ କିଲୋ ଓଜନର ପୁରୁଷଙ୍କ ଦୈନିକ ଆବଶ୍ୟକତା ହେଉଛି ୨୪୨୫ କାଲୋରି । ଏହି ବର୍ଗର ପୁରୁଷ ମଧ୍ୟମ ଧରଣର ଶ୍ରମ କରୁଥିଲେ, ୩୮୦୦ କାଲୋରି । ସେହିପରି ସାଧାରଣ କାମ କରୁଥିବା ୫୦ କିଲୋ ଓଜନର ମହିଳାଙ୍କ ଦୈନିକ ଆବଶ୍ୟକତା ହେଉଛି ୧୮୭୫ କାଲୋରି । ଏହି ବର୍ଗର ମହିଳା ମଧ୍ୟମ ଧରଣର ଶ୍ରମ କରୁଥିଲେ, ଦରକାର ୨୨୨୫ କାଲୋରି । ଆଉ ଅଧିକ ଶ୍ରମ କରୁଥିଲେ, ୨୯୨୫ କାଲୋରି । ୫୦ କିଲୋ ଓଜନର ଗର୍ଭବତୀ ମହିଳାଙ୍କର ଲୋଡ଼ା ୩୨୨୫ କାଲୋରି ଏବଂ ସ୍ତନ୍ୟପାନ କରାଉଥିଲେ ୩୪୭୫ କାଲୋରି । ୧୩-୧୫ ବର୍ଷ ବୟସ୍କ ବାଳକ (୪୮ କିଲୋ)ର ଲୋଡ଼ା ୨୪୫୦ କାଲୋରି ଏବଂ ବାଳିକାର (୪୭କିଲୋ) ୨୦୬୦ କାଲୋରି । ସେହିପରି ୧୬-୧୮ ବଷୟ ବୟସ୍କ ବାଳକ (୫୭ କିଲୋ) ୨୦୬୦ କାଲୋରି ।



# ଆତ୍ମହତ୍ୟା ପାଇଁ ପରିଚିତ ରହସ୍ୟମୟ ଜଙ୍ଗଲ


ଘଞ୍ଚ ଜଙ୍ଗଲ । ଏଠାରେ ଗଛର ସଂଖ୍ୟା ଏତେ ଅଧିକ ଯେ ଏହି ଜଙ୍ଗଲକୁ କୁହାଯାଏ ଗଛର ସମୁଦ୍ର । କିନ୍ତୁ ସେହି ଘଞ୍ଚ ସବୁଜର ନିଃସଙ୍ଗତାକୁ ଅବସାଦଗ୍ରସ୍ତ ମଣିଷ ବାଛି ନିଅନ୍ତି




ଶେଷ ଶଯ୍ୟା ଭାବରେ । ଏମିତିକି ଲୋକେ ସାଥୀ ହୋଇ ଆତ୍ମହତ୍ୟା କରିବାକୁ ଯାଇଥାଆନ୍ତି ଏହି ଜଙ୍ଗଲ ଭିତରକୁ । ସେଥିପାଇଁ 'ଆତ୍ମହତ୍ୟା ଅରଣ୍ୟ' ନାମରେ ପରିଚିତ ଏହି ଜଙ୍ଗଲ । ଚିରସବୁଜ ଏହି ଜଙ୍ଗଲଟି ଜାପାନରେ ଅବସ୍ଥିତ । ଆଗ୍ନେୟପର୍ବତ ମାଉଣ୍ଟ ଫୁଜିର ପାଦ ଦେଶରେ ଆଓକିଗାହାରା ନାମରେ ପରିଚିତ ଏହି ଜଙ୍ଗଲ । ପ୍ରତିବର୍ଷ ଜାପାନର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଏହି ଜଙ୍ଗଲଟି ବୁଲି ଦେଖିବାକୁ ଆସିଥାଆନ୍ତି । ଅସଲ ଉଦ୍ଦେଶ୍ୟ ଥାଏ ଆତ୍ମହତ୍ୟା । ଏହି ଜଙ୍ଗଲ ଏତେ ଗଭୀର ଯେ ଦୀର୍ଘଦିନ ଧରି ମୃତଦେହର ଖୋଜଖବର ନେଲେ ସୁଦ୍ଧା ତାହା ମିଳିନଥାଏ । ଅଧିକାଂଶ ସମୟରେ ନିଥର ଶରୀରଗୁଡ଼ିକ ଚିଲ, ଶାଗୁଣାଙ୍କ ଆହାର ବନିଯାଏ । ଆତ୍ମହତ୍ୟା କରିବାକୁ ଅନେକ ଲୋକ ଆସିଥାଆନ୍ତି । ତେବେ ସମସ୍ତେ ଆତ୍ମହତ୍ୟା କରିପାରି ନଥାନ୍ତି । ଆତ୍ମହତ୍ୟା କରିବାର ମାନସିକତା ଦେଶ ଅନୁସାରେ ବଦଳିଥାଏ । ନିଜକୁ ଶେଷ କରିଦେବାର ମାନସିକତାକୁ କେଉଁଠି ଅପରାଧ ବୋଲି କୁହାଯାଉଥିବା ବେଳେ ଏହି ଧାରଣା ଅନ୍ୟ କେଉଁ ଦେଶରେ ନାହିଁ । ଜାପାନ ଏହି ଦ୍ୱିତୀୟ ପର୍ଯ୍ୟାୟର ଦେଶରେ ପଡ଼ିଥାଏ । କୁହାଯାଏ ଅତୀତରେ ଜାପାନ ସମୁରାଇମାନେ ଯୁଦ୍ଧରେ ପରାସ୍ତ ହେଉଥିଲେ ଆତ୍ମସମ୍ମାନ ଉଦ୍ଦେଶ୍ୟରେ ନିଜକୁ ଶେଷ କରିଦେଉଥିଲେ । ସେହି ପ୍ରଥାରୁ ଜାପାନରେ ଆତ୍ମହତ୍ୟା କରିବାର ମାନସିକତା ସୃଷ୍ଟି ହୋଇଛି ଯାହା କି ଏବେ ବି ଲୋକମାନଙ୍କ ମଧ୍ୟରେ ରହିଆସିଛି । ୨୦୦୮ ମସିହା ବିଶ୍ୱ ମାନ୍ଦାବସ୍ଥା ବେଳେ ଆତ୍ମହତ୍ୟା କରିଥିବା ଲୋକଙ୍କ ମଧ୍ୟରେ ଜାପାନରୁ ସବୁଠୁ ଅଧିକ ଥିଲେ । ଆଉ ଜାପାନର ସେହି ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଆଓକିଗାହାରା ଜଙ୍ଗଲରେ ହିଁ ଆତ୍ମହତ୍ୟା କରିଥିଲେ । ପ୍ରତିବର୍ଷ ଜାପାନରେ ମାର୍ଚ୍ଚମାସ ଚତୁର୍ଥ ସପ୍ତାହରେ ଅର୍ଥାତ୍ ଆର୍ଥିକ ବର୍ଷର ଶେଷ ବେଳକୁ ଆତ୍ମହତ୍ୟା ଘଟଣା ସବୁଠୁ ଅଧିକ ହୋଇଥାଏ । ସେହି ସମୟରେ ଅବସାଦପ୍ରାପ୍ତ ଲୋକ ଆଓକିଗାହାରା ଜଙ୍ଗଲକୁ ଛୁଟିଯାଆନ୍ତି । କିନ୍ତୁ କାହିଁକି ? ମନସ୍ତତ୍ତ୍ୱବିତ୍‌ମାନେ କୁହନ୍ତି ଏହି ଜଙ୍ଗଲର ପ୍ରାକୃତିକ ସୌନ୍ଦର୍ଯ୍ୟ ଏଥିପାଇଁ ଦାୟୀ । ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆକର୍ଷିତ ହେଉଥିବା ଅବସାଦପ୍ରାପ୍ତ ମଣିଷମାନେ ଏହାକୁ ନିଜର ଶେଷ ଠିକଣା ବୋଲି ଧରିନିଅନ୍ତି । ସେଥିପାଇଁ ଅନ୍ୟ କେଉଁ ସ୍ଥାନ ପରିବର୍ତ୍ତେ ଏହି ଜଙ୍ଗଲରେ ହିଁ ଆତ୍ମହତ୍ୟା କରନ୍ତି ।

# ମାନସୁନ୍ ଫ୍ୟାଶନ୍

ବର୍ଷାଦିନିଆ ପୋଷାକ ଋତୁ ଉପଯୋଗୀ ନ ହେଲେ ତାହା ପିନ୍ଧିବାକୁ ଅସହଜ ମନେ ହୁଏ । ତେଣୁ ବର୍ଷାଦିନେ ଫ୍ୟାଶନ୍‌ରେ କିଛିଟା ପରିବର୍ତ୍ତନ ନିଶ୍ଚୟ ଆଣରିବା ଦରକାର । ଏହି ଦିନେ ପ୍ୟାଷ୍ଟେଲ୍ କଲର୍ ବଦଳରେ ଗାଢ଼ ରଙ୍ଗ ଟ୍ରେଣ୍ଡ୍‌ରେ ରହେ । ଆପଣ ବର୍ଷାଦିନେ କିଭଳି ପୋଷାକ, ଆକ୍ସେସରିଜ୍ ଏବଂ ରଙ୍ଗ କ୍ୟାରି କରିବେ ଜାଣନ୍ତୁ କିଛି ଟିପ୍ସ ।





**ଉଜ୍ଜ୍ୱଳ ରଙ୍ଗ ସହିତ ଆକ୍ସେସରିଜ୍:**

ବର୍ଷାଦିନେ ବ୍ରାଇଟ୍ ରଙ୍ଗର ପୋଷାକ ନିଅନ୍ତୁ । ତେବେ ମୋନୋକ୍ରୋମ ପାଟର୍ନ ସବୁଠୁ ଭଲ । ଚେରି, ଫ୍ରେଶ୍ ରେଡ୍, ବ୍ଲଶ୍ ରଙ୍ଗ ସହିତ ଗ୍ରେ, ବ୍ଲୁ ଏବଂ କ୍ରିମି ରଙ୍ଗକୁ ଟିମ୍ କରିପାରିବେ । ୟେଲୋକୁ ପପ୍ ଆଉଟ୍ କଲର୍ ରୂପେ ବ୍ୟବହାର କରିପାରିବେ । ଏହି ରଙ୍ଗକୁ ଉଭୟ ଆଉଟ୍‌ଫିଟ୍ ଏବଂ ଆକ୍ସେସରିଜ୍‌ରେ କ୍ୟାରି କରନ୍ତୁ । ହଁ ଧଳା ରଙ୍ଗକୁ ବର୍ଷାଦିନେ ନା କରନ୍ତୁ ।

**ସର୍ଟ ଆଉଟଫିଟ୍:**

ବର୍ଷାଦିନେ ୱାକ୍ କରିବା ପସନ୍ଦ ଥିଲେ, ସର୍ଟ ଆଉଟଫିଟ୍ କ୍ୟାରି କରନ୍ତୁ । କ୍ରପ୍ ଟପ୍, ସଟସ୍, ସ୍କର୍ଟ ପିନ୍ଧିପାରିବେ । ବର୍ଷାଦିନେ ଷ୍ଟ୍ରିଟ୍ ଫ୍ୟାଶନ କ୍ୟାରି କରିବାକୁ ଭୁଲନ୍ତୁ ନାହିଁ । ଡ୍ର ଷ୍ଟ୍ରିଙ୍ଗ୍ ଡ୍ରେସ୍ ମିଡି ସ୍କର୍ଟ, ମ୍ୟାକ୍ସି ଡ୍ରେସ୍, କମନ ସ୍ଲିଭ୍ ସର୍ଟ ଡ୍ରେସ୍, ର୍ୟାପ୍ସ ପରି ପୋଷାକ ଆପଣଙ୍କ ଅନ୍ୟମାନଙ୍କ ଠାରୁ ଭିନ୍ନ କରିବ ।

**ସିଫନ୍ ଏବଂ ରେୟର:**

ବର୍ଷାଦିନେ ନାଇଲନ୍, ସିଫନ୍, ରେୟର୍ ପୋଷାକ ଟ୍ରେଣ୍ଡ୍‌ରେ ଥାଏ । ସିଫନ୍ ଏବଂ ରେୟର୍ କପଡ଼ା ଓଦା ହେଲେ ଜଲଦି ଶୁଖିଯାଇଥାଏ । ତେଣୁ ବର୍ଷଦିନ ପାଇଁ ଏହି ଫ୍ୟାବ୍ରିକ ସବୁଠାରୁ ଭଲ ହୋଇଥାଏ । ହେଲେ ଏହାକୁ କ୍ୟାରି କରିବା ସମୟରେ ମିକ୍ସ କଟନ୍ ସହିତ କ୍ୟାରି କରିବା ଆବଶ୍ୟକ ।

**ଟାଇଟ୍ ନୁହେଁ, ଢିଲା ଆଉଟଫିଟ୍:**

ପୋଷାକ ଓଦା ହୋଇଗଲେ ଶରୀରରେ ଲାଗିଯାଏ । ତେଣୁ ବର୍ଷାଦିନେ ଟାଇଟ୍ ଫିଟ୍ ପୋଷାକରୁ ବିରତି ନିଅନ୍ତୁ । କଟନ୍, ଖଦି ଏବଂ ସିନ୍ଥେଟିକ୍ ମ୍ୟାଟେରିଆଲ୍‌ର ଢିଲା ପୋଷାକ ପିନ୍ଧିପାରିବେ । ଫୁଲ୍ ସ୍ଲିଭ ସ୍ଥାନରେ ହାଫ୍ ସ୍ଲିଭ୍ ବାଛନ୍ତୁ ।

**ଆରାମଦାୟକ ଏବଂ ଫ୍ୟାଶନେବଲ୍:**

ବ୍ଲକ୍ ପ୍ରିଣ୍ଟ, ଭେଜିଟେବଲ୍ ଏବଂ କଟନ୍ ମିକ୍ସ ଲିନେନ୍ କ୍ୟାରି କରନ୍ତୁ । ଏହା ଆରାମଦାୟକ ଏବଂ ଫ୍ୟାଶନେବଲ୍ ହୋଇଥାଏ । ଫ୍ଲୋରାଲ ପ୍ରିଣ୍ଟ ମଧ୍ୟ ଭଲ ମାନିଥାଏ । ପିଙ୍କ୍, ପିସ୍ତା, ଗ୍ରୀନ୍, କୁଲ୍ ବ୍ଲୁ, ସି ଗ୍ରୀନ ରଙ୍ଗର ପୋଷାକ ପିନ୍ଧନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ୟୁକ୍ରେନ୍-ରୁଷିଆ ଯୁଦ୍ଧ ଶେଷ କେବେ ?

ୟୁକ୍ରେନ୍ ଉପରେ ରୁଷିଆର ସାମରିକ କାର୍ଯ୍ୟାନୁଷ୍ଠାନକୁ ଇତି ମଧ୍ୟରେ ଛଅମାସ ପୂରଣ ହୋଇସାରିଛି । ଛଅମାସ ଧରି କୌଣସି ରାଷ୍ଟ୍ର ଉପରେ ଆକ୍ରମଣ ଜାରି ରଖିବା ଏବଂ ସେହି ଆକ୍ରମଣକୁ ମୁକାବିଲା କରିବା ଉଭୟ ଆକ୍ରମଣକାରୀ ଏବଂ ଆକ୍ରାନ୍ତ ରାଷ୍ଟ୍ରଙ୍କ ପାଇଁ କେତେ ମାତ୍ରାରେ କଷ୍ଟସାଧ ତାହା ସହଜରେ ଅନୁମେୟ । କିନ୍ତୁ ଛଅମାସ ମଧ୍ୟରେ ଏହି ଯୁଦ୍ଧ ଉଭୟ ରୁଷିଆ ଏବା ୟୁକ୍ରେନ ପାଇଁ ଏକ ନୂତନ ଅନୁଭବ ଯୋଗାଇଛି । ଅନେକ ଯୁଦ୍ଧ ବିଶାରଦ ଏବଂ ଅର୍ଥଶାସ୍ତ୍ରୀଙ୍କ ପୂର୍ବାନୁମାନକୁ ମଧ୍ୟ ଭୁଲ୍ ବୋଲି ପ୍ରମାଣିତ କରିଛି । ୟୁକ୍ରେନ୍ ଉପରେ ଗତ ଫେବୃଆରୀ ୨୪ ତାରିଖ ଠାରୁ ହିଁ ରୁଷିଆ କ୍ଷେପଣାସ୍ତ୍ର ମାଡ଼ କରିଥିଲା ଏବଂ ଏହାକୁ ଯୁଦ୍ଧ ଆରମ୍ଭ ବୋଲି କୁହାଯାଇପାରେ । ଏହି ଯୁଦ୍ଧ ଲାଗିବା ପୂର୍ବରୁ ପାଶ୍ଚାତ୍ୟ ରାଷ୍ଟ୍ରର ବିଶେଷଜ୍ଞମାନେ ଅନୁମାନ କରୁଥିଲେ ଯେ ୟୁକ୍ରେନ୍ ଉପରେ ନିର୍ଣ୍ଣାୟକ ବିଜୟ ଲାଗି ରୁଷ ସେନାଙ୍କୁ ମାତ୍ର ଦୁଇ ସପ୍ତାହରୁ କମ୍ ସମୟ ଲାଗିବ ଏବଂ ସେହି ସମୟ ମଧ୍ୟରେ ସମଗ୍ର ୟୁକ୍ରେନ୍ ଧୂଳିସାତ୍ ହୋଇସାରିଥିବ । ରାଜଧାନୀ କିଭ ମଧ୍ୟ ରୁଷ ସେନାଙ୍କ ଅକ୍ତିଆରକୁ ଆସିଯିବ । ରୁଷ ରାଷ୍ଟ୍ରପତି ଭାଦିମିର୍ ପୁଟିନ୍ ମଧ୍ୟ ଏହି ଆତ୍ମବିଶ୍ୱାସର ସହିତ ନିଜ ସେନାଙ୍କୁ ଅନେକ ବାର ପ୍ରୋତ୍ସାହିତ କରିବାର ନଜିର ରହିଛି । କିନ୍ତୁ ଛଅମାସ ପରେ ଏବେ ଏହି ଯୁଦ୍ଧର ପରିଣାମରୁ ଯେଉଁ ବାସ୍ତବ ନିଷ୍କର୍ଷ ବାହାରିଛି ତାହା ପୂର୍ବର ପୂର୍ବାନୁମାନର ସମ୍ପୂର୍ଣ୍ଣ ବିପରୀତ । ଏହି ଛଅମାସ ମଧ୍ୟରେ ରୁଷ୍ ସେନା ୟୁକ୍ରେନ୍‌ର ବିଭିନ୍ନ ଅଞ୍ଚଳ ଏବଂ ସହରକୁ ନିଜ ଅକ୍ତିଆରକୁ ନେଇଛନ୍ତି ସତ କିନ୍ତୁ ତାହା ସେମାନଙ୍କର ମିଶନ୍‌କୁ ସଫଳ କରିପାରିନାହିଁ । ରାଜଧାନୀ କିଭକୁ ଦଖଲ କରିବା ସ୍ୱପ୍ନ ଏପର୍ଯ୍ୟନ୍ତ ଅପୂର୍ଣ୍ଣ ରହିଛି ଏବଂ ୟୁକ୍ରେନ୍ ପୂର୍ବାପେକ୍ଷା ଅଧିକ ଉତ୍ସାହର ସହିତ ରୁସେନାଙ୍କ ଆକ୍ରମଣକୁ ପ୍ରତିହତ କରିବାକୁ ସକ୍ଷମ ହୋଇଛନ୍ତି । ଏ ସତ୍ୟ କାହାକୁ ଅଛପା ନାହିଁ ଯେ ୟୁକ୍ରେନ୍ ସେନା ଯେଉଁ ଯୁଦ୍ଧ ଲଢୁଛନ୍ତି ସେଥିରେ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ପ୍ରଚ୍ଛନ୍ନ ସାହାଯ୍ୟ ହିଁ କାର୍ଯ୍ୟ କରୁଛି । ଆମେରିକା ସମେତ 'ନାଟୋ' ସଂଗଠନର ଅଧିକାଂଶ ରାଷ୍ଟ୍ର ୟୁକ୍ରେନକୁ ପର୍ଯ୍ୟାପ୍ତ ସାମରିକ, ଆର୍ଥିକ ଓ ମାନବୀୟ ସହାୟତା ଯୋଗାଇ ଚାଲିଛନ୍ତି । ଏହା କେବଳ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଡୋମିର୍ ଜେଲେସ୍କିଙ୍କ ଆତ୍ମବିଶ୍ୱାସ ନୁହେଁ, ୟୁକ୍ରେନ୍ ସେନାଙ୍କ ଆତ୍ମବଳକୁ ସୁଦୃଢ଼ କରିଛି ଏବଂ ସେମାନେ ରୁଷିଆର ସକଳ ଆକ୍ରମଣକୁ ସାହସର ସହ ମୁକାବିଲା କରିଚାଲିଛନ୍ତି । ରୁଷ ସେନା ଏବେ ଜନବସତି ଅଞ୍ଚଳ, ଚିକିତ୍ସାଳୟ, ଆଣବିକ ଶକ୍ତି କେନ୍ଦ୍ର ଓ ଅନ୍ୟାନ୍ୟ ବେସାମରିକ ସ୍ଥଳୀକୁ ଟାର୍ଗେଟ୍ କରିଛି । ସେଥିରେ ଝାପାରିଝିଆ ଆଣବିକ କେନ୍ଦ୍ର ଠାରୁ ନେଇ ମାରିଓପୋଲ ଏବଂ କିଭଳି ସହରର ବିଭିନ୍ନ ଜନବସତି ଅଞ୍ଚଳ ରହିଛି । ଏହା ରୁଷିଆର ହତାଶାଭାବକୁ ହିଁ ପ୍ରମାଣିତ କରୁଛି । ଛଅମାସ ଭିତରେ ରୁଷ ଏହି ଯୁଦ୍ଧରେ ଯେତିକି ଅର୍ଥ ବ୍ୟୟ କରିଛି ଏବଂ ଯୁଦ୍ଧ ପାଇଁ ଯେଉଁ ଆର୍ଥିକ କଟକଣା ଓ ବାସନ୍ଦର ସମ୍ମୁଖୀନ ହୋଇଛି ସେଥିରେ ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ପାଶ୍ଚାତ୍ୟ ସାହାଯ୍ୟ ଓ ସହଯୋଗ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ୟୁକ୍ରେନ୍ ସେନାଙ୍କ ମନୋବଳ ତିଳେହେଲେ ହ୍ରାସ ପାଇନାହିଁ । ବରଂ ଦିନକୁ ଦିନ ସେନାବାହିନୀରେ ଅଧିକରୁ ଅଧିକ ଯୁବକ ଯୋଗଦେଇ ଦେଶପ୍ରୀତିର ଅପୂର୍ବ ଉଦାହରଣ ପ୍ରଦର୍ଶନ କରିଛନ୍ତି । ୟୁକ୍ରେନ୍ ଯୁଦ୍ଧର ପରିଣାମ କିନ୍ତୁ ବିଶ୍ୱ ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଇ ଚାଲିଛି । ଏହା ଏବେ ବିଶ୍ୱରେ ଖାଦ୍ୟ ସମସ୍ୟାକୁ ଉତ୍କଟ କରିଛି ଏବଂ ଶିଳ୍ପ ଓ ବାଣିଜ୍ୟ କାରବାର ପ୍ରଭାବିତ ହୋଇଛି । ଯେଉଁ ଯୁଦ୍ଧକୁ ସହଜରେ ଏଡ଼ାଯାଇ ପାରିଥାନ୍ତା, ତାହାକୁ ଆରମ୍ଭ କରି ଏବଂ ଆବଶ୍ୟକତା ଠାରୁ ଅଧିକ ଦିନ ଲମ୍ବାଇ ରାଷ୍ଟ୍ରପତି ପୁଟିନ୍ ଏବେ ରୁଷିଆ ସମେତ ବିଶ୍ୱ ମୁଣ୍ଡ ଉପରେ ଏକ ଅବାଞ୍ଛିତ ବୋଝ ଲଦି ଦେଇଛନ୍ତି । ନିକଟରେ ପୁଟିନ୍ ଦେଇଥିବା ଏକ ଆହ୍ୱାନ ସମସ୍ତଙ୍କୁ ବିସ୍ମିତ କରିଛି । ତାହା ହେଲା ରୁଷୀୟ ମହିଳାମାନେ ଅନ୍ୟୁନ ଦଶଟି ଲେଖାଏଁ ସନ୍ତାନ ଜନ୍ମ ଦିଅନ୍ତୁ ଏବଂ ସେଥିପାଇଁ ରାଷ୍ଟ୍ର ସେମାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇଦେବ। ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଅନେକ ୟୁରୋପୀୟ ରାଷ୍ଟ୍ରଙ୍କ ଅବସ୍ଥାକୁ ସୂଚୀତ କରେ । ଅର୍ଥାତ୍, ଦେଶରେ ଯୁବଶକ୍ତିର ଅଭାବ। ଯେଉଁ ଶକ୍ତିକୁ ସୃଜନଶୀଳ କର୍ମରେ ଉପଯୋଗ କରାଯାଇ ପାରିଥାନ୍ତା ଏବେ ସେମାନେ ଏକ ମୂଲ୍ୟହୀନ ଯୁଦ୍ଧ ଲଢ଼ି ପ୍ରାଣବଳି ଦେବାରେ ବ୍ୟସ୍ତ । ତେଣୁ ଏ ଯୁଦ୍ଧ ଯେତେଶୀଘ୍ର ସମାପ୍ତ ହେବ ବିଶ୍ୱ ସେତେ ଶୀଘ୍ର ଆଶ୍ୱସ୍ତି ଲାଭ କରିବ। ସେଥିରେ ସମସ୍ତଙ୍କର ମଙ୍ଗଳ ।

## ଚତୁର ତାଲିବାନ ଫାଶରେ ଆଫଗାନିସ୍ତାନ



ଡକ୍ଟର ଲକ୍ଷ୍ମଣ ସାହୁ

ତାଲିବାନ ଆଫଗାନିସ୍ତାନକୁ ପୁନର୍ବାର ଦଖଲ କରିବାର ଗୋଟିଏ ବର୍ଷ ବିତିଗଲା । ସେଥିପାଇଁ ତାଲିବାନ ଗତ ସୋମବାର ଦିନ ଏକ ବର୍ଷ ଶାସନ ଦିବସ ପାଳନ କରିଥିଲା । ଯଦିଓ ଏହି ଅବଧି କୌଣସି ପ୍ରକାରେ ସନ୍ତୋଷଜନକ ନଥିଲା । ସମୟ ସହିତ ତାଲିବାନରେ ପରିବର୍ତ୍ତନର ଧାରଣା ନଷ୍ଟ ହୋଇଗଲା । ତାଲିବାନ ହୁଏତ ସେମାନଙ୍କ ଶାସନକୁ ଆଦର୍ଶ ଇସଲାମିକ ରାଷ୍ଟ୍ର ଭାବରେ ଗୌରବବାନ୍ୱିତ କରିପାରେ । କିନ୍ତୁ ସାଧାରଣ ଆଫଗାନିସ୍ତାନ ଲୋକଙ୍କ ଦୁଃଖ ବାସ୍ତବତାକୁ କହିଥାଏ । ତାଲିବାନ କ୍ଷମତାକୁ ଆସିବା ପରେ ୪୦ ନିୟୁତ ଆଫଗାନିସ୍ତାନ ନାଗରିକଙ୍କ ଜୀବନ ଖରାପ ହେବାରେ ଲାଗିଛି । ଦେଶର ୯୦% ଲୋକ ଦାରିଦ୍ର ସୀମାରେଖା ତଳେ ରହିଛନ୍ତି । ପୁଷ୍ଟିହୀନତା ବିପର୍ଯ୍ୟସ୍ତ ହୋଇପଡିଛି । ଲୋକମାନେ ବେକାରୀ ସମସ୍ୟାରେ ପୀଡିତ ହୋଇଛନ୍ତି । ସାଧାରଣ ଜୀବନରେ ମହିଳାମାନେ ଯେଉଁ ସୁଯୋଗ ପାଇବା କଥା ତାହା ସେମାନଙ୍କ ହାତରୁ ଖସିଗଲା । ସମଗ୍ର ସମାଜ ଯନ୍ତ୍ରଣା ଭୋଗୁଛନ୍ତି । ବିକାଶର ପରିପ୍ରେକ୍ଷୀରେ ଦେଶ ଅନେକ ଦଶନ୍ଧି ପଛରେ ପଡ଼ିଛି ।

ଏଭଳି ଗମ୍ଭୀର ମାନବିକ ସଙ୍କଟ ସାମ୍ନାରେ କିଛି ପ୍ରଶ୍ନ ଉଠିଯିବା ସ୍ୱାଭାବିକ । ସର୍ବଶେଷରେ, ଏଭଳି ଏକ 'ଶୁଦ୍ଧ ଇସଲାମିକ୍ ଏମିରେଟ୍'ର ବଳିଷ୍ଠ ପ୍ରତିଷ୍ଠାର ଲାଭ କ'ଣ ? କଠୋର ଶାରାଇ ନିୟମ ଓ ଭୋକିଲା ପେଟ ଉପରେ ଅସହିଷ୍ଣୁ ଧାର୍ମିକ ପ୍ରତିବନ୍ଧକ ଏବଂ ମାନସିକ ଅବସାଦଗ୍ରସ୍ତ ଅବସ୍ଥା ମଧ୍ୟରେ ପାର୍ଥକ୍ୟ କ'ଣ ? ଅଦ୍ଭୁତ ପରିସ୍ଥିତି ସତ୍ତ୍ୱେ ତାଲିବାନ ନିଜ ବିରୁଦ୍ଧରେ କୌଣସି ଜନସାଧାରଣ ବିରୋଧ ଭାବ ଉଠାଇ ନଥିଲେ । କୌଣସି ବିଦ୍ରୋହ ନଥିଲା । ଯେତେବେଳେ କି ଏହି ପ୍ରଣାଳୀରୁ ମୁକ୍ତି ପାଇବାର ଅନୁଭବ ଆଫଗାନିସ୍ତାନ ସମାଜରେ ଉପସ୍ଥିତ । ଏପରିକି ପାଶ୍ଚାତ୍ୟ ସମ୍ପ୍ରଦାୟ, ଯେଉଁଠାରେ ସେ ସର୍ବ ବୃହତ ଜାତିସଂଘ ଏବଂ ଯାହାର ଏକମାତ୍ର ପ୍ରତିନିଧୀ ସର୍ବଦା ତାଲିବାନ ଦ୍ୱାରା ଦାବି ହୋଇଆସୁଛନ୍ତି, ନୂତନ ଅଣ-ଅନ୍ତର୍ଭୁକ୍ତ ରାଜ୍ୟ ବ୍ୟବସ୍ଥାରେ ନିରାଶ ହୋଇଛନ୍ତି । ସାମାଜିକ ସ୍ତରରେ ଶାସନର ବୈଧତା କମ୍ ଅଟେ। ତାଲିବାନ ଏପରି ଏକ ପରିବେଶ ସୃଷ୍ଟି କରିପାରିବ ନାହିଁ, ଯେଉଁଥିରେ ଦେଶର ସ୍ଥାୟୀ ଏବଂ ସାମଗ୍ରିକ ବିକାଶ ଘଟିବ ବୋଲି ଆଶା କରାଯାଇ ପାରିବ । ସମ୍ଭବତଃ ଏହି ଗୋଟିଏ ବର୍ଷ ମଧ୍ୟରେ ତାଲିବାନର ପ୍ରଶାସନିକ ଅକ୍ଷମତାକୁ ମଧ୍ୟ ଦର୍ଶାଇଛି, କାରଣ ଏକବିଂଶ ଶତାବ୍ଦୀରେ ଧାର୍ମିକ ଚିନ୍ତାଧାରା ସହିତ ରାଜ୍ୟ ଚଳାଇ ପାରିବେ ସତ । କିନ୍ତୁ ଧମକ ଦେଇ ଏହା କରିପାରିବ ନାହିଁ।

ଗତ ବର୍ଷ ଅଗଷ୍ଟ ୧୫ ରେ ଯେତେବେଳେ ତାଲିବାନ କାବୁଲକୁ ପୁନଃ ଜବତ କରିଥିଲା, ସେତେବେଳେ ଅନେକ ସମୀକ୍ଷକ ପୂର୍ବାନୁମାନ କରିଥିଲେ ଯେ ଏଥର ଏକ ନୂତନ ସଂସ୍କାରିତ ଭାବରେ ତାଲିବାନ ଆସିବ । ସେତେବେଳେ ମଧ୍ୟ ପ୍ରଶ୍ନ ଉଠିଥିଲା ଯେ ଏହି ଜିହାଦୀ ସଂଗଠନ ନିଜର ଉଗ୍ରବାଦୀ ମାନସିକତାକୁ ତ୍ୟାଗ କରିବ ଏବଂ ବ୍ୟବହାରିକ ଆବଶ୍ୟକତା ଆଧାରରେ ଦେଶ ଗଠନ କରିବ କି ? ଏହାର ଯଥାର୍ଥ ଉତ୍ତର ନଥିଲେ ମଧ୍ୟ କିଛି ସମୟ ପରେ ସ୍ପଷ୍ଟ ହୋଇଛି ଯେ ନୂତନ ତାଲିବାନ ଏବଂ ପୁରୁଣା ତାଲିବାନ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । କିନ୍ତୁ ଏହା ପୂର୍ବ ଅପେକ୍ଷା ଅଧିକ ମୌଳିକ ତଥା ପ୍ରତିକ୍ରିୟାଶୀଳ ହୋଇପାରିଛି । ଯଦିଓ ତାଲିବାନ ତାଲିବାନ ମଧ୍ୟରେ ସବୁ ଠିକ୍ ନୁହେଁ, ଏଥିରେ ଦଳଗତ ପାର୍ଥକ୍ୟ ବିସ୍ତାର କରିଛି । ଏହାର ମୁଖ୍ୟ କାରଣ ହେଉଛି ନିର୍ଯାତନା ଦେବା ପରେ ଦେଶର ଭବିଷ୍ୟତ ଦିଗରେ ଏହି ଗୋଷ୍ଠୀ ମଧ୍ୟରେ ପାର୍ଥକ୍ୟ ରହିଛି । ବାଳିକା ମାନଙ୍କ ଶିକ୍ଷା, ଆତଙ୍କବାଦୀ ସଂଗଠନର ଆଶ୍ରୟ ଏବଂ ପାକିସ୍ତାନ ସହ ସମ୍ପର୍କ ଭଳି ପ୍ରସଙ୍ଗରେ ତାଲିବାନ ମଧ୍ୟରେ କୌଣସି ସହମତି ନାହିଁ । ଯଦିଓ ହକ୍କାନି ଦଳ ଏବଂ କାନ୍ଦାହାରୀ ଦଳ ହାର୍ଡଲାଇନ ଦଳ ସହିତ ଉଦାରବାଦୀ ଶିବିର ସହିତ ବିବାଦ କରୁଛନ୍ତି ।

ମୌଳିକବାଦୀ ପ୍ରାଧାନ୍ୟ ବିସ୍ତାର କରୁଛନ୍ତି, କାରଣ ଏହି ପଦବୀ ସାଧାରଣତଃ ସର୍ବୋଚ୍ଚ ତାଲିବାନ ନେତାଙ୍କୁ ସମର୍ଥନ କରେ । ଯଦିଓ ସ୍ଥାନୀୟ ସମ୍ପ୍ରଦାୟର ତାଲିବାନ ପାଇଁ ଏକ ଧାଡି ଛିଡା ହୋଇଛି, ଆଇଏସ୍-ଖୋରାସାନି ଦଳ ଏହା ପାଇଁ ଏକ ଆହ୍ୱାନ ଭାବରେ ଉଭା ହେଉଛି । ସାନ୍ତାଳିଆକୁ ଖାତିର ନକରି ଆଇଏସ୍ ଶିଆ, ଶିଖ୍ ଏବଂ ତାଲିବାନ ନେତାଙ୍କ ଉପରେ ଆକ୍ରମଣ ଜାରି ରଖିଛି । ଏହି କାରଣରୁ ତାଲିବାନ ଉପରେ ମଧ୍ୟ ଚାପ ରହିଛି ଯେ ଏହାର ମୌଳିକବାଦୀ ଭାବନାରେ ଏହାର କୌଣସି ପ୍ରଭାବ ନାହିଁ । ଏହି ମୌଳିକ ପ୍ରତିଯୋଗିତାରେ ନିରୀହ ଆଫଗାନିସ୍ତାନର ଲୋକମାନେ କ୍ଷୁବ୍ଧ ହେଉଛନ୍ତି । ଆଫଗାନିସ୍ତାନରେ ତାଲିବାନର ଦଖଲ ଆତଙ୍କବାଦୀଙ୍କ ଆତ୍ମାକୁ ଦୃଢ ବିଶ୍ୱାସ ବଢାଇ ଦେଇଛି । ଏହାର ପ୍ରଭାବ ଆନ୍ତର୍ଜାତୀୟ ସ୍ତରରେ ପଡୁଛି । ଯାହା ଫଳରେ ଅସୁରକ୍ଷିତତା ଓ ଅସ୍ଥିରତାର ଭୟ ବୃଦ୍ଧି ପାଇଛି । କାବୁଲର ମଧ୍ୟଭାଗରେ ଏକ ଅଞ୍ଚଳରେ ଅଲ କାଏଦର ନେତା ଆୟମାନ ଅଲ-ଜବାହିରିଙ୍କୁ ହତ୍ୟା କରାଯିବା ପରେ ବହୁତ ସମୟ ବିତିଯାଇଥିଲା । ଏପରି ଭୟଭୀତ ତଥା ଚାହୁଁଥିବା ଆତଙ୍କବାଦୀଙ୍କୁ ତାଲିବାନର ବରିଷ୍ଠ ନେତା ତଥା ଆଭ୍ୟନ୍ତରୀଣ ମନ୍ତ୍ରୀ ସିରାଜୁଦ୍ଦିନ ହକ୍କାନୀଙ୍କ ବ୍ୟତୀତ ଅନ୍ୟ କେହି ସୁରକ୍ଷା ଦେଇ ନ ଥିଲେ।

ଜାତିସଂଘର ମନିଟରିଂ ଦଳର ସଦ୍ୟତମ ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତ ବିରୋଧୀ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର ଏବଂ ଜିଶ୍ ଆଫଗାନିସ୍ତାନରେ ସ୍କାଡ୍ ପ୍ରସ୍ତୁତ କରୁଛନ୍ତି । ତାହା ହେଉଛି, ତାଲିବାନ ନେତାଙ୍କ ଦାବି ଯେ ଆତଙ୍କବାଦର ବିଷ ମଞ୍ଜି ବଢାଇବା ପାଇଁ ସେମାନଙ୍କ ମାଟି ଜଳ ବ୍ୟବହାର କରାଯାଉ ନାହିଁତ । ଆଫଗାନିସ୍ତାନରେ ଆତଙ୍କ ବଢିବାକୁ ଦେବେ ନାହିଁ ବୋଲି ବିଶ୍ୱ ସମୁଦାୟକୁ ଦେଇଥିବା ଆଶ୍ୱାସନା ଅର୍ଥହୀନ ପ୍ରମାଣିତ ହୋଇଛି । ବାସ୍ତବତା ହେଉଛି ଯେ ପାକିସ୍ତାନ ସରକାରଙ୍କ ବିରୋଧରେ ସକ୍ରିୟ ଥିବା ତେହେରିକ-ଇ-ତାଲିୱାନ ୱାନି ଟିଟିପି ମଧ୍ୟ ଆଫଗାନିସ୍ତାନରେ ଏହାର ମୂଳଦୁଆକୁ ମଜବୁତ କରିଛି । ଇସଲାମାବାଦ ଟିଟିପିର ମହାନ ଶକ୍ତିକୁ ଭୟ କରୁଛି ।

ମାମଲା ଏତେ ଖରାପ ହେଲା ଯେ ପାକିସ୍ତାନୀ ଏପ୍ରିଲରେ ଆଫଗାନିସ୍ତାନ ଭିତରେ ବାୟୁସେନା ଉପରେ ବୋମା ପକାଇବାକୁ ପଡୁଥିଲା । ଏଥିରେ ସମସ୍ତ ସାଧାରଣ ଲୋକ ମଧ୍ୟ ନିହତ ହୋଇଥିଲେ । ଗତ ବର୍ଷ କାବୁଲରେ ତାଲିବାନ ରା ଫେରିବା ପରେ ପାକିସ୍ତାନ ବହୁତ ଖୁସି ଥିଲା, କିନ୍ତୁ ବର୍ତ୍ତମାନ ଏହାର ସମସ୍ୟା ଆରମ୍ଭ ହେବାକୁ ଯାଉଛି । ପାକିସ୍ତାନର ସୃଷ୍ଟି ତାଲିବାନ ତାଙ୍କ ପାଇଁ ଘୃଣ୍ୟ କାର୍ଯ୍ୟରେ ପରିଣତ ହେଉଛି । ଆଫଗାନିସ୍ତାନରେ ସୃଷ୍ଟି ହୋଇଥିବା ନୂତନ ସମୀକରଣରୁ ସୃଷ୍ଟି ହୋଇଥିବା ନକାରାତ୍ମକ ସଙ୍କେତ ସତ୍ତ୍ୱେ ନୂଆଦିଲ୍ଲୀ କାବୁଲକୁ ପଛଘୁଞ୍ଚା ଦେଇ ନାହିଁ । ମାନବିକତା ଦୃଷ୍ଟିରୁ ଏହି ପଡୋଶୀ ଦେଶକୁ ଖାଦ୍ୟ ଠାରୁ ଆରମ୍ଭ କରି ଔଷଧ ପର୍ଯ୍ୟନ୍ତ ଭାରତ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେଇଛି । ଏହି ସହାୟତା ଅଭାବୀ ଲୋକଙ୍କ ନିକଟରେ ପହଞ୍ଚିବା ନିଶ୍ଚିତ କରିବାକୁ, ସେ କିଛି ଦ୍ୱିଧାରେ, ତାଲିବାନ ସହିତ ମଧ୍ୟ ସମ୍ପର୍କ ରଖିଛନ୍ତି । ଆଫଗାନିସ୍ତାନ ପ୍ରତି ଭାରତର ବ୍ୟାପକ ଆଗ୍ରହ ରହିଛି ଏବଂ ଏହାକୁ ପୂରଣ କରିବା ପାଇଁ ଜୁନ୍ ମାସରେ ଦଶ ମାସ ପରେ ସେଠାରେ ଏହାର ସ୍ଥାୟୀ ଭିତ୍ତିଭୂମି ପୁନଃ ଖୋଲିଥିଲା । ତାହା ହେଉଛି ହାକାଲରେ କୂଟନୈତିକ ଉପସ୍ଥିତିର ଅର୍ଥ ନୁହେଁ ଯେ ତାଲିବାନ୍ ସରକାରଙ୍କୁ ସ୍ୱୀକୃତି ଦିଆଯାଇଛି । ଭାରତର ଷ୍ଟାଣ୍ଡ କେବଳ ସୂଚାଇ ଦେଉଛି ଯେ ଏହା ଆଫଗାନିସ୍ତାନ ଲୋକଙ୍କ ସହୃଦୟ ତଥା ସମର୍ଥକ ହୋଇ ରହିବ ।

ଭାରତ ବିରୋଧରେ ପରିସ୍ଥିତି ଯେତେ ଯାହା ହେଉନା କାହିଁକି, ଏହା ସର୍ବଦା ଆଫଗାନିସ୍ତାନର ବନ୍ଧୁ ହୋଇ ରହିବ । ପାରମ୍ପାରିକ ଭାବରେ ଆଫଗାନିସ୍ତାନ ସବୁବେଳେ ଭାରତ ପାଇଁ ଏକ ନରମ କୋଣ ଥିଲା । ନୂଆଦିଲ୍ଲୀର ନିରନ୍ତର ସାହାଯ୍ୟରେ ସେ ସମାନ ସାନ୍ତ୍ୱନା ପାଇବେ ଯେପରି ବିପର୍ଯ୍ୟୟ ସମୟରେ ମଧ୍ୟ ଭାରତ ତାଙ୍କ ସହ ଛିଡା ହୋଇଛି । ଏହି ଶୁଭେଚ୍ଛା ସହିତ ଭାରତ ଆଫଗାନିସ୍ତାନରେ ନିଜର ସ୍ୱାର୍ଥ ପୂରଣ କରିବାରେ ସକ୍ଷମ ହେବ ଏବଂ ସିନୋ-ପାକିସ୍ତାନୀ ଦୁର୍ଦ୍ଦାନ୍ତ ସର୍କଲକୁ ଭାଙ୍ଗିବ।


ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪

ମୋ: ୯୦୪୦୧୫୧୪୭୫


## ବୟସ ଶିକ୍ଷାର ବାଧକ ନୁହେଁ



ପୁଷ୍ପଲତା ମିଶ୍ର

କଥାରେ ଅଛି - 'ଛତୁ ଉଠା କାଠ, ନିଶ ଉଠା ପାଠ' କାମକୁ ନୁହେଁ, କାଠରେ ଛତୁ ଉଠି ଥିଲେ ସେହି କାଠ କୌଣସି କାମରେ ଆସେ ନାହିଁ, କେବଳ ଜାଳେଣିର ଉପଯୋଗ୍ୟ ହୁଏ ।

ସେହି ଭଳି ନିଶ ଉଠି ଗଲେ ବ୍ୟକ୍ତିର ପାଠ ପଢ଼ାକୁ ଲୋକେ ହାସ୍ୟାସ୍ପଦରେ ଥଟ୍ଟା ତାମସା କରନ୍ତି, ଆହୁରି ଗୋଟିଏ ଉଦାହରଣ ଲୋକ କଥା ପ୍ରଚଳିତ ହୋଇ ଆସୁଅଛି, 'ଯାହା ନ ହୋଇଛି ବାଳ କାଳେ ତାହା କି ହେବ ବୃଦ୍ଧ ବେଳେ ବା ପାଚିଲା ବାଳେ', ଏହାର ସତ୍ୟତା କିଛି ମାତ୍ରାରେ ଥାଇପାରେ କିନ୍ତୁ କେତେକଙ୍କ ମତ ସର୍ଭେ ଅନୁଯାୟୀ ଶିକ୍ଷା ବୟସର ଅପରାହ୍ନରେ ମଧ୍ୟ ସମ୍ଭବ ହୋଇଥାଏ ।

ଶିକ୍ଷାର ବିକାଶ ପାଇଁ କୌଣସି ବୟସର ସୀମା ରେଖା ନାହିଁ ଯାହାକି ବ୍ୟକ୍ତିର ଉତ୍ତମ ଆଚରଣର ମାଧ୍ୟମରୁ ଜଣା ପଡି ଯାଏ । ମଣିଷ ଶ୍ରେଷ୍ଠ ପ୍ରାଣୀ ହେଲେ ବି ତାର ଶିଖିବା ନିମ୍ନତମ୍ ପ୍ରାଣୀ ପିମ୍ପୁଡ଼ିଠାରୁ ମଧ୍ୟ ଶିକ୍ଷାର କୌଶଳ ଗ୍ରହଣ କରେ, ଶିଖିବା ବନ୍ଦ ହେଇଗଲେ ଜୀବନର ଅଗ୍ର ଗତି ମଧ୍ୟ ଶିଥିଳ ହୋଇଯାଏ ।

ଶିକ୍ଷା ଓ ନିଜର କାର୍ଯ୍ୟ କୁଶଳତା ସ୍ଥିତି ନିର୍ମାଣ କରିଥାଏ । ଯେଉଁଠି ସଫଳତା ଥାଏ ନିଜେ ଭଗବାନ ମଧ୍ୟ ତା ପାଖକୁ ଚାଲି ଆସିଥାନ୍ତି । ଯାହା କି ଉଦାହରଣ ଅନନ୍ତ ମହାରଣା ନିଜେ ମହାପ୍ରଭୁ ଓହ୍ଲାଇ ଆସି ଥିଲେ ପରମ ବ୍ରହ୍ମଙ୍କ ମୂର୍ତ୍ତି ନିର୍ମାଣ କରିବା ପାଇଁ । ଅନୁ କରଣ ଦ୍ୱାରା ଯୁବ ପିଢ଼ି ଆଦର୍ଶ ଶିକ୍ଷାର ପ୍ରାଚୁର୍ଯ୍ୟର ଉଦାହରଣ।

ଶିକ୍ଷା ଏପରି ଏକ ପରି ଚର୍ଯ୍ୟାର ବିଷୟ ସେତେବେଳେ ବୟସର ମାନ ଦଣ୍ଡ ନଥାଏ । ପୌରାଣିକ ବିଷୟକୁ ଅନୁଧ୍ୟାନ କଲେ ଜଣାପଡେ ଯେ ମହା ଭାରତ ଯୁଦ୍ଧର ସମାପ୍ତି ପରେ ପିତାମହ ଭୀଷ୍ମ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତିକୁ ଅପେକ୍ଷା କରି ରହିଥିଲେ । ଏହି ସମୟରେ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଲେ ବୃଦ୍ଧ ପିତାମହଙ୍କ ଠାରୁ ଜ୍ଞାନ ଲାଭ କରନ୍ତୁ, ଯୁଧିଷ୍ଠିର ବୟସର ଯୋଉ ସୋପାନରେ ପହଁଚି ଥିଲେ ସେହି ଶିକ୍ଷା ବୟସର ବାଧକ ନୁହେଁ, ଜୀବନର ସଂଘର୍ଷ ଯାହା ଶିକ୍ଷା ଦେଇ ଥିଲା ତାହା ପରେ ବି କିଛି ଶିଖିବା ବା ଜାଣିବା ପାଇଁ ମୃତ୍ୟୁକୁ ପ୍ରତୀକ୍ଷା କରିଥିବା ପିତାମହ ଭୀଷ୍ମଙ୍କ ପାଖକୁ ଜ୍ଞାନ ଲାଭ ପାଇଁ ପିତାମହଙ୍କ ପାଖକୁ ଗଲେ, ଏହି କାରଣରୁ ମହାଭାରତର ଶାନ୍ତି ଓ ଅନୁଶାସନ ବଜାୟ ରହିଥିଲା। ଶିଖିବାର କଳା ବ୍ୟକ୍ତିକୁ ଜୀବନ ରେ ନିଶ୍ଚିନ୍ତ ଅଗ୍ରସର କରାଏ । ଏବେ ତ ଦେଖିବାକୁ ମିଳେ ଯେ ପୁଅ ଝିଅଙ୍କ ସହିତ ମାଆ ବାପା ମାଧ୍ୟମିକ ପରୀକ୍ଷା ଦେବାର ଗୋଟିଏ ବଡ଼ ଉଦାହରଣ ଯାହା ଆମ ସମାଜରେ ପ୍ରଚଳିତ ହେଉଅଛି । ଶିକ୍ଷା ପ୍ରମାଣ ପତ୍ର ହାସଲ ମୂଳ ଆଧାର ନୁହେଁ କେତେକାଂଶରେ ଗ୍ରହଣୀୟ, ଶିକ୍ଷା ହେଉଛି ଆତ୍ମିକ ଚିନ୍ତାଧାରାର ନୈସର୍ଗିକ ମନଭାବର ନିରନ୍ତର ଶିଖିବାର ପର୍ଯ୍ୟବେଶିତ, କାରଣ ଯିଏ ଶିଖିବା ବନ୍ଦ କରିଦେଇଛି ସେ ଏକ ପ୍ରକାର ଅଟକି ଯାଇଛି ଏବଂ ଜଡ ତା ଆଡକୁ ଚାଲିଯାଉଛି ।

ହଜାର ହଜାର ବର୍ଷ ପୂର୍ବରୁ ମଧ୍ୟ ଆମର ମୁନି ଋଷି ମାନେ ଜାଣି ଥିଲେ ଯେ ଯାହା ଶିକ୍ଷା ପ୍ରଦାନ କରାଗଲା ତାହାହିଁ ସାର୍ଥକତା କରି ପାରିଥାଏ । ଡ଼ିଗ୍ରୀଧାରି ଶିକ୍ଷା ପାଇଁ ବୟୋଜ୍ୟେଷ୍ଠ ବିଧାୟକମାନେ ମଧ୍ୟ ଉଚ୍ଚ ମାଧ୍ୟମିକ ପରୀକ୍ଷା ଦେଇ ଶିକ୍ଷାର ପ୍ରମାଣ ପତ୍ର ସଂଗ୍ରହ କରୁଛନ୍ତି, ଏହା ମଧ୍ୟ ଏକ ଉଦାହରଣ ଯେ ଜୀବନର ଶେଷ ପାହାଚରେ ଶିକ୍ଷା ନେବା ହାସ୍ୟାସ୍ପଦ ନୁହେଁ, ଏହା ସମ୍ପୂର୍ଣ୍ଣ ରୂପେ ଗ୍ରହଣ ଯୋଗ୍ୟ ହୋଇଥାଏ ।

ବୟସାଧିକ ହେଲେ ମଧ୍ୟ ନିରନ୍ତର ଶିକ୍ଷା କରିବାର କଳା ଦ୍ୱାରା ବ୍ୟକ୍ତି ନିଜର ଦକ୍ଷତାରେ ପ୍ରବୀଣ ହୋଇଥାଏ, କାରଣ ଯିଏ ନିଜର ଅଭାବ ଦୁର୍ବଳତା ଓ ତ୍ରୁଟି ଗୁଡ଼ିକୁ ନିରନ୍ତର ଦୂର କରିବାରେ କାର୍ଯ୍ୟ କୁଶଳତାକୁ ବୃଦ୍ଧି କରି ଥାଏ, ସେହି ଶିଖିବାର ସିଦ୍ଧାନ୍ତ ରେ ପହଞ୍ଚି ପରିଥାଏ । ଶିକ୍ଷା ଜୀବନର ଦୃଢ଼ତା ଓ ଚମକ ସୃଷ୍ଟି କରେ, ସେହି କାରଣରୁ ସେଥିରେ କୌଣସି ଦୋଷ ଦୁର୍ବଳତା ରହେ ନାହିଁ, ଯେମିତି କି ଲୁହାକୁ ବିନା ବ୍ୟବହାରରେ ଛାଡ଼ି ଦିଆ ଯାଏ ସେଥିରେ କଳଙ୍କି ଲାଗିବା ଆରମ୍ଭ ହୁଏ, ଏହାକୁ ରଗଡ଼ି ପରିଷ୍କାର କଲେ ସୁନ୍ଦ ତା ଫେରି ଆସେ ଏବଂ ଚମକ ବଢିଯାଏ, ସେହିପରି ଶିକ୍ଷା ଜୀବନକୁ ଶାଣିତ କରେ, ଶିକ୍ଷାର ମାନ ବୃଦ୍ଧି କରେ, ସେ ଯେତେ ବୟସ ଅଧିକକୁ ସ୍ୱାଗତ ଯୋଗ୍ୟ ବି କରିଥାଏ ।

ବୟସ୍କ ବ୍ୟକ୍ତିଙ୍କ ଶିକ୍ଷାର ମାନ ବୃଦ୍ଧି ପାଇଁ ମଧ୍ୟ ଆମ ସରକାରଙ୍କର ବ୍ୟବସ୍ଥା ଅଛି, ଆନ୍ତର୍ଜାତୀୟ ପତ୍ର ମାଧ୍ୟମ ଶିକ୍ଷା ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରଠାରେ ଶିକ୍ଷାର ଉଚ୍ଚାଧିକାର ଡିଗ୍ରୀ ପ୍ରମାଣ ପତ୍ରର ଅଧିକାର ନିମନ୍ତେ ଶିକ୍ଷା ପ୍ରଦାନ କରାଯାଏ, ବର୍ଷକର ପାଠକୁ ପନ୍ଦର ଦିନ ଅଧ୍ୟାପକ ମାନେ ପଢ଼ାଇ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରନ୍ତି । ଶିକ୍ଷା ହି ବ୍ୟକ୍ତିର ମାନଦଣ୍ଡ, ଶିକ୍ଷା ଗ୍ରହଣର ଭୌତିକ ତାର ଚାକଚକ୍ୟ ଭିତରେ ସାଂସାରିକ ମାୟା ଜାଲ ମଧ୍ୟରେ ବ୍ୟକ୍ତି କୋଉଠି ଅଟକିବା ଅନୁଚିତ୍ ନିରନ୍ତର ଆଗକୁ ବଢ଼ି ଚାଲିବା ଉଚିତ୍ ।

ନଦୀ କେବେ ଉଜଣି ବୁହେ ନାହିଁ, ଆଗକୁ ବଢ଼ି ଚାଲେ କେବଳ ଅଗ୍ରସର ନୁହେଁ ବରଂ ଉର୍ଦ୍ଧ୍ୱକୁ ଉଠିବା ପାଇଁ ମଧ୍ୟ ଶିକ୍ଷା ଦେଇଥାଏ, କାରଣ ଏହି ଉର୍ଦ୍ଧ୍ୱଗାମୀ ଶିକ୍ଷାର ଗତି ଆମକୁ ପରମ ଲକ୍ଷ୍ୟ ସ୍ଥଳରେ ପହଁଚାଇ ଦିଏ ।


ଭୁବନେଶ୍ୱର

ମୋ:୯୩୩୮୨୯୪୬୫୭


## ବିଶ୍ୱାସ...

### ବୈଷ୍ଣବ ମେହେର

ଆଜି ମୁଁ ଶ୍ୱାସରୁଦ୍ଧ...
ଆଜି ମୁଁ ପରାଜିତ,
ଜୀବନ ଯୁଦ୍ଧରେ ହାରିଯାଇଥିବା,
ଧରାଶାୟୀ ମଣିଷଟିଏ ମୁଁ...
ସମ୍ପର୍କକୁ ବିଶ୍ୱାସ ଭାବି,
ଧୋକା ଖାଇଥିବା ମଣିଷଟେ ମୁଁ ।
ମୋ ନିଶ୍ୱାସ ଉପରେ...
ମୋ ବିଶ୍ୱାସ ନାହିଁ,
ଉବୁଟୁବୁ ଜୀବନ ଜଞ୍ଜାଳରେ,
ଖୋଜିବୁଲେ ଚେନାଏ ଶାନ୍ତି...
ସ୍ୱାର୍ଥପର ସମାଜରୁ ଆଜି,
କେମିତି ମିଳିବ ପ୍ରତାରଣାରୁ ମୁକ୍ତି।
ଲୁହବି ପାଣିଟୋପା ସଦୃଶ...
ମୂଲ୍ୟବୋଧ କିଛି ନାହିଁ,
ଦୁଃଖ ଆଉ ଦରଦକୁ,
ବିଶ୍ୱାସ କରିବେ କାହିଁ...
ରକ୍ତ ଆଉ ରଙ୍ଗର,
ଅନ୍ତର ଯୋଉ ସମାଜେ ନାହିଁ ।
ଆଜି ବଞ୍ଚିଛି ସତ...
ବିଶ୍ୱାସ ହଉନି କାଳିକି,
କେଜାଣି କେହି କେବେ,
ତଣ୍ଟି ଦେବେ ଚିପି...
ଆତ୍ମିୟତାର ପରିଚୟ ଦେଇ,
ବିଶ୍ୱାସର ମିଥ୍ୟା ଅଭିନୟ କରି ।


ଗଣ୍ଡାବାହାଲି, ନୂଆପଡ଼ା
ମୋ: ୬୨୬୪୩୦୫୦୦୩





## ଲୋକଙ୍କ କଥା

### ବିନୟ ମିଶ୍ର

ଲୋକଙ୍କର କାମ ଭଲରେ ମନ୍ଦରେ ନିନ୍ଦା ପ୍ରଶଂସା କରିବେ,
କହିବାକୁ ପରା ପାଟି ପାଇଛନ୍ତି ମଲା ଯାଏ କହୁଥିବେ,
କାହାଠୁ ମିଳିବ କିସ,
ତୁମ ଭଲ ମନ୍ଦେ କେହି ଆସିବେନି ବିଶ୍ୱାସରେ ଦେବେ ବିଷ।

ଠିକ ଅବା ଭୁଲ ବୁଝୁ କେହି ତାକୁ ଗୁରୁତ୍ୱ ନ ଦେବା ଭଲ,
ପ୍ରଶଂସା କରୁ କି ନିନ୍ଦା କରିଥାଉ ତା କାମ ନ ଭାବି ଶଲ,
ନିଜ କାମ କରିଚାଲ,
ତୁମେ ଯଦି ଭଲ ମନେ କରୁଅଛ ସବୁ ହୋଇଯିବ ଭଲ।

ପିତା ପୁତ୍ର ଦୁହେଁ ଗଧଟିଏ ଧରି ହାଟ କରିବାକୁ ଗଲେ,
ଗଧ ପରେ ଲଦି ପଣ୍ୟ ଦ୍ରବ୍ୟ ସବୁ ଚାଲି ଚାଲି ଯାଉଥିଲେ।
ବାଟରେ ପଡିଲା ଗାଁ,
କିଛି ଲୋକ ବସି କହିଲେ କେମିତି ନିର୍ଦ୍ଦୟ ମଣିଷ ଆହା।

ନିଜେ ଯାଉଛନ୍ତି ସୁଖେ ଚାଲି ଚାଲି ଗଧ ବୋହୁଅଛି ଭାର,
କିଛି ଯଦି ନିଜ ମୁଣ୍ଡରେ ମୁଣ୍ଡାନ୍ତେ-ଗଧ ଚାଲନ୍ତା ସୁଖର,
ଏହା ଶୁଣି ବାପ ପୁଅ,
ଗଧର ପିଠିରୁ ଦ୍ରବ୍ୟ ଆଣି ମୁଣ୍ଡେ ମୁଣ୍ଡାଇଲେ କରି ଭୟ।

ଆର ଗାଁ ଯେବେ ଆସିଲା ଶୁଣିଲେ କିଛି ଲୋକ କହୁଛନ୍ତି,
ଏଡ଼େ ଖରାଟାରେ ପୁଅକୁ ଚଲାଏ ଗଧେ ବସାଇଲେ ଶାନ୍ତି
ଶୁଣି ବାପ ତାହା କଲା,
ମୁଣ୍ଡରେ ମୁଣ୍ଡାଇ ପୁଅକୁ ଗଧର ପିଠିପରେ ବସାଇଲା।

ଆର ଗାଁ ପାଖେ ଲୋକେ କୁହା କୁହି କେମିତି ଟୋକାଟା ଦେଖ,
ବୁଢା ବୋପାଟାକୁ ଚଲାଇ ନେଉଛି, ନିଜେ ପାଉଅଛି ସୁଖ,
ବାପ ବସିଲା ପିଠିରେ,
ପୁଅ ଓହ୍ଲାଇକି ଚାଲିଲା ଆଗକୁ ଖରା ବଢେ ଧୀରେ ଧୀରେ।

ଆଉ ଗୋଟେ ଗାଁ ଆସିଲା ଯେ ବେଳେ
ଲୋକେ କହିଲେ ଏ କଥା,
ମୂର୍ଖ ଏଇ ବୋପା ପୁଅକୁ ଚଲାଏ ଗଧକୁ ଦେଉଛି ବ୍ୟଥା,
ବାପଟି ଓହ୍ଲେଇ ଗଲା,
ଗଧ ଚାରିଗୋଡ଼ ବାନ୍ଧି ବାପ ପୁଅ ଦୁହେଁ
ବାଉଁଶ ଭାର କରିଲା।

କାନ୍ଧେ ବୋହି ଗଧ ମୁଣ୍ଡେ ଧରି ଦ୍ରବ୍ୟ ଆଉ ଏକ ଗାଁ ପାଶେ,
ଦେଖିଲେ କେତେକ ହାତ ଦେଇ ନାକେ ଫାଟି ପଡୁଛନ୍ତି ହସେ
ହେଉଛନ୍ତି କୁହାକୁହି,
ଗଧକୁ କାନ୍ଧେଇ ଏଡ଼େ ଖରାଟାରେ ଏମିତି ମୂର୍ଖ କେ କାହିଁ ?

ବାପ ପୁଅ ଦୁହେଁ କଥା ହେଲେ ବସି କେତେ ଆଉ ଶୁଣୁଥିବା
ଗଧ ପରେ ଲଦି ଜିନିଷ ସବୁକୁ ଆମେ ଦୁହେଁ ବସିଯିବା
ଯିଏ ଯାହା କହୁଥାଉ,
ଆମ ବାଟେ ଆମେ ଚାଲିବା ହାଟକୁ ତାଙ୍କ କଥା ଶେଣେ ଥାଉ।


ନିଆଳ ଖୋର୍ଦ୍ଧା


## ବିଭୀଷିକା

### ରମେଶ ଚନ୍ଦ୍ର ନାୟକ

ବନ୍ୟା ବିଭୀଷିକା କହିଲେ ନ ସରେ
ପାଣି ଛୁଏଁ ଘର ଚାଳ
ଗାଆଁ ଘର ଦ୍ୱାର ଭାଙ୍ଗି ଚୁରୁମାର
ଦୁଃଖ ଭାସେ ମାଳ ମାଳ ।

ବାପ ଆଗେ ଆଗେ ଭାସିଯାଏ ପୁଅ
ମାଆ ଆଗେ ଆଗେ ଝିଅ
ଶବଦାହ ପାଇଁ ଜାଗା ନିଆଁ ନାହିଁ
ଭସାଏ ବନ୍ୟାର ସୁଅ ।

ଭାସିଯାନ୍ତି କେତେ ପଶୁ ପକ୍ଷୀ କୀଟ
ବନ୍ୟାର କରାଳ ସ୍ରୋତେ
ଜଳବନ୍ଦୀ ଭାବେ ଜୀବନ କଟାନ୍ତି
ଭୋକ ଉପବାସ ସାଥେ ।

ଭରଷା କେବଳ ଉଚ୍ଚ କୋଠା ସ୍ଥାନ
ପ୍ରାଣ ବଞ୍ଚାଇବା ପାଇଁ
ମଣିଷ ହେଉକି ବିଲେଇ କୁକୁର
ପୋଷା ପକ୍ଷୀ କୀଟ ଭୁଇଁ ।

ସାପ ବେଙ୍ଗ ମୂଷା ବିଲେଇ ନେଉଳ
ସଭିଏଁ ଏକାଠି ବାସ
ବନ୍ୟା ବିଭୀଷିକା ଦେଇଥାଏ ଶିକ୍ଷା
ମୈତ୍ରୀ ଭାବ ସହବାସ ।

ଯାହା ପାଖେ ଖାଦ୍ୟ ସଞ୍ଚିତ ବି ଅଛି
ଖାଇ ପାରେ ନାହିଁ ରାନ୍ଧି
ବିଜୁଳି ନାହିଁ କି ଗ୍ୟାସ କିରୋସିନି
ସମାନତ ଦିନରାତି ।

ବନ୍ୟାକ୍ଲିଷ୍ଟ ଲୋକେ ଆକାଶକୁ ଦେଖେ
ଖସିବ କି ଖାଦ୍ୟ ପୁଡା
ଭାସି ଆସିବାକୁ ସୁଦୂର ରାଇଜୁ
ସାମଗ୍ରୀ ବୋଇତ ଭରା ।


କେଶରପୁର, ବକ୍ସି ବଜାର, କଟକ
ମୋ :- ୭୯୭୮୧୫୧୭୧୦


## ଆୟୁଷ

### କୁନା ସେଠୀ

ଅଟକିନି ସେ ଆଗକୁ ଆଗକୁ
ଦ୍ରୁତ ବେଗେ ବଢୁଛି
କେବେ ପଛକୁ ଚାହୁଁନି
କେବେ ଝୁଣ୍ଟୁନି
ସିଧା ରାସ୍ତାରେ ଏକ ମୁଁହା ହୋଇ
ନିଜ ଲକ୍ଷ୍ୟ ପଥରେ
ମାଡି ଚାଲିଛି ।

ସେ କାହାର,
ହାତୀର ନା ବାଘର
ନା ମଣିଷର
ସବୁର ସେ ନିଜର
କିନ୍ତୁ
ସମସ୍ତଙ୍କୁ ସେ ଭାବେ ପର
ହେଲେ,
ସମସ୍ତେ ତାଙ୍କୁ ଭାବନ୍ତି ନିଜର ।

ଏଇ ପର ଆପଣା ଭିତରେ
କିନ୍ତୁ ସେ ଭାବି ନେଇଥାଏ
ମୁଁ ହେଉଛି ସମୟର
ସମୟ ହେଉଛି ମୋହର
କାହାରି କଥାରେ ବା ଆଘାତରେ
ମୁଁ ଅଟେକେନି
କାହାରି କଥାରେ ମୁଁ ଚାଲେନି
କାରଣ ମୁଁ ଆୟୁଷ
ତୁମର, ତାହାର, ଯମର,
ଭଗବାନ ର ବି
ମୁଁ କାହାର ଦାସ ନୁହେଁ
କିନ୍ତୁ ସଭିଏଁ ମୋହର ଦାସ ।


ଭୁତସରସିଙ୍ଗି, ପୁରୁଷୋତ୍ତମପୁର, ଗଞ୍ଜାମ

# ବଲିଉଡ ଡେବ୍ୟୁ ପୂର୍ବରୁ ରଶ୍ମୀକାଙ୍କୁ ଝଟ୍‌କା



ଫ୍ଲପ୍ ହେବାକୁ ଲାଗିଛି ଗୋଟିଏ ପରେ ଗୋଟିଏ ହିନ୍ଦୀ ଫିଲ୍ମ । ସମଶେରା, ଲାଲ ସିଂହ ଚଡ୍ଡା ଓ ରକ୍ଷା ବନ୍ଧନ ଭଳି ବିଗ୍ ବଜେଟ୍ ଫିଲ୍ମ ବକ୍ସ ଅଫିସରେ ଧ୍ୱମେଇ ଯାଇଛି । ଏହାକୁ ଦେଖି ଆଗକୁ ଆସିବାକୁ ଯାଉଥିବା ବଡ ବଡ ଫିଲ୍ମଗୁଡିକ ଉପରେ ମଧ୍ୟ ବ୍ରେକ୍ ଲାଗିଯାଇଛି । ଅନେକ ଫିଲ୍ମ ନିର୍ମାତା ଭୟଭୀତ ହୋଇପଡିଛନ୍ତି । ଏଥିରେ ପୁଷ୍ପା ଫେମ୍ ରଶ୍ମୀକା ମନ୍ଦନାଙ୍କ ଫିଲ୍ମ ମଧ୍ୟ ସାମିଲ ଅଛି ।

ବଲିଉଡ ଡେବ୍ୟୁ ପୂର୍ବରୁ ରଶ୍ମୀକା ମନ୍ଦନାଙ୍କୁ ଲାଗିଛି ଝଟ୍‌କା । ଫିଲ୍ମ ରିଲିଜ ପୂର୍ବରୁ ତା'ଉପରେ ଲାଗିଛି ବ୍ରେକ୍ । ନିକଟରେ କରଣ ଜୋହରଙ୍କ ପ୍ରଡକ୍ସନରେ ହାଉସର ଫିଲ୍ମ 'ସ୍କ୍ରୁ ଢ଼ିଲା'ର ଟିଜର ରିଲିଜ ହୋଇଥିଲା । ଏଥିରେ ଟାଇଗର ସ୍ରଫଙ୍କ ଅପୋଜିଟ୍‌ରେ ରଶ୍ମୀକା ମନ୍ଦନା ଅଛନ୍ତି । ଫିଲ୍ମଟି ଚଳିତ ବର୍ଷ ରିଲିଜ ହେବ ବୋଲି ଶୁଣିବାକୁ ମିଳିଥିଲା । କିନ୍ତୁ ବୟକଟ୍ ଟ୍ରେଣ୍ଡ ଓ ବଡ ବଡ ଫିଲ୍ମ ଫ୍ଲପ୍ ହେବା ପରେ ଏହାର ରିଲିଜ ଉପରେ ରୋକ୍ ଲାଗିଛି । ଆସନ୍ତା ଏକ ବର୍ଷ ପାଇଁ ଏହି ଫିଲ୍ମର ସୁଟିଂକୁ ମଧ୍ୟ ବନ୍ଦ କରାଯାଇଛି । ରିପୋର୍ଟ ମୁତାବକ, ଏହି ଫିଲ୍ମ ବ୍ୟତୀତ ରଶ୍ମୀକାଙ୍କ ହାତରେ ଆହୁରି ଅନେକ ବଡ ବଡ ପ୍ରୋଜେକ୍ଟ ରହିଛି । ସିଦ୍ଧାର୍ଥ ମଲହୋତ୍ରାଙ୍କ ସହ 'ମିଶନ ମଜନୁ', ରଣବୀର କପୁରଙ୍କ ସହ 'ଆନିମଲ୍' ଓ ଅମିତାଭ ବଚ୍ଚନଙ୍କ ସହ 'ଗୁଡବାୟ' ଭଳି ଫିଲ୍ମ ତାଙ୍କ ହାତରେ ଅଛନ୍ତି । କିନ୍ତୁ ବର୍ତ୍ତମାନ 'ସ୍କ୍ରୁ ଢ଼ିଲା' ଫିଲ୍ମର ନାଁ ଏହି ତାଲିକାରୁ ଦୂରେଇ ଯାଇଛି । ବଲିଉଡର ଆକ୍ସନ୍ ଷ୍ଟାର୍ ଟାଇଗର ସ୍ରଫ୍ ଏବଂ ନ୍ୟାସନାଲ କ୍ରସ୍ ରଶ୍ମିକା ମନ୍ଦନାଙ୍କୁ ଏକାଠି ଦେଖିବାକୁ ପ୍ରଶଂସକଙ୍କ ଇଚ୍ଛା ବର୍ତ୍ତମାନ ପୂରଣ ହୋଇପାରିବ ନାହିଁ । ଫିଲ୍ମ ବିଳମ୍ବ ହେବାର କାରଣ ଏକ ତାରିଖ ବୋଲି କୁହାଯାଉଛି । ଧର୍ମ ପ୍ରଡକ୍ସନ୍ସ ଫିଲ୍ମ ଟାଇଗରଙ୍କ ସହିତ ଅନ୍ୟ ଏକ ଫିଲ୍ମରେ କାମ କରୁଛି ବୋଲି କୁହାଯାଉଛି ।






# ବୟକଟ୍ ଟ୍ରେଣ୍ଡକୁ ନେଇ ବଡ ବୟାନ ଦେଲେ ମନ୍ଦାକିନୀ

ବଲିଉଡ ଇଣ୍ଡଷ୍ଟ୍ରିରେ ଏବେ ଭଲ ଦଶା ଚାଲିନି । ବଲିଉଡକୁ ବୟକଟ୍ କରିବା ପାଇଁ ଚାଲିଛି ଟ୍ରେଣ୍ଡ । କ୍ୟାନ୍‌ସେଲ୍ କଲଚର ଓ ଫିଲ୍ମକୁ ବୟକଟ୍ କରିବାକୁ ସବୁଠି ଦାବି ଉଠୁଛି । ଅଧିକାଂଶ ଫିଲ୍ମ ଏଥିପାଇଁ ବକ୍ସ ଅଫିସରେ ଫ୍ଲପ୍ ହେବାରେ ଲାଗିଛି । ଆମୀର ଖାନ୍‌ଙ୍କ ଠାରୁ ଆରମ୍ଭ କରି ଅକ୍ଷୟ କୁମାର, ସଲମାନ ଖାନ୍ ଯାଏଁ ସମସ୍ତଙ୍କ ଫିଲ୍ମକୁ ବୟକଟ୍ କରିବା ପାଇଁ କିଛି ୟୁଜର୍ସ ସୋଶାଲ ମିଡିଆରେ ଟ୍ରେଣ୍ଡିଂ ଆରମ୍ଭ କରିଛନ୍ତି । ଏହାରି ଭିତରେ ୨୫ ବର୍ଷ ପରେ ଇଣ୍ଡଷ୍ଟ୍ରିକୁ କମ୍‌ବ୍ୟାକ୍ କରିଛନ୍ତି ୯୦ ଦଶକ ହଟ୍ ଅଭିନେତ୍ରୀ ମନ୍ଦାକିନୀ । ଆଉ ବୟକଟ୍ କଲଚରକୁ ନେଇ ଖୋଲିଛନ୍ତି ମୁହଁ ।

ଏକ ସାକ୍ଷାତକାରରେ ମନ୍ଦାକିନୀ କହିଛନ୍ତି, 'ଏହା ଅତ୍ୟନ୍ତ ଦୁଃଖଦାୟକ । ପୂର୍ବରୁ ଏଭଳି କିଛି ନଥିଲା । ନିର୍ଦ୍ଦେଶକଙ୍କୁ ଗୁରୁ ଭଳି ଦେଖାଯାଉଥିଲା । ପ୍ରତିଟି କଳାକାର ତାଙ୍କୁ ସମ୍ମାନ କରୁଥିଲେ । ଆମେ ତାଙ୍କୁ ସବୁବେଳେ ସମ୍ମାନ ଦେଇଛୁ । କିନ୍ତୁ ବର୍ତ୍ତମାନ ଏଭଳି କିଛି ଦୃଶ୍ୟମାନ ହେଉନାହିଁ । ବୋଧହୁଏ ଏହି କାରଣ ଯୋଗୁ ଆଜି ଇଣ୍ଡଷ୍ଟ୍ରିର ଲୋକମାନେ ପରସ୍ପର ଉପରେ ଟାର୍ଗେଟ୍ କରୁଛନ୍ତି ।' ସେ ଆହୁରି କହିଛନ୍ତି, 'ପୂର୍ବରୁ ଯେଉଁ ସମ୍ମାନ ଥିଲା, ତାହା ଏବେ ଶେଷ ହୋଇଯାଇଛି । ଏବେ ଲୋକଙ୍କ ମଧ୍ୟରେ ଏତେ ଅହଙ୍କାର ଭାବ ଆସିଯାଇଛି ଯେ ସେମାନଙ୍କୁ ଲଗୁଛି ସେମାନେ ପୂରା ଇଣ୍ଡଷ୍ଟ୍ରିକୁ ବଦଳାଇ ଦେବେ ଓ ତାଙ୍କ ଲାଗି ହିଁ ଏ ଇଣ୍ଡଷ୍ଟ୍ରି ଚାଲିଛି । ଅହଙ୍କାର ରହିବା ଉଚିତ ନୁହେଁ । ମଣିଷ ଯେତେ ସଫଳତା ହାସଲ କଲେ ବି ତାଙ୍କୁ ବିନମ୍ର ରହିବା ଉଚିତ । ପ୍ରକୃତରେ ସାଧାରଣ ଜନତା ଆପଣଙ୍କୁ ଦେଖନ୍ତି ଏବଂ ଭଲ ପାଆନ୍ତି । ଆପଣଙ୍କୁ ଆଦର୍ଶ ବୋଲି ଭାବନ୍ତି । ଯେତେବେଳେ ସେମାନେ ଆପଣଙ୍କର ତ୍ରୁଟି ଦେଖନ୍ତି, ସେତେବେଳେ ନିଶ୍ଚିତ ଭାବରେ ସେମାନଙ୍କର କ୍ରୋଧ ସାମ୍ନାକୁ ଆସିବ । ବୟକଟ୍ ଓ କ୍ୟାନ୍‌ସେଲ୍ କଲଚର ହେଉଛି ସେମାନଙ୍କ କ୍ରୋଧର ହିଁ ପରିଣାମ ।'ବଲିଉଡର ଏହି ଭେଟେରାନ୍ ଅଭିନେତ୍ରୀ ଜଣକ ଅନ୍ୟ ପାର୍ଶ୍ୱରୁ ମଧ୍ୟ ନିଜ ମତ ଦେଇଛନ୍ତି । ସେ କହିଛନ୍ତି, ' ବୋଧହୁଏ ଇଣ୍ଡଷ୍ଟ୍ରିର ଲୋକମାନେ ହିଁ ଏହାକୁ ପ୍ରୋତ୍ସାହିତ କରୁଛନ୍ତି । ମୁଁ ଭାବୁଛି ସବୁକିଛି ପ୍ଲାନିଂର ଏକ ଅଂଶ । ରାଜନୈତିକ ଏବଂ ଇଣ୍ଡଷ୍ଟ୍ରିର ଲୋକମାନେ ମିଶି ଏହି ପ୍ଲାନିଂ କରୁଛନ୍ତି । ସବୁ ଜିନିଷରେ ଅସାଧୁତା ରହିଛି । ଆପଣ ମିଛିକୁ କେତେ ଦିନ ଲୁଚାଇବେ ?' ଉଲ୍ଲେଖଯୋଗ୍ୟ, 'ରାମ ତେରି ଗଙ୍ଗା ମେଲି' ଫିଲ୍ମରୁ ରାତାରାତି ଷ୍ଟାର ପାଲଟି ଯାଇଥିବା ଅଭିନେତ୍ରୀ ମନ୍ଦାକିନୀ ନିଜର ସୁନ୍ଦର ଚେହାରା ପାଇଁ ସେତେବେଳେ ବେଶ୍ ପପୁଲାରିଟି ହାସଲ କରିଥିଲେ । ତାଙ୍କ ଅଭିନୟକୁ ଲୋକେ ଖୁବ ପସନ୍ଦ କରୁଥିଲେ । କିନ୍ତୁ ହଠାତ୍ ତାଙ୍କ ନାଁ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମଙ୍କ ସହ ଯୋଡି ହୋଇଯାଇଥିଲା । ସେ କୁଆଡେ ଦାଉଦଙ୍କ ଗାର୍ଲଫ୍ରେଣ୍ଡ ବୋଲି କୁହାଯାଉଥିଲା । ଏହାପରେ ସେ ଫିଲ୍ମ ଇଣ୍ଡଷ୍ଟ୍ରିରୁ ଦୂରେଇ ଯାଇଥିଲେ । ଏବେ ସେ ମୁମ୍ବାଇରେ ଯୋଗ ଶିଖାଇବା ସହ ଏକ ତିବ୍ବତ ହର୍ବାଲ ସେଣ୍ଟର ଚଳାଉଛନ୍ତି ।

# ଫେରିଲା ରାଜୁ ଶ୍ରୀବାସ୍ତବଙ୍କ ଚେତା

ସୁସ୍ଥ ହେଉଛନ୍ତି ଷ୍ଟାଣ୍ଡଅପ୍ କମେଡିଆନ୍ ରାଜୁ ଶ୍ରୀବାସ୍ତବ । ଦୀର୍ଘ ୧୫ ଦିନ ପରେ ଫେରିଲା ତାଙ୍କ ଚେତା । ଡାକ୍ତରୀ ଟିମ୍ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ମନିଟରିଂ ଜାରି ରଖିଛନ୍ତି । ଏନେଇ ତାଙ୍କ ପିଆରଓ ଆଜି ସୂଚନା ଦେଇଛନ୍ତି । ରାଜୁ ଶ୍ରୀବାସ୍ତବଙ୍କ ପିଆରଓ ତଥା ପରାମର୍ଶଦାତା ଅଜିତ ସକ୍‌ସେନାଙ୍କ କହିବା ମୁତାବକ, ଆଜି ସକାଳ ୮.୧୦ରେ ରାଜୁଙ୍କ ଚେତା ଫେରିଛି । ଏହାପରେ ଡାକ୍ତରୀ ଟିମ ତାଙ୍କ ଚେକ୍‌ଅପ୍ କରିଛନ୍ତି । ରାଜୁଙ୍କ ଚେତା ଫେରିବା ପରେ ତାଙ୍କ ପରିବାର ଲୋକଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି । ଗତ କିଛି ଦିନ ତଳେ ଡାକ୍ତରମାନେ ରାଜୁଙ୍କ ବ୍ରେନ୍‌ର ତିନୋଟି ଶିରା ମଧ୍ୟରୁ ଗୋଟିଏରେ ଏବେବି ବ୍ଲକେଜ ଥିବା କହିଥିଲେ । ଏଥିପାଇଁ ତାଙ୍କର ଚିକିତ୍ସା ଜାରି ରହିଥିବା ଡାକ୍ତରମାନେ ସୂଚନା ଦେଇଥିଲେ । ରାଜୁଙ୍କ ଚିକିତ୍ସା ପାଇଁ ଡାକ୍ତରମାନେ ନ୍ୟୁରୋଫିଜିଓଥେରାପିର ସହାୟତା ନେଉଛନ୍ତି । ତାଙ୍କ ମନସିକ ସ୍ଥିତିରେ ମଧ୍ୟ ସୁଧାର ଆଣିବା ପାଇଁ ଡାକ୍ତରମାନେ ତାଙ୍କୁ ଅମିତାଭ ବଚ୍ଚନଙ୍କ ଭଏସ୍ ଶୁଣାଉଛନ୍ତି । ପ୍ରଥମେ ରାଜୁଙ୍କ ବ୍ରେନ୍ ଡେଡ୍ ଓ ପରେ ସେ କୋମାରେ ଥିବା ସୂଚନା ମିଳିଥିଲା । ଅଗଷ୍ଟ ୧୦ ତାରିଖରେ ରାଜୁ ଶ୍ରୀବାସ୍ତବଙ୍କୁ ହୃଦ୍‌ଘାତ ହୋଇଥିଲା ଓ ସେ ବ୍ୟାୟମ କରିବା ବେଳେ ତଳେ ପଡିଯାଇଥିଲେ । ଏହାପରେ ତାଙ୍କୁ ଦିଲ୍ଲୀ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେବେଠାରୁ ତାଙ୍କର ଚିକିତ୍ସା ଚାଲିଛି । ସେ କିଭଳି ଶୀଘ୍ର ସୁସ୍ଥ ହେବେ ସେ ନେଇ ତାଙ୍କ ପରିବାର ଓ ତାଙ୍କର ଲକ୍ଷ ଲକ୍ଷ ଫ୍ୟାନ୍‌ମାନେ ମଧ୍ୟ ପ୍ରାର୍ଥନା କରୁଛନ୍ତି ।



# ସୋନାଲିଙ୍କ ମୃତ୍ୟୁକୁ ନେଇ ରହସ୍ୟ ବଢୁଛି


ବିଜେପି ନେତ୍ରୀ ଏବଂ ପୂର୍ବତନ ବିଗବସ୍ ଷ୍ଟାର ସୋନାଲି ଫୋଗଟଙ୍କ ମୃତ୍ୟୁ ଘଟଣାରେ ତାଙ୍କ ପରିବାର ସଦସ୍ୟ ଏବଂ ଫ୍ୟାନ୍‌ମାନେ ସ୍ତବ୍ଧ ହୋଇଯାଇଛନ୍ତି । ସୋନାଲିଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇନାହିଁ ଏବଂ ଏହା ପଛରେ ଅନ୍ୟ କିଛି ରହସ୍ୟ ଅଛି ବୋଲି ତାଙ୍କ ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି । ସୋନାଲିଙ୍କ ଭାଇ ଆଜି ଏନେଇ ଗୋଆ ପୁଲିସରେ ଏକ ମାମଲା ରୁଜୁ କରିଛନ୍ତି । ସୋନାଲିଙ୍କ ଭାଇ ରିଙ୍କୁ ଢାକା କହିଛନ୍ତି, ତାଙ୍କ ଭଉଣୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି । ସୋନାଲିଙ୍କ ପିଏ ସୁଧୀର ସଙ୍ଗୱାନ ଏବଂ ତାଙ୍କର ଜଣେ ବନ୍ଧୁ ସୁଖୱିନ୍ଦର ସୋନାଲିଙ୍କୁ ଦୁଷ୍କର୍ମ ପରେ ହତ୍ୟା କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ସୁଧୀର ଓ ତାଙ୍କ ବନ୍ଧୁ ସୋନାଲିଙ୍କ ଖାଦ୍ୟରେ ନିଶା ମିଶାଇ ତାଙ୍କୁ ଦୁଷ୍କର୍ମ କରିଥିଲେ ଏବଂ ଏହାର ଏକ ଭିଡିଓ ବନାଇଥିଲେ । ଏହି ଭିଡିଓକୁ ନେଇ ସେମାନେ ସୋନାଲିଙ୍କୁ ବ୍ଲାକ୍‌ମେଲ କରିଥିବା ତାଙ୍କ ଭାଇ ଅଭିଯୋଗ କରିଛନ୍ତି । ସୋନାଲିଙ୍କ ହତ୍ୟା ପଛରେ ରାଜନୈତିକ ଷଡ଼ଯନ୍ତ୍ର ଅଛି ବୋଲି ତାଙ୍କ ଭାଇ ଅଭିଯୋଗ କରିଛନ୍ତି । ସୋନାଲି



ରାଜନୀତିରେ ଯୋଗ ଦେବାପରେ ୨୦୧୯ରେ ପିଏ ସୁଧୀର ଏବଂ ସୁଖୱିନ୍ଦରଙ୍କୁ ଭେଟିଥିଲେ । ରିଙ୍କୁଙ୍କ ଅଭିଯୋଗ ଅନୁଯାୟୀ ୨୦୨୧ରେ ସୋନାଲିଙ୍କ ଘରୁ ଚୋରି ହୋଇଥିଲା ଏବଂ ଏହା ପଛରେ ସୁଧୀରଙ୍କ ହାତ ଥିଲା । ଇତି ମଧ୍ୟରେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଏହି ମାମଲାର ବିଧିବଦ୍ଧ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

# ୫କି ୧୦କୋଟି ନୁହେଁ ଫିଲ୍ମ 'ଲାଇଗର' ପାଇଁ ବିଜୟ ନେଇଛନ୍ତି ଏତେ କୋଟି ଟଙ୍କା

ସାଉଥ ସୁପରଷ୍ଟାର ବିଜୟ ଦେବରକୋଣ୍ଡା ଏବଂ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ ଆଗାମୀ ଚଳଚ୍ଚିତ୍ର 'ଲାଇଗର' ଏବେ ଚର୍ଚ୍ଚାରେ ରହିଛି । ଚଳଚ୍ଚିତ୍ରର 'ଆଫତ୍' ଗୀତ ରିଲିଜ୍ ହେବା ସହିତ ଭାଇରାଲ୍ ହେଉଥିବା ବେଳେ ଅଗଷ୍ଟ ୨୬ରେ ପ୍ରେକ୍ଷାଳୟରେ ରିଲିଜ୍ ହେବ ଫିଲ୍ମ । ଫିଲ୍ମଟି ବକ୍ସ ଅଫିସରେ ଭଲ ବ୍ୟବସାୟ କରିବ ବୋଲି ଆଶା କରାଯାଉଥିବା ବେଳେ ଏବେ ବିଜୟ ଫିଲ୍ମ ପାଇଁ ନେଇଥିବା ପାରିଶ୍ରମିକକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଇଣ୍ଡିଆ ଟୁଡେକୁ ସାକ୍ଷାତକାର ଦେଇ ସିନେ ସମୀକ୍ଷକ ରମେଶ ବାଲା କହିଛନ୍ତି, ମୁଁ ଶୁଣିଛି ଯେ ଲାଇଗର ବଜେଟ୍ ପ୍ରାୟ ୯୦କୋଟି । ଏହା ସହ ବିଜୟ ଦେବରାକୋଣ୍ଡାଙ୍କୁ ଏହି ଫିଲ୍ମ ପାଇଁ ୨୦-୨୫ କୋଟି ଟଙ୍କା ପାରିଶ୍ରମିକ ଦିଆଯାଇଛି । ଫିଲ୍ମଟି ତେଲୁଗୁ ଓ ହିନ୍ଦୀ ଭାଷାରେ ରିଲିଜ ହେଉଥିବା ବେଳେ ଏହି ଫିଲ୍ମ ସହ ବଲିଉଡରେ ଡେବ୍ୟୁ କରୁଛନ୍ତି ବିଜୟ । ତାଙ୍କୁ ଧର୍ମା ପ୍ରଡକ୍ସନ୍ସ ପକ୍ଷରୁ ବଲିଉଡରେ ଲଞ୍ଚ କରାଯାଉଛି । ଏହା ପୂର୍ବରୁ ଗୀତା ଗୋବିନ୍ଦମ୍, ନୋଟା, ୱାର୍ଲଡ ଫେମସ ଲଭର, ଅର୍ଜୁନ ରେଡ୍ଡୀ ଏବଂ ଡିୟର କମରେଡ ଭଳି ଚଳଚ୍ଚିତ୍ରରୁ ବିଜୟଙ୍କୁ ସଫଳତା ମିଳିଥିଲା । ଶୁଣିବାକୁ ମିଳୁଛି ଯେ ଲାଇଗର ପୂର୍ବରୁ ବିଜୟ ଗୋଟିଏ ଫିଲ୍ମ ପାଇଁ ୬-୭ କୋଟି ଟଙ୍କା ନେଉଥିଲେ । ଏହା ପୂର୍ବରୁ ଟ୍ରୋଲିଂକୁ ନେଇ ବିଜୟ କହିଥିଲେ ଯେ, ଏହା ଏକ ସାଧାରଣ କଥା । ଏହିପରି ଘଟଣା ଆମ ସମସ୍ତଙ୍କ ସହିତ ପ୍ରତିଦିନ ଘଟେ । ଅଭିନେତା ହେବା ପୂର୍ବରୁ ମଉସା ଏବଂ ମାଉସୀମାନେ ଘରକୁ ଆସି ପରୀକ୍ଷାର ଫଳାଫଳ, କଲେଜ, ଚାକିରି ବିଷୟରେ ପଚାରି ଟ୍ରୋଲ କରୁଥିଲେ । ଏବେ ସୋସିଆଲ ମିଡିଆରେ ଲୋକେ ସେହି କାମ କରୁଛନ୍ତି, ଯାହାକୁ ଆମେ ଟ୍ରୋଲିଂ କହୁଛେ । ଜୀବନରେ ଆପଣ ଯାହା ବି କରନ୍ତୁ, ଟ୍ରୋଲିଂ ସବୁବେଳେ ଜାରି ରହିବ ।



# କାହାଣୀ ଶୁଣାଇଲେ ହ୍ରିତିକ୍, ରାଗିଗଲେ ସୈଫ





ହାତରେ ହତକଡି, କିନ୍ତୁ କମିନି ସ୍ୱାଗ୍ । ପୂରାପୁରି ଧାସୁ ଅନ୍ଦାଜରେ ଚୌକି ଉପରେ ବସିଛନ୍ତି ବଲିଉଡର ହ୍ୟାଣ୍ଡସମ୍ ହଙ୍କ ହ୍ରିତିକ ରୋସନ୍ । ଆଉ ତାଙ୍କ ଆଗରେ ବସିଛନ୍ତି ନୱାବ ସୈଫ ଅଲ୍ଲି ଖାନ୍ । ସୈଫଙ୍କୁ କାହାଣୀ ଶୁଣାଉଛନ୍ତି ହ୍ରିତିକ୍ । କିହଲେ, 'ଭଲ ଏବଂ ଖରାପ ମଧ୍ୟରେ ପାର୍ଥକ୍ୟ କରିବା ସହଜ କିନ୍ତୁ ଏଠାରେ ଉଭୟ ଖରାପ ।' ଏହା ଶୁଣି ରାଗିଗଲେ ସୈଫ । ଏଭଳି କିଛି ଦମ୍‌ଦାର ଦୃଶ୍ୟ ଦେଖିବାକୁ ମିଳିଛି ରିଲିଜ ହୋଇଥିବା ବହୁ ପ୍ରତିକ୍ଷିତ ଫିଲ୍ମ 'ବିକ୍ରମ ବେଧା'ର ଟିଜରରେ ।

ପରଦାକୁ ପୁଣି ଫେରିଛନ୍ତି 'ବିକ୍ରମ ବେଧା' । ଏଥର କିନ୍ତୁ ପୂରାପୁରି ନୂଆ ଅବତାର ଓ ନୂଆ ସ୍ୱାଗ୍‌ରେ । ଦମ୍‌ଦାର ଆକ୍ସନ ସାଙ୍ଗକୁ ଡାଏଲଗ୍ ଡେଲିଭରି ମଧ୍ୟ ରହିଛି ବେଶ୍ ଖାସ୍ । ୨୦୧୭ରେ ରିଲିଜ ହୋଇଥିବା ସୁପରହିଟ୍ ତାମିଲ ଫିଲ୍ମ ବିକ୍ରମ ବେଧାରେ ଆର ମାଧବନ ଓ ବିଜୟ ସେତୁପତି ନଜର ଆସିଥିଲେ । ଏବେ କିନ୍ତୁ ଏହି 'ବିକ୍ରମ ବେଧା'ରେ ସୈଫ ଓ ହ୍ରିତିକଙ୍କ ଆକ୍ସନ ଦେଖିବାକୁ ମିଳିବ । ପ୍ରଥମ କରି ପରଦାରେ ନଜର ଆସିବେ ଏହି ଦୁଇ ଯୋଡି ।

ତାମିଲ ଫିଲ୍ମ 'ବିକ୍ରମ ବେଧା'ର ହିନ୍ଦି ରିମେକ୍‌ରେ ହ୍ରିତିକ ରୋସନ୍ ଓ ସୈଫ ଅଲ୍ଲି ଖାନ୍ ଲିଡ୍ ରୋଲରେ ଅଛନ୍ତି । ଏହି ଫିଲ୍ମ ଜରିଆରେ ବଲିଉଡର ଗ୍ରୀକ୍ ଗଡ୍ କୁହାଯାଉଥିବା ହ୍ରିତିକି ତିନି ବର୍ଷ ପରେ ସିଲଭର ସ୍କ୍ରିନ୍‌କୁ ଫେରିବେ । ୧ ମିନିଟ୍ ୪୬ ସେକେଣ୍ଡର ଏହି ଟିଜରରେ ଭରପୁର ଆକ୍ସନ ସିନ୍ ରହିଛି । ସେହିପରି ଡାଏଲଗ୍ ସାଙ୍ଗ ଥ୍ରୀଲର ମଧ୍ୟ ଦେଖିବାକୁ ମିଳିଛି । ଏହି ଫିଲ୍ମକୁ ପୁଷ୍କର ଗାୟତ୍ରୀ ନିର୍ଦ୍ଦେଶନା ଦେଇଛନ୍ତି । ପୁଷ୍କର ତାମିଲ 'ବିକ୍ରମ ବେଧା' ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ।

ଫିଲ୍ମରେ ହ୍ରିତିକ୍‌ଙ୍କୁ ଭିଲେନ୍ ଭୂମିକାରେ ଦେଖିବାକୁ ମିଳିବ । ଆଉ ପୁଲିସ ଚରିତ୍ରରେ ନଜର ଆସିବେ ସୈଫ୍ । ଫିଲ୍ମର କାହାଣୀ ଭଲ ବନାମ ଖରାପ ଉପରେ ଆଧାରିତ । ଅନ୍ୟ ପ୍ରମୁଖ ଭୂମିକାରେ ରାଧିକା ଆପ୍‌ତେ, ରୋହିତ ଶରାଫ, ଶାରିବ ହାଶମି, ଯୋଗିତା ବିହାନି ମଧ୍ୟ ଅଛନ୍ତି । ଆସନ୍ତା ସେପଟ୍ମ୍ବର ୩୦ରେ ଫିଲ୍ମଟି ପରଦାକୁ ଆସିବ ।




# ମୁଁ ଯଦି ଦୋଷୀ, ନୋରା କେମିତି ବନିଲେ ସାକ୍ଷୀ ?



ମହାଠକ ସୁକେଶ ଚନ୍ଦ୍ରଶେଖରଙ୍କ ସହ ଯେବେଠୁ ସମ୍ପର୍କ ଥିବା ଖବର ସାମ୍ନାକୁ ଆସିଛି ସେବେଠୁ ଚର୍ଚ୍ଚାରେ ଅଛନ୍ତି ଅଭିନେତ୍ରୀ ଜ୍ୟାକ୍‌ଲିନ ଫର୍ଣ୍ଣାଣ୍ଡିଜ । ୨୦୦ କୋଟି ଠକେଇ ମାମଲାରେ ଇଡି ତାଙ୍କୁ ବାରମ୍ବାର କରୁଛି ଜେରା । ଏପରିକି ତାଙ୍କ ବିଦେଶ ଗସ୍ତ ଉପରେ ମଧ୍ୟ ରୋକ ଲାଗିଛି । ନିକଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚାର୍ଜଶିଟ୍‌ରେ ଜ୍ୟାକ୍‌ଲିନ୍‌ଙ୍କୁ ଅଭିଯୁକ୍ତ ବୋଲି ମଧ୍ୟ ଦର୍ଶାଇଛି । ଏହାରି ଭିତରେ ଦୀର୍ଘ ଦିନ ପରେ ଏହି ମାମଲାରେ ମୁହଁ ଖୋଲିଛନ୍ତି ସିଂହଳ ସୁନ୍ଦରୀ ଜ୍ୟାକ୍‌ଲିନ୍ । ଅଭିଯୁକ୍ତ ସୁକେଶ ଚନ୍ଦ୍ରଶେଖରଙ୍କ ଠାରୁ ଉପାହର ନେଇଥିବା ଅନ୍ୟମାନଙ୍କୁ ସାକ୍ଷୀ ବୋଲି ଇଡି ଦର୍ଶାଇଛି । କିନ୍ତୁ ଜ୍ୟାକ୍‌ଲିନ୍‌ଙ୍କୁ ଅଭିଯୁକ୍ତ ରୂପେ ଟଣାଯାଉଛି । ଏହି ମାମଲାରେ ଜ୍ୟାକ୍‌ଲିନ୍ ପକ୍ଷପାତ ଅଭିଯୋଗ ଆଣିଛନ୍ତି । ଆବେଦନକାରୀ ପ୍ରାଧୀକରଣଙ୍କ ନିକଟରେ ସେ ଆବେଦନ କରିଛନ୍ତି । ଜ୍ୟାକଲିନ୍‌ଙ୍କ କହିବା ମୁତାବକ, ମୁଖ୍ୟ ଅଭିଯୁକ୍ତ ସୁକେଶ ଚନ୍ଦ୍ରଶେଖରଙ୍କ ଠାରୁ ଉପହାର ନେଇଥିବା ଅଭିନେତ୍ରୀ ନୋରା ଫେତହି ଓ ଅନ୍ୟମାନଙ୍କୁ ସାକ୍ଷୀ ବନାଇ ଦିଆଯାଇଛି । କିନ୍ତୁ ତାଙ୍କୁ ଦୋଷୀ ବୋଲି କୁହାଯାଉଛି । ଏଭଳି ପକ୍ଷପାତକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି । 'ଯଦି ମୁଁ ଦୋଷୀ ତେବେ ସେମାନେ କିଭଳି ସାକ୍ଷୀ ହେଲେ ବୋଲି ଅଭିନେତ୍ରୀ ପ୍ରଶ୍ନ କରିଛନ୍ତି ।'

ତାଙ୍କ କହିବା ଅନୁସାରେ, ତାଙ୍କ ନାଁରେ ଥିବା ଫିକ୍ସ ଡିପୋଜିଟ୍‌ର ସମ୍ପର୍କ କୌଣସି ଅପରାଧ ସହ ନାହିଁ । କୌଣସି ଅପରାଧରୁ ମଧ୍ୟ ଏହି ଟଙ୍କା ଆସିନି । ସୁକେଶଙ୍କ ସହିତ ତାଙ୍କର କୌଣସି ସମ୍ପର୍କ ନାହିଁ । ଏହା ସେବେଠାରୁ ଅଛି ଯେବେ ସୁକେଶ ତାଙ୍କ ଠାରୁ ବହୁତ ଦୂରରେ ଥିଲେ ।

ଜ୍ୟାକଲିନ ଆହୁରି କହିଛନ୍ତି ଯେ ସେ ଜମା କରିଥିବା ଟଙ୍କା ନିଜ ପଇସାରୁ କରିଛନ୍ତି । ଯାହା ସେ କଠିନ ପରିଶ୍ରମ ଦ୍ୱାରା ହାସଲ କରିଥିଲେ । ସେବେଠାରୁ ଟଙ୍କା ସଞ୍ଚୟ କରଛନ୍ତି ଯେବେ ତାଙ୍କୁ ଜଣା ନଥିଲା କି ଏହି ଦୁନିଆରେ କୌଣସି ସୁକେଶ ଚନ୍ଦ୍ରଶେଖର ଅଛନ୍ତି କି ନାହିଁ ।

ଉଲ୍ଲେଖଯୋଗ୍ୟ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନିକଟରରେ ସୁକେଶ ଚନ୍ଦ୍ରଶେଖରଙ୍କ ୨୦୦ କୋଟି ଟଙ୍କା ଠକେଇ ମାମଲାରେ ଏକ ସପ୍ଲିମେଣ୍ଟାରୀ ଚାର୍ଜଶିଟ୍ ଦାଖଲ କରିଥିଲେ । ଏଥିରେ ଜ୍ୟାକ୍ ?ଲିନ୍ ?ଙ୍କୁ ଅଭିଯୁକ୍ତ ବୋଲି ଇଡି ଦର୍ଶାଇଥିଲା । ଏହାପୂର୍ବରୁ ଇଡି ଏପ୍ରିଲ ମାସରେ ଜ୍ୟାକ୍‌ଲିନଙ୍କ ୭.୨୭ କୋଟି ଟଙ୍କର ସମ୍ପତ୍ତି ସିଜ୍ କରିଥିଲା । ଏଥିସହିତ ତାଙ୍କ ଘରୁ ୧୫ ଲକ୍ଷ ଟଙ୍କା ମଧ୍ୟ ଜବତ କରିଥିଲା ଇଡି ।

ସୁକେଶ ଚନ୍ଦ୍ରଶେଖର ଠକେଇ ଟଙ୍କାରେ ଜ୍ୟାକ୍‌ଲିନ୍‌ଙ୍କୁ ୫.୭୧ କୋଟି ଟଙ୍କାର ବିଭିନ୍ନ ଉପହାର ଦେଇଥିଲା । ସେ ତା' ସାଥୀ ତଥା ସହଯୋଗୀ ପିଙ୍କି ଇରାନୀଙ୍କ ଜରିଆରେ ଜ୍ୟାକଲିନ୍‌ଙ୍କୁ ଏହି ଗିଫ୍ଟ ଦେଇଥିଲା ।

# ୮୦୦ ଅତ୍ୟାଧୁନିକ ଶ୍ରବଣ ଯନ୍ତ୍ର କିଣିବ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ

ଭୁବନେଶ୍ୱର,୨୫/୦୬ (ନି.ପ୍ର): ଶ୍ରବଣବାଧିତଙ୍କ ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଅତ୍ୟାଧୁନିକ ଶ୍ରବଣ ଯନ୍ତ୍ର କିଣିବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ପ୍ରାୟ ୮୦୦ ଅତ୍ୟାଧୁନିକ ଶ୍ରବଣ ଯନ୍ତ୍ର କିଣିବା ନିମନ୍ତେ ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି । ବିଟିଇର ୮ ଚ୍ୟାନେଲ ଓ ୧୨ ଚ୍ୟାନେଲବିଶିଷ୍ଟ ପ୍ରତ୍ୟେକରୁ ୨୦୦ ଲେଖାଏଁ ଏବଂ ଆଇଟିସିର ୮ ଓ ୧୨ ଚ୍ୟାନେଲ୍ ବିଶିଷ୍ଟ ପ୍ରତ୍ୟେକରୁ ୨୦୦ ଲେଖାଏଁ କରି ମୋଟ ୮୦୦ ଅତ୍ୟାଧୁନିକ ଶ୍ରବଣ ଯନ୍ତ୍ର କିଣିବା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି । ଉତ୍ତମ ବ୍ରାଣ୍ଡର ଶ୍ରବଣ ଯନ୍ତ୍ର ଉପରେ ଗୁରୁତ୍ୱ ଦିଆଯାଇଛି । ଏଗୁଡ଼ିକ ପାରମ୍ପରିକ ଶ୍ରବଣ ଯନ୍ତ୍ରଠାରୁ ଅଧିକ ଉନ୍ନତ । ବିଟିଇ ଶ୍ରବଣ ଯନ୍ତ୍ରଟି କାନର ଉପରେ ରଖାଯିବ ଓ ଏହା କାନର ପଛପାଖରେ ଝୁଲିରହିବ ।ଏପରିଯନ୍ତ୍ର ସବୁବୟସର ଲୋକଙ୍କ ସବୁପ୍ରକାର ଶ୍ରବଣ ବାଧକତାକୁ ଦୂର କରିବାରେ ସହାୟକ ହେବ ।ଅନ୍ୟପକ୍ଷରେ ଆଇଟିସି ଶ୍ରବଣ ଯନ୍ତ୍ରଟି କାନ ଭିତରେ ରହିପାରିବ । ଅତ୍ୟନ୍ତ ଗୁରୁତର ଶ୍ରବଣ ସମସ୍ୟା ରହିଥିବା ଲୋକମାନଙ୍କ ପାଇଁ ଏହା ଅତ୍ୟନ୍ତ ଉପାଦେୟ ହେବ ।

# କେତେ ରେଡିଓଥେରାପି ମେସିନ୍ ଆବଶ୍ୟକ ଜଣାଅ, କମିଟି ଗଠନ କଲେ ସରକାର

ଭୁବନେଶ୍ୱର ,୨୫/୦୬ (ନି.ପ୍ର): ରାଜ୍ୟରେ ୧୦ଲକ୍ଷ କିମ୍ବା ତା'ଠାରୁ ଅଧିକ ଜନସଂଖ୍ୟା ପାଇଁ ରେଡିଓଥେରାପି ମେସିନ୍/ ଲିନିଅର ଆକ୍ସିଲିରେଟରର ଆବଶ୍ୟକତା ଅଛି କି ନାହିଁ ତାହାର ଏକ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରାଯିବ। ଏଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ୭ଜଣିଆ କମିଟି ଗଠନ କରାଯାଇଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଯଥାଶୀଘ୍ର ଏହି କମିଟି ତା'ର ରିପୋର୍ଟ ପ୍ରଦାନ କରିବା ଲାଗି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଏହି କମିଟିର ଅଧକ୍ଷ ରହିଛନ୍ତି ଜାତୀୟ ସ୍ୱାସ୍ଥ୍ୟ ମିସନର ପରିଚାଳନା ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା, ବିଭାଗର ସ୍ୱତନ୍ତ୍ର ସଚିବ(ପିଏଚ୍), ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ନିର୍ଦ୍ଦେଶକ, ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ବିଭାଗର ଏଏଫ୍ଏ ତଥା ଅନୁସଚିବ ସଦସ୍ୟ ରହିଛନ୍ତି। କ୍ୟାନସର କେୟାରର ନୋଡାଲ ଅଧିକାରୀ କମିଟିର ଆବାହକ ସଦସ୍ୟ ରହିଛନ୍ତି।

ରାଜ୍ୟରେ ଉନ୍ନତ ମାନର କର୍କଟ ରୋଗର ଚିକିତ୍ସା ନେଇ ରାଜ୍ୟ ସରକାର କର୍କଟ ଯତ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଆସନ୍ତା ୫ବର୍ଷରେ ଏଥିପାଇଁ ୫୭୭ କୋଟି ଟଙ୍କା ଖର୍ଚ୍ଚ କରାଯିବ। ମହିଳାଙ୍କ କ୍ଷେତ୍ରରେ ସ୍ତନ ଓ ଜରାୟୁ କର୍କଟ ରୋଗ ବୃଦ୍ଧି ପାଉଥିବାରୁ ଏହାକୁ ନିୟନ୍ତ୍ରଣ କରିବା ଲାଗି ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନିୟୋଜିତ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସେମାନେ ନିଜ ନିଜ ଅଞ୍ଚଳରେ କର୍କଟର ସ୍କ୍ରିନିଂରେ ସହାୟତା ପ୍ରଦାନ କରିବା ସହିତ ଲୋକମାନଙ୍କୁ କର୍କଟ ରୋଗ ସଂପର୍କରେ ସଚେତନ କରିବେ। ମିସନ ଶକ୍ତି ବିଭାଗ ରାଜ୍ୟ ସରକାରଙ୍କ ଅନୁମୋଦନ ହାସଲ କରିବା ପରେ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଏଥିରେ ନିୟୋଜିତ ହୋଇପାରିବେ। ଏହାସହ କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଏନ୍‌ଜିଓମାନଙ୍କୁ ନିୟୋଜିତ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଏହାକୁ କାର୍ଯ୍ୟକାରୀ କରାଯିବ।

# ଏମ୍ସ ଭୁବନେଶ୍ୱରରେ ଆରମ୍ଭ ହେଲା ରାଜ୍ୟର ପ୍ରଥମ ସ୍ୱତନ୍ତ୍ର ହ୍ୟାଣ୍ଡ କ୍ଲିନିକ୍ ସେବା

ଭୁବନେଶ୍ୱର,୨୫/୦୬ (ନି.ପ୍ର): ହାତ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସାମଗ୍ରୀକ ଯତ୍ନ ନେବା ଉଦ୍ଦେଶ୍ୟରେ ଏମ୍ସ ଭୁବନେଶ୍ୱରର ବର୍ଣ୍ଣସ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗରେ ଏକ ସ୍ୱତନ୍ତ୍ର ହ୍ୟାଣ୍ଡ(ହାତ) କ୍ଲିନିକ୍ କାର୍ଯ୍ୟ ଆରମ୍ଭ କରିଛି। ଗତକାଲି ଜାତୀୟ ହ୍ୟାଣ୍ଡ ସର୍ଜରୀ ଦିବସ ଅବସରରେ ଅର୍ଥୋପେଡିକ୍ ଏବଂ ପିଏମଆର ବିଭାଗର ମିଳିତ ସହଯୋଗରେ ଏହି ସ୍ୱତନ୍ତ୍ର ହ୍ୟାଣ୍ଡ କ୍ଲିନିକ୍ ଉଦଘାଟିତ ହୋଇଛି। ଏହି କ୍ଲିନିକ୍ ବର୍ଣ୍ଣସ୍ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ଓପିଡିରେ ପ୍ରତ୍ୟେକ ମଙ୍ଗଳବାର ଦିନ ଅଢ଼େଇଟାରୁ ସାଢ଼େ ଚାରିଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ।

ରାଜ୍ୟରେ ପ୍ରଥମ କରି ଏପରି କ୍ଲିନିକ୍ କାର୍ଯ୍ୟ ଆରମ୍ଭ କରିଛି। ସବୁ ବୟସ ବର୍ଗର ବ୍ୟକ୍ତିଙ୍କର ହାତ ସହିତ ଜଡ଼ିତ ବିଭିନ୍ନ ରୋଗର ସମ୍ପୂର୍ଣ୍ଣ ଚିକିତ୍ସା କ୍ଷେତ୍ରରେ ଏହା ବିଶେଷ ଭୂମିକା ଗ୍ରହଣ କରିବ। ଆଜିର ବ୍ୟସ୍ତବହୁଳ ଜୀବନରେ ହାତର ଭୂମିକା ଅନସ୍ୱୀକାର୍ଯ୍ୟ। ତେଣୁ ସଠିକ ଢ଼ଙ୍ଗରେ ଏହାର ଯତ୍ନ ନେବା ମଧ ଗୁରୁତ୍ୱପୂର୍ଣ୍ଣ। ଏହି କ୍ଲିନିକ ଉପରୋକ୍ତ ଆବଶ୍ୟକତା ଗୁଡ଼ିକୁ ପୂରଣ କରିବାରେ ସହାୟକ ହେବାନେଇ ଏମ୍ସ ପକ୍ଷରୁ କୁହାଯାଇଛି।

ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ) ଆଶୁତୋଷ ବିଶ୍ୱାସ ଏପରି କ୍ଲିନିକ୍ ଆରମ୍ଭ କରିଥିବାରୁ ତିନି ବିଭାଗର ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟରେ ପ୍ରଥମ କୁହାଯାଉଥିବା ଏପରି ସ୍ୱତନ୍ତ୍ର ହ୍ୟାଣ୍ଡ କ୍ଲିନିକ୍ ନିଶ୍ଚିତ ଭାବରେ ସମସ୍ତ ବୟସ ବର୍ଗର ଲୋକଙ୍କୁ ଟେଣ୍ଡନ୍ ଏବଂ ସ୍ନାୟୁ ଆଘାତ, ଭଙ୍ଗା, ସ୍ଥାନାନ୍ତର ଏବଂ ଷ୍ଟ୍ରେନ୍, ଆମ୍ପ୍ୟୁଟେସନ୍, କାର୍ପାଲ୍ ଟନେଲ୍ ସିଣ୍ଡ୍ରୋମ୍, ଆଣ୍ଠୁଗଣ୍ଠି ବାତ(ରିମାଟଏଡ୍ ଆର୍ଥ୍ରାଇଟିସ୍) ଏବଂ ଅନ୍ୟାନ୍ୟ ହାତ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବ।

ଏମ୍ସ ଭୁବନେଶ୍ୱର ମେଡିକାଲ୍ ଅଧୀକ୍ଷକ ଡ. ଏସ୍ ଏନ ମହାନ୍ତି ଏହି ହ୍ୟାଣ୍ଡ କ୍ଲିନିକ୍ ଆରମ୍ଭ ନେଇ ଖୁସି ବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବର୍ଣ୍ଣସ୍ ଆଣ୍ଡ୍ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ମୁଖ୍ୟ ଡ. ସଞ୍ଜୟ ଗିରି, ଅର୍ଥୋପେଡିକ୍ ବିଭାଗ ମୁଖ୍ୟ ଡ. ବିଷ୍ଣୁ ପାତ୍ର ଏବଂ ପିଏମଆର ବିଭାଗ ମୁଖ୍ୟ ଡ. ଜଗନ୍ନାଥ ସାହୁ ଉପସ୍ଥିତ ରହି ରୋଗୀଙ୍କ ଚିକିତ୍ସା କରିଥିଲେ।

ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଶାନ୍ତନୁ ସୁବା ଏହି କ୍ଲିନିକର ମୁଖ୍ୟ ଭାବେ କାର୍ଯ୍ୟ କରିବେ। ଏହି କ୍ଲିନିକରେ ଟେଣ୍ଡୋନାଇଟିସ୍, ହ୍ୟାଣ୍ଡ୍ କଣ୍ଟ୍ରାକ୍ଚର୍ସ, କୋମଳ ଟିସୁ ଆଘାତ, ବର୍ନସ୍, ଡାଇବେଟିସ୍, ଜନ୍ମ ସମୟରେ ଉପସ୍ଥିତ ଥିବା ଅନୋମାଲିୟସ୍, ବ୍ରାକିଆଲ୍ ପ୍ଲେକ୍ସସ୍ ଆଘାତ, ରେଡିଏସନ୍ ଏବଂ ଲିମ୍ଫେଡେମା ପରବର୍ତ୍ତୀ ସଂକ୍ରମଣ ସମେତ ହାତର ବିଭିନ୍ନ ଅବସ୍ଥା ଅନ୍ତର୍ଭୁକ୍ତ ହେବ ବୋଲି ଡ. ସୁବା ସୂଚନା ଦେଇଛନ୍ତି।




ସେହିଭଳି ଆଘାତପ୍ରାପ୍ତ ହାତର କାର୍ଯ୍ୟକ୍ଷମ ମୂଲ୍ୟାଙ୍କନ ଏବଂ ଗତି, ଶକ୍ତି ବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକଳାପ ଯତ୍ନ ସୁବିଧା ରହିବ। ରୋଗୀମାନଙ୍କୁ ସଙ୍କୋଚନ ଚିକିତ୍ସା ଏବଂ ଏଡିମା ପରିଚାଳନା, ସ୍କାର୍ ଟିସୁ ପରିଚାଳନା, ଡିସେନ୍ସିଟାଇଜେସନ୍ ଚିକିତ୍ସା ମଧ ଯୋଗାଇ ଦିଆଯିବ। ଯନ୍ତ୍ରଣା ଏବଂ ଷ୍ଟିଫନେସକୁ କମ୍ କରିବା ପାଇଁ ଟିସୁ ଏବଂ ମିଳିତ ପୂର୍ବ ସର୍ତ୍ତ, ମିଳିତ ସୁରକ୍ଷା ଏବଂ ଶକ୍ତି ସଂରକ୍ଷଣ ତାଲିମ, ସହାୟକ ଉପକରଣ ପାଇଁ କୌଶଳ ଏବଂ ପରାମର୍ଶ, ମାନୁଆଲ୍ ଥେରାପି, କଷ୍ଟମ୍-ନିର୍ମିତ ଅର୍ଥୋଟିକ୍ସ ଅସ୍ତ୍ରୋପଚାର ପରେ ହାତକୁ ରକ୍ଷା କରିବା, ଆଘାତ କିମ୍ବା ବିକଳାଙ୍ଗକୁ ସଂଶୋଧନ କରିବା ସମେତ ଯନ୍ତ୍ରଣା ପରିଚାଳନା ଏବଂ କୃତ୍ରିମ ଅଙ୍ଗ(ପ୍ରୋଥେଟିକ୍ସ) ବ୍ୟବହାର ପାଇଁ ତାଲିମ ବ୍ୟବସ୍ଥା ଏହି ସ୍ୱତନ୍ତ୍ର ହ୍ୟାଣ୍ଡ କ୍ଲିନିକରେ ଉପଲବ୍ଧ ହେବାନେଇ ଡ. ସୁବା ପ୍ରକାଶ କରିଛନ୍ତି।

# ନଗର ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ସୁଡାର ନୂତନ ୱେବ ପୋର୍ଟାଲ ଉଦ୍‌ଘାଟିତ

ଭୁବନେଶ୍ୱର,୨୫/୦୬ (ନି.ପ୍ର): ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ ବୁଧବାର ନଗରଉନ୍ନୟନ ବିଭାଗ ଅଧିନସ୍ଥ ସହରାଂଚଳ ଉନ୍ନୟନ ସଂସ୍ଥା ପରିଦର୍ଶନ କରିଥିଲେ । ଏହି ଅବସରରେ ସହରାଞ୍ଚଳ ଉନ୍ନୟନ ସଂସ୍ଥାର ନୂତନ ପୋର୍ଟାଲ ଉଦ୍‌ଘାଟନ କରିବା ସହିତ ସଂସ୍ଥା ତରଫରୁ କାର୍ଯ୍ୟକାରୀ କରାଯାଉଥିବା ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା କରିଥିଲେ । ସୁଡାର ନିର୍ଦ୍ଦେଶକ ତଥା ବିଭାଗୀୟ ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା କହିଥିଲେ ୨୦୧୫ ମସିହାରୁ ଆରମ୍ଭ ହୋଇଥିବା ଆହାର କେନ୍ଦ୍ର ବର୍ତ୍ତମାନ ୧୧୫ ଟି ପୌରାଂଚଳରେ ୧୬୭ ଟି କେନ୍ଦ୍ର ମାଧାମରେ ଦୈନିକ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ୫ ଟଙ୍କାରେ ଖାଦ୍ୟ ଯୋଗାଇ ଦିଆଯାଉଛି । ଏଥିରେ ୧୬୩ ମହିଳା ସୟଂସହାୟକ ଗୋଷ୍ଠୀ ନିୟୋଜିତ ହୋଇଛିନ୍ତି । ସେମାନେ ୭୯.୮ କୋଟି ଟଙ୍କା ମୂଲ୍ୟର କାର୍ଯ୍ୟକରିଛନ୍ତି ଓ ସେଥି ପାଇଁ ସେମାନଙ୍କୁ ୮.୮୮ କୋଟି ଟଙ୍କା ପ୍ରଦାନ କରାଯାଇଛି । ସେହିପରି ମୁକ୍ତା ଯୋଜନାରେ ୧୬ ହଜାରରୁ ଅଧିକ ମହିଳା ସ୍ୱୟଂ ସହାକ ଗୋଷ୍ଠୀ ସଂପୃକ୍ତ ୫୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ୪୪୫୦୦ ପ୍ରକଳ୍ପ ନିର୍ମାଣ କରିଛନ୍ତି । ୬ ଲକ୍ଷରୁ ଅଧିକ ଶ୍ରମିକ ଉପକୃତ ହୋଇଛନ୍ତି ଏବଂ ମଜୁରୀ ବାବଦକୁ ୨୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ସେହିପରି ସାମାଜିକ ସଂଚାଳନ କ୍ଷେତ୍ରରେ ୩୫୦୪୯ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୧୨୮୫ ଏରିଆ ଲେବଲ୍ ଫେଡେରେସନ ଗଠନ କରାଯାଇପାରିଛି । ୧୧୪ ଟି ସହରାଚଂଳରେ ଏକ ଲକ୍ଷ ୫ ହଜାର ୪୮୧ ଜଣ ରାସ୍ତା ପାଶ୍ୱର୍ ଉଠାଦୋକାନୀ (ଷ୍ଟ୍ରିଟ୍ ଭେଣ୍ଡର )ଙ୍କୁ ଚିହ୍ନଟ କରାଯାଇ ୧୬୦୫୮ ଜଣଙ୍କୁ ଆଇ କାର୍ଡ ପ୍ରଦାନ କରାଯାଇଛି ଏବଂ ଅନ୍ୟମାନଙ୍କୁ ପ୍ରଦାନ ବ୍ୟବସ୍ଥା ଜାରୀ ରହିଛି । ସହରାଂଚଳରେ ୪୪ ଟି ସହରୀ ବାସହୀନ ଗରିବ ଲୋକଙ୍କ ଆଶ୍ରୟ ସ୍ଥଳୀ କାର୍ଯ୍ୟକ୍ଷମ ଥିବା ବେଳେ ଆଉ ୫ ଟି ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି ଏବଂ ୨ ଟି ନିର୍ମାଣାଧୀନ ଅଛି । ୩୦୦ କିନ୍ନରଙ୍କୁ ନଗରଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରାଯିବା ସହିତ ୩୮ ଜଣଙ୍କୁ ବିଭିନ୍ନ ପୌରପରିଷଦରେ ସହାୟକ କର୍ମଚାରୀ ଭାବ ନିୟୋଜିତ କରାଯାଇଛି । ୭୪୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଜଳସାଥୀ ଭାବେ ନିୟୋଜିତ ହୋଇଛନ୍ତି । ସେମାନେ୍ ୩.୬୪ ଲକ୍ଷ ଉପଭୋକ୍ତାଙ୍କ ୫୩.୦୬ କୋଟି ଟଙ୍କା ରାଜସ୍ୱ ଆଦାୟ କରି ୩.୮୦ କୋଟି ଟଙ୍କା ଆଦାୟ କରି ପାରିଛନ୍ତି । ସେଥି ପାଇଁ ସେମାନଙ୍କୁ ୩.୮୦ କୋଟି ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଥିଲେ ।

# ଅନିଶ୍ଚିତତାରେ ସିଡିଏମ୍‌ଓ ସମ୍ମିଳନୀ; ୨ବର୍ଷ ଧରି ହୋଇନି ବୈଠକ, ବନ୍ୟା ପାଇଁ ଅନିର୍ଦ୍ଦିଷ୍ଟକାଳ ପାଇଁ ଘୁଞ୍ଚିଲା

ଭୁବନେଶ୍ୱର ,୨୫/୦୬ (ନି.ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କ ସମ୍ମିଳନୀକୁ ନେଇ ଅନିଶ୍ଚିତତା ଦେଖା ଦେଇଛି। ଗତ ୨ବର୍ଷ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହୋଇ ନ ଥିବା ବେଳେ ଚଳିତବର୍ଷ ମଧ ଏହା ହେବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ତେଣୁ ଜିଲ୍ଲାସ୍ତରରେ ସ୍ୱାସ୍ଥ୍ୟସେବା ସଂପର୍କିତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ବାସ୍ତବ ସ୍ଥିତି କ'ଣ ଓ ତାହାର କିଭଳି ସମୀକ୍ଷା କରାଯିବ ତାହା ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି।

'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା' ହେଉଛି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବାର ମୂଳମନ୍ତ୍ର। ଏହାକୁ ବାସ୍ତବତାରେ ପରିଣତ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଏକାଧିକ ପଦକ୍ଷେପ ନିଆଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ମିଶାଇ ୩୦ରୁ ଅଧିକ ସ୍ୱାସ୍ଥ୍ୟ ସଂପର୍କିତ ଯୋଜନା କାର୍ଯ୍ୟକାରୀ ହେଉଛି। ତୃଣମୂଳସ୍ତରରେ ଏସବୁ ଯୋଜନାର ସଫଳ ରୂପାୟନ ସିଡିଏମ୍‌ଓଙ୍କ ଉପରେ ନିର୍ଭର କରୁଛି। ୨୦୧୯ ମସିହାରେ ରାଜ୍ୟରେ ଶେଷ ଥର ଲାଗି ସିଡିଏମ୍‌ଓ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କୋଭିଡ ସଂକ୍ରମଣ ପାଇଁ ୨୦୨୦ ଓ ୨୦୨୧ରେ ଏହା ଅନୁଷ୍ଠିତ ହୋଇନାହିଁ। ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଚଳିତମାସ ୧୯ତାରିଖରେ ସମ୍ମିଳନୀ ପାଇଁ ଜିଲ୍ଲାମାନଙ୍କୁ ଚିଠି ଜାରି ହୋଇଥିଲା। ମାତ୍ର ବନ୍ୟା ପାଇଁ ଏହାକୁ ବାତିଲ କରି ଦିଆଯାଇଛି।

# ରାଜ୍ୟରେ ପୁଣି ବଢ଼ିଲା ଦୈନିକ କରୋନା ସଂକ୍ରମଣ: ୮୦ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୨୫/୦୬ (ନି.ପ୍ର): ଆଜି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ବଢ଼ିଛି। କିଛି ଦିନ ପରେ ଆଜି ଏହା ୩ ଶହ ଉପରେ ରହିଛି। ଗତକାଲି ୨୯୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୩୫୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୦୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୪୭ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ଦେଶ୍ତନିକ କରୋନା ସଂକ୍ରମଣ ୮୦ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୨୯ଟି ଜିଲ୍ଲାରୁ ୩୫୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୭୮ ଜଣ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧, ବାଲେଶ୍ୱର ଜିଲ୍ଲାରୁ ୭, ବରଗଡ଼ରୁ ୧୨, ଭଦ୍ରକରୁ ୨, ବଲାଙ୍ଗୀରରୁ ୨୫ ଜଣ, ବୌଦ୍ଧରୁ ୨୮, କଟକରୁ ୨୨ ଜଣ, ଦେବଗଡ଼ରୁ ୩ ଜଣ, ଢେଙ୍କାନାଳରୁ ୧, ଗଜପତିରୁ ୬ ଜଣ, ଗଞ୍ଜାମରୁ ୧, ଯାଜପୁରରୁ ୧୦ ଜଣ, ଝାରସୁଗୁଡ଼ାରୁ ୪, କଳାହାଣ୍ଡି ଜିଲ୍ଲାରୁ ୧୪ ଜଣ, କନ୍ଧମାଳରୁ ୨ ଜଣ, କେନ୍ଦ୍ରାପଡ଼ାରୁ ୧, କେଉଁଝରରୁ ୪, ଖୋର୍ଦ୍ଧା ଜିଲ୍ଲାରୁ ୬୨, କୋରାପୁଟ ଜିଲ୍ଲାରୁ ୨ ଜଣ, ମାଲକାନଗିରିରୁ ୨, ମୟୂରଭଞ୍ଜରୁ ୮ ଜଣ, ନବରଙ୍ଗପୁରରୁ ୧୨ ଜଣ, ନୟାଗଡ଼ ଜିଲ୍ଲାରୁ ୪ ଜଣ, ନୂଆପଡ଼ାରୁ ୧୧, ପୁରୀରୁ ୪ ଜଣ, ରାୟଗଡ଼ାରୁ ୪, ସମ୍ବଲପୁରରୁ ୬ ଜଣ, ସୋନପୁରରୁ ୫ ଜଣ, ସୁନ୍ଦରଗଡ଼ରୁ ୭୮ ଜଣ ଓ ଷ୍ଟେଟପୁଲରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୨୬, ୧୨୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୩,୧୪, ୭୫୨ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୨୧୪୮ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଭୁବନେଶ୍ୱର ଏମ୍ସକୁ ହରେକୃଷ୍ଣ ମହତାବଙ୍କ ନାମରେ ନାମିତ କରଯାଉ : ସୁରେଶ ରାଉତରାୟ



ଭୁବନେଶ୍ୱର,୨୫/୦୬ (ନି.ପ୍ର): ନବ ଉତ୍କଳର ନିର୍ମାତା, ଭାରତୀୟ ମୁକ୍ତି ସଂଗ୍ରାମର ଅଗ୍ରଣୀ କେନ୍ଦ୍ରୀୟ ନେତା, ପୂର୍ବତନ ମୁଖ୍ୟମନ୍ତ୍ରୀ, ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କର ୧୨୩ଜମ ଜନ୍ମଜୟନ୍ତୀ ରାଜ୍ୟସ୍ତରୀୟ "ଡଃ ହରେକୃଷ୍ଣ ମହତାବ ଜୟନ୍ତୀ କମିଟି' ପକ୍ଷରୁ ଆସନ୍ତା ନଭେମ୍ବର ୨୧ ତାରିଖ ସୋମବାର ଦିନ ପାଳନ ହେବ । କମିଟିର ଆବାହାକ ତଥା ବିଧାୟକ ସୁରେଶ କୁମାର ରାଉତରାୟ କେଦାରଗୌରୀସ୍ଥିତ ଗୁଆଝରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି। ଏହି ଅବସରରେ ରାଜ୍ୟସ୍ତରୀୟ ଡଃ ହରେକୃଷ୍ଣ ମହତାବ ଜୟନ୍ତୀ କମିଟି ପକ୍ଷରୁ ନଭେମ୍ବର ୨୧ ତାରିଖ ସକାଳ ୬ ଘଟିକା ସମୟରେ ମନ୍ଦିର, ମସଜିଦ, ଚର୍ଚ୍ଚରେ ପୂଜାର୍ଚ୍ଚନା ହେବ। ସକାଳ ୮ ଘଟିକାରେ ଲୋୟର ପିଏମ୍‌ଜିରେ ପାଇକ ପ୍ରତିଯୋଗିତା ଏବଂ ଦିବା ୧୧ ଘଟିକା ସମୟରେ ସାଧାରଣ ସଭା ଆୟୋଜିତ ହେବ। ଓଡ଼ିଶ ଏବଂ ଓଡ଼ିଶା ବାହାର ଯଥା ପଞ୍ଜାବ, ଛତିଶଗଡ଼, କେରଳ, ତାମିଲନାଡୁରୁ ସମୁଦାୟ ୫୧ଟି ପାଇକ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପାଇଁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ନିମନ୍ତ୍ରଣ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ପାଇଁ ମଧ ନିମନ୍ତ୍ରିତ ହୋଇଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗ ଦେବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଚସ୍ପତି ଶ୍ରୀ ବିକ୍ରମ କେଶରୀ ଆରୁଖ, ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଏବଂ ପ୍ରଦେଶ କଂଗ୍ରେସ କମିଟିର ଅଧକ୍ଷ ଶରତ ପଟ୍ଟନାୟକଙ୍କୁ ମଧ ନିମନ୍ତ୍ରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜୟନ୍ତୀ କମିଟିର ସଭାପତି ତଥା ଆନ୍ଧ୍ରର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଅଂଶଗ୍ରହଣ କରିବେ। ସାଧାରଣ ସଭା ପରେ ଲୋୟର ପିଏମ୍‌ଜିରୁ ଏକ ଶୋଭାଯାତ୍ରା ବାହାରି ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଯିବ। ସେଠାରେ ଦିବା ୧ ଘଟିକା ସମୟରେ ପାଇକ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ପୁରସ୍କୃତ କରାଯିବ। ଏହି ପୁରସ୍କାର ବିତରଣୀ ଉତ୍ସବରେ ଯୋଗ ଦେବା ପାଇଁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଜି. କୃଷ୍ଣା ରେଡ୍ଡିଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ଜୟନ୍ତୀ କମିଟି ଡଃ ହରେକୃଷ୍ଣ ମହତାବଙ୍କୁ ଭାରତରତ୍ନ ଉପାଧି ପ୍ରଦାନ ସହ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ତାଙ୍କ ନାମରେ ନାମିତ କରିବାକୁ ଦାବି କରିଛି। ଏହି କାର୍ଯ୍ୟକ୍ରମରେ କମିଟିର ସଦସ୍ୟ କପିଳ ପଣ୍ଡା, ଶରତ ଚନ୍ଦ୍ର ପଣ୍ଡା, କାଳୁ ପତି, ବାବୁନା ପଡିହାରୀ, ଶ୍ରୀପତି ଗରାବଡୁ ଓ ଲିଙ୍ଗରାଜ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଚାଷୀଙ୍କ କାମରେ ଆସିବ ତ ୨୫ ହଜାର କ୍ୱିଣ୍ଟାଲ ବିହନ ?

ଭୁବନେଶ୍ୱର ,୨୫/୦୬ (ନି.ପ୍ର): ରାଜ୍ୟ ବିହନ ନିଗମରେ ମହଜୁଦ ରହିଛି ୨୫ ହଜାର କ୍ୱିଣ୍ଟାଲ ଧାନ ବିହନ। ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କ ସହାୟତା ପାଇଁ ଏହା କେତେ କାମରେ ଆସିବ ଏହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାଣି ଘେରରେ ରହିଛି ଏକର-ଏକର ଚାଷ ଜମି। କିଛି ଦିନ ପୂର୍ବରୁ ଏସଆରସିଙ୍କ ପକ୍ଷରୁ ଦିଆଯାଇଥିବା ପ୍ରାଥମିକ ଆକଳନ ଅନୁସାରେ, ୭ ଜିଲ୍ଲାର ୩୪୭୦୧ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି। କୃଷି ବିଭାଗର ଏକ ପ୍ରାଥମିକ ଆକଳନରେ ୭୮ ହଜାର ହେକ୍ଟର ଫସଲ ବୁଡ଼ି ରହିଛି। ଏଥିମଧ୍ୟରୁ କୌଣସି ଆକଳନ ମଧ କ୍ଷତିଗ୍ରସ୍ତ ଫସଲର ସ୍ପଷ୍ଟ ଚିତ୍ର ନୁହେଁ। ପାଣି ଅପସାରଣ ପରେ କେତେ ଫସଲ କ୍ଷତିଗ୍ରସ୍ତ ହୋଇଛି ତାହା ଜଣାପଡ଼ିବ। ଏଥିପାଇଁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ। କୃଷି ବୈଜ୍ଞାନିକଙ୍କ ଅନୁସାରେ, ପ୍ରାୟ ୩୫ ପ୍ରତିଶତ ଧାନ ଉତ୍ପାଦନ ହ୍ରାସ ପାଇବା ନେଇ ଆଶଙ୍କା ରହିଛି। ବର୍ତ୍ତମାନ ସ୍ଥିତିରେ ଧାନ କ୍ଷତିରୁ ରକ୍ଷା ପାଇଁ ମନ୍ତ୍ରୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ସଅଳ ଧାନ ବିହନ ଏବଂ ମୁଗ, ବିରି ଭଳି ଅଣଧାନ ବିହନ ଯୋଗାଣ ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। ଅପରପକ୍ଷରେ ମହଜୁଦ ହୋଇ ରହିଥିବା ୨୫ ହଜାର କ୍ୱିଣ୍ଟାଲ ଧାନ ବିହନ ମଧ୍ୟରେ ୬୦ ଦିନିଆ ଅତିସଅଳ କିସମ ଧାନ ବିହନ ନଥିବା କୁହାଯାଉଛି। ଯାହା ମଧ ରହିଛି ମଧ୍ୟମ ଏବଂ ଦୀର୍ଘ ଅବଧିର ବିହନ। ଏପରିକି ବର୍ତ୍ତମାନ ସୁଦ୍ଧା କୃଷି ବିଭାଗ ପକ୍ଷରୁ ବିହନ ନିଗମକୁ ସ୍ୱଳ୍ପ କିସମ ଧାନ ବିହନ ବ୍ୟବସ୍ଥା କରିବା ନେଇ କୌଣସି ପ୍ରକାର ପରାମର୍ଶ ଦିଆଯାଇ ନାହିଁ। ସୂଚନା ଅନୁଯାୟୀ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ୬୦ ଦିନିଆ ବା ଅତି ଶୀଘ୍ର କିସମ ଧାନ ବିହନ ଉପଯୋଗୀ ହୋଇଥାଏ। ବର୍ତ୍ତମାନ ଯେଉଁ ଭଳି ଅବସ୍ଥା ରହିଛି କ୍ଷତିଗ୍ରସ୍ତ ଚାଷୀ ୬୦ କିମ୍ବା ୯୦ ଦିନିଆ ବିହନ ଉପଯୋଗ କଲେହିଁ ନଭେମ୍ବର ସୁଦ୍ଧା ସେମାନଙ୍କୁ ଧାନ ଉତ୍ପାଦନ ମିଳିବ। ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ସବୁ ବର୍ଷର ସମସ୍ୟା। କିନ୍ତୁ କୃଷି ବିଭାଗ ପକ୍ଷରୁ ୬୦ ଦିନିଆ ଧାନ ବିହନ ଉତ୍ପାଦନକୁ ଗୁରୁତ୍ୱ ଦିଆଯାଏ ନାହିଁ। ଅନ୍ୟଦିଗରେ ଜୈବିକ ବିହନ ବ୍ୟାଙ୍କରେ ୬୦ ଦିନିଆ ବିହନ ମହଜୁଦ ରହିଥିଲେ ମଧ ଏହାର ଉପଯୋଗ ଦିଗରେ କୃଷି ବିଭାଗ ଗୁରୁତ୍ୱ ଦେଉନଥିବା ନେଇ ବିଶେଷଜ୍ଞମାନେ ମତ ଦିଅନ୍ତି। ଅନ୍ୟଦିଗରେ ବିହନ ନିଗମ ପାଖରେ ମହଜୁଦ ଧାନ ବିହନ ମଧ ସମସ୍ତ କ୍ଷତିଗ୍ରସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ହେବା ନେଇ ମଧ ଆଶଙ୍କା କରାଯାଉଛି। ବାହାର ରାଜ୍ୟରୁ ମଧ ବିହନ କ୍ରୟ କରି ଯୋଗାଣ କରିବା ସହଜ ନୁହେଁ। ବିହନ ନିଗମ ପରିଚାଳନା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର କହିଛନ୍ତି, ବିହନ ଯୋଗାଣ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ନିର୍ଦ୍ଦେଶ ଆସିନାହିଁ। ଉଭୟ ଧାନ ଏବଂ ଅଣଧାନ ଯୋଗାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯାହା କୁହାଯିବ ନିଗମ ସେହି ଅନୁଯାୟୀ ପ୍ରସ୍ତୁତ ରହିଛି।

# ସମବାୟ ସଚିବଙ୍କ ପତ୍ର: ୩୧ ଅଗଷ୍ଟ ସୁଦ୍ଧା ଚାଷୀଙ୍କୁ ବକେୟା ନଦେଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର ,୨୫/୦୬ (ନି.ପ୍ର): ଓଡ଼ିଶା ସରକାରଙ୍କ ସମବାୟ ମନ୍ତ୍ରୀ କେନ୍ଦ୍ରକୁ ଚିଠି କରିଥିଲେ। ବରଗଡ଼ ବିଜେପି ସାଂସଦ ଲୋକସଭାରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କେନ୍ଦ୍ର ସରକାର କି ପଦକ୍ଷେପ ନେଲେ କେଜାଣି; ବର୍ତ୍ତମାନ ସୁଦ୍ଧା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତରେ ମିଳିବାକୁ ଥିବା ଚାଷୀଙ୍କ ୫୮୬ କୋଟି ଟଙ୍କାରୁ କାହାକୁ କିଛି ବି ମିଳିଲା ନାହିଁ। ସମସ୍ତଙ୍କୁ ଫୁ କରି ଉଡ଼ାଇଦେଲେ ବୀମା କମ୍ପାନି। ଶେଷରେ ରାଜ୍ୟ ସରକାର ଗୋଟିଏ ଚରମ ନିଷ୍ପତ୍ତି ନେଇଛନ୍ତି। ଅଗଷ୍ଟ ୩୧ ସୁଦ୍ଧା ବକେୟା ନ ଦେଲେ ବୀମା କମ୍ପାନିଙ୍କ ବିରୋଧରେ ଜରିମାନା ଲଗାଯାଇ ପାରେ ବୋଲି ସମବାୟ ବିଭାଗ ସଚିବ ଚିଠି ଲେଖିଛନ୍ତି। ଏଆଇସିର ମୁଖ୍ୟ ଆଞ୍ଚଳିକ ପ୍ରବନ୍ଧକ, ଏଚଡିଏଫସିର ପ୍ରବନ୍ଧକ ଏବଂ ରିଲାଏନ୍ସ ଜିଆଇସିର ପ୍ରବନ୍ଧକଙ୍କୁ ଏହି ଚିଠି ଦିଆଯାଇଛି। ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତରେ ଚଳିତ ବର୍ଷ ୨୦ ଲକ୍ଷ ୫୬ ହଜାର ୮୮୨ ଚାଷୀଙ୍କୁ ୧୩୬୩.୨୬ କୋଟି ଟଙ୍କା ପ୍ରଦାନ ପାଇଁ ଅନୁମୋଦିତ ହୋଇଥିଲା। ଫେବ୍ରୁଆରି ସୁଦ୍ଧା ମିଳିବାକୁ ଥିବା ଏହି ଟଙ୍କା ଜୁଲାଇ ମାସରେ ଦିଆଯିବା ଆରମ୍ଭ ହୋଇଥିଲା। ମାତ୍ର ଅଗଷ୍ଟ ଶେଷ ସପ୍ତାହ ପରେ ମଧ ବର୍ତ୍ତମାନ ସୁଦ୍ଧା କେବଳ ୭୭୭ କୋଟି ଟଙ୍କା ଦିଆଯାଇଛି। ଏହାକୁ ନେଇ ପଶ୍ଚିମ ଓଡ଼ିଶାର ଚାଷୀ ସଙ୍ଗଠନଗୁଡ଼ିକ ଆନ୍ଦୋଳନ କରିବା ସହିତ ବରଗଡ଼ରେ ରେଳରୋକ ମଧ ହୋଇଥିଲା।

# ଏନସିଏସ୍‌ସିଡିଏ ପକ୍ଷରୁ ଦିବ୍ୟାଙ୍ଗଙ୍କ ପାଇଁ ମାଗଣା ନିଯୁକ୍ତି ମେଳା

ଭୁବନେଶ୍ୱର ,୨୫/୦୬ (ନି.ପ୍ର): ଆସନ୍ତା ଅଗଷ୍ଟ ୨୬ ତାରିଖ ଦିନ ରାଜ୍ୟର ଶ୍ରବଣ ବାଧିତମାନଙ୍କ ପାଇଁ ନ୍ୟାସନାଲ କ୍ୟାରିଅର ସର୍ଭିସ୍ ସେଣ୍ଟର (ଏନ୍‌ସିଏସ୍‌ସିଡିଏ), ଭୁବନେଶ୍ୱର କାର୍ଯ୍ୟାଳୟ ପରିସରରେ ଏକ ମାଗଣା ନିଯୁକ୍ତି ମେଳାର ଆୟୋଜନ କରାଯାଇଛି । ଭି ମାର୍ଟ, ମାକ୍ସ ଏବଂ ଫ୍ଲିପକାର୍ଟ ଭଳି ପ୍ରତିଷ୍ଠିତ କମ୍ପାନିଗୁଡିକରେ ଖାଲି ଥିବା ଅନ୍ୟୁନ ୩୦ଟି ପଦବି ଶ୍ରବଣ ବାଧିତଙ୍କ ଦ୍ୱାରା ପୂରଣ କରିବା ପାଇଁ ୟୁଥ୍ ଫର ଜବ୍‌ସ ଫାଉଣ୍ଡେସନ ପକ୍ଷରୁ ଏହି ନିଯୁକ୍ତି ମେଳା କରାଯାଇଛି। ନିଜର ପୂରଣ ହୋଇଥିବା ବାୟୋଡାଟା ସହିତ ଭିନ୍ନକ୍ଷମ ସାର୍ଟିଫିକେଟ, ପାସପୋର୍ଟ ସାଇଜ୍ ଫଟୋକପି, ପାନ୍ କାର୍ଡ, ଆଧାରକାର୍ଡ, ଶିକ୍ଷାଗତ ପ୍ରମାଣପତ୍ର ଆଦି ସମସ୍ତ କାଗଜପତ୍ର ସହିତ ନିଯୁକ୍ତି ପାଇଁ ଇଚ୍ଛୁକ ସମସ୍ତ ଶ୍ରବଣ ବାଧିତମାନଙ୍କୁ ଏହି ମେଳାରେ ଅଂଶଗ୍ରହଣ ପାଇଁ ଅନୁରୋଧ କରାଯାଇଛି। ସୂଚନା ମୁତାବକ ୨୬ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହି ମେଳା ଚାଲିବ। ବୟସ ସୀମା ରହିଛି ୧୮ ରୁ ୩୦ ବର୍ଷ। ଉଭୟ ମହିଳା ଓ ପୁରୁଷ ଏଥିରେ ଅଂଶ ଗ୍ରହଣ କରିପାରିବେ। ଏହି ପଦବି ପାଇଁ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ପାସ୍ ଓ ତଦୁର୍ଦ୍ଧ ରଖାଯାଇଛି। ମଧୁସୂଦନ ପାର୍କ ସମ୍ମୁଖ ଏନ୍‌ସିଏସ୍‌ସିଡିଏ (ପୂର୍ବନାମ ଭିଆରସିଏଚ୍)ରେ ତଥା ଭୁବନେଶ୍ୱର ଗଣ୍ଡମୁଣ୍ଡା ଓ ପୋଖରୀପୁଟ ମଧୁସୂଦନ ପାର୍କ ସାମ୍ନା ପ୍ଲଟ ନମ୍ବର ୧, ୨, ୫ ଏବଂ ୬ ରେ ଏହା ଆୟୋଜିତ ହେବ। ଅଧିକ ବିବରଣୀ ପାଇଁ ଯୋଗାଯୋଗ ନମ୍ବର ୦୬୭୪-୨୩୫୨୩୧୭ ରଖାଯାଇଛି।

# ଫକୀର ମୋହନ ଆଲୁମିନି ପକ୍ଷରୁ ପରିବେଶ ସୁରକ୍ଷା କର୍ମଶାଳା



ବାଲେଶ୍ୱର,୨୫/୦୮ (ନି.ପ୍ର): ଫକୀରମୋହନ କଲେଜ ଆଲୁମିନି ପକ୍ଷରୁ ପରିବେଶ ସୁରକ୍ଷା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଲୁମିନି ସଭାପତି ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ପରିବେଶବିତ ଇଂ. ସୁବ୍ରତ କୁମାର ନାୟକ ମୁଖ୍ୟବକ୍ତାଭାବେ ଯୋଗଦେଇ କ୍ରମଅବକ୍ଷୟମାନ ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଆଗାମୀ ପିଢ଼ିପାଇଁ ପରିବେଶ ସୁରକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ସେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ବାଲେଶ୍ୱର ସହର ସମୁଦ୍ର ପତ୍ତନଠାରୁ ୧୯ମି. ଉଚ୍ଚରେ ଥିଲେ ମଧ୍ୟ ଏହାର ଉଦ୍‌ବୃତ୍ତ ଜଳ କିପରି ମହାନାଳ ମଧ୍ୟରେ ଭୂପୃଷ୍ଠ, ଭୂତଳ ଓ ଉପରିଭାଗରେ ସମୁଦ୍ରକୁ ନିଷ୍କାସିତ ହୋଇପାରିବ ଏବଂ ଏହାଦ୍ୱାରା ମେଲେରିଆ, ଝାଡ଼ାବାନ୍ତି, ହେପାଟାଇଟିସ୍, ଜଣ୍ଡିସ୍ ଆଦି ରୋଗ ପ୍ରତିହତ କରିହେବ ସେ ସମ୍ପର୍କରେ ସେ ଉଦାହରଣ ସହ ବୁଝାଇଥିଲେ। ବିଶ୍ୱର ବିଭିନ୍ନ ବିକଶିତ ତଥା ବିକାଶଶୀଳ ରାଷ୍ଟ୍ରରେ ପରିବେଶ ସୁରକ୍ଷା ନେଇ ପ୍ରୟୋଗ କରାଯାଉଥିବା ସହଜ ଉପାୟଗୁଡ଼ିକ ସମ୍ପର୍କରେ ଇଂ. ନାୟକ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାକୃତିକ ଅବସ୍ଥିତି ଓ ଦକ୍ଷ ବିଶେଷଜ୍ଞମାନେ ଏନେଇ ଆନ୍ତରିକତାର ସହ ଉଚିତ ପଦକ୍ଷେପ ନେବା ସାଙ୍ଗକୁ ସବୁ ମହଲରୁ ଉଦ୍ୟମ ଆରମ୍ଭ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଦୀନବନ୍ଧୁ ଲେଙ୍କା, ରାମପ୍ରସାଦ ପ୍ରଧାନ, ରାମଚନ୍ଦ୍ର ସେଠୀ, ବିଶ୍ୱନାଥ ସାହୁ, ରମାକାନ୍ତ ମହାନ୍ତି, ଶରତ କୁମାର ମିଶ୍ର, ମଧୁସୂଦନ ବେହେରା, ନିଖିଳ ଚନ୍ଦ୍ର ଆଶ୍, ଦୀପକ ଦାସ, ଅନୁସୂୟା ନାୟକ, ପାର୍ଥସାରଥୀ ଆଶ୍ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପରିଷଦର ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଏସଡିଏ ଅଧ୍ୟକ୍ଷଙ୍କୁ ଭେଟିଲେ ଯୁକ୍ତରାଷ୍ଟ୍ର ଆମେରିକାର ରାଜନୈତିକ ଓ ଅର୍ଥନୈତିକ ଅଧିକାରୀ

ଭୁବନେଶ୍ୱର,୨୫/୦୮ (ନି.ପ୍ର): ହାଇଦ୍ରାବାଦରେ ଅବସ୍ଥାପିତ ଯୁକ୍ତରାଷ୍ଟ୍ର ଆମେରିକା କନ୍‌ସୁଲେଟ୍ ର ରାଜନୈତିକ ଓ ଅର୍ଥନୈତିକ ବିଭାଗର ରାଜନୈତିକ ଓ ଅର୍ଥନୈତିକ ଅଧିକାରୀ ସିନ୍ ରୁଥ୍ ଗୁରୁବାର ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷ ସୁବ୍ରତ ବାଗଚୀଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ରାଜନୈତିକ ଓ ଅର୍ଥନୈତିକ ବିଶେଷଜ୍ଞ ଶିବ ପ୍ରସାଦ ତ୍ରିପାଠୀ ଶ୍ରୀ ରୁଥ୍ ଙ୍କ ସହ ଉପସ୍ଥିତ ଥିଲେ । ଶ୍ରୀ ରୁଥ୍ ଏବଂ ତାଙ୍କ ସହଯୋଗୀମାନେ ଶ୍ରୀ ବାଗ୍‌ଚୀଙ୍କ ସହ ଯୁବବର୍ଗଙ୍କ ଦକ୍ଷତା ବିକାଶ ସମେତ ରାଜ୍ୟର ବୃହତର ଅର୍ଥନୈତିକ ଓ ରାଜନୈତିକ ବିଷୟ ନେଇ ଦୀର୍ଘ ଏକ ଘଂଟାକାଳ ଆଲୋଚନା କରିଥିଲେ । ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଶ୍ରୀ ବାଗଚୀ ଅତିଥିମାନଙ୍କୁ ଓଡ଼ିଶା ପରିଦର୍ଶନ ନେଇ ଧନ୍ୟବାଦ ଜ୍ଞାପନ କରିବା ସହ ଭବିଷ୍ୟତରେ ଯୁକ୍ତରାଷ୍ଟ୍ର ଆମେରିକା କନ୍‌ସୁଲେଟ୍ ସହ ସମସ୍ତ ସ୍ତରରେ ଅଧିକ ସହଯୋଗ ଏବଂ ଭାବବିନିମୟ ଜାରି ରହିବ ବୋଲି ଆଶା ପ୍ରକାଶ କରିଥିଲେ ।

## ରାଜଧାନୀରେ ୪୪ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୫/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଗୁରୁବାର ମୋଟ ୪୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୩୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୪ ହଜାର ୭୭୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୨ ହଜାର ୫୦୭ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୦୫୩ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୪୩ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ଏଏସ୍‌ଓ ପରୀକ୍ଷା ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ

ପୁରୀ, ୨୫/୦୮ (ନି.ପ୍ର): ପୁରୀ ଜିଲ୍ଲାରେ ଚଳତିମାସ ୨୭ ତାରିଖ ଶନିବାର ଏଏସ୍‌ଓ ପରୀକ୍ଷା ଅନୁଷ୍ଠିତ ହେବ। ଏହି ପରୀକ୍ଷାକୁ ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ପରୀକ୍ଷାକୁ ସ୍ୱଚ୍ଛ, ନିରପେକ୍ଷତା ସହ ପରିଚାଳନା କରିବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାର ୧୫ଟି ପରୀକ୍ଷା କେନ୍ଦ୍ରରେ ୫ହଜାର ୯୧୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପ୍ରତି ପରୀକ୍ଷା କେନ୍ଦ୍ରରେ ସେଂଟର ସୁପରିଟେଂଣ୍ଡେଟ, ଆସିଷ୍ଟାଂଟ କୋଡ଼ିନେଟର ପରୀକ୍ଷା ପରିଚାଳନା କରିବେ। ପ୍ରତି ୪ଟି ପରୀକ୍ଷା କେନ୍ଦ୍ର ପାଇଁ ଜଣେ ଅଧିକାରୀ ଯାଂଚ କରିବେ। ପରୀକ୍ଷାର୍ଥୀମାନଙ୍କୁ ଯାଂଚ କରାଯାଇ ହଲ୍‌କୁ ଛଡ଼ାଯିବ। ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ପ୍ରୋଟକଲ) ଦିଲୀପ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ପୋଲିସ ଡିଏସ୍‌ପି ହେମନ୍ତ କୁମାର ପଣ୍ଡା, ପିକେଡିଏ ସମ୍ପାଦକ ଲଲାଟେନ୍ଦୁ ସାହୁ, ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ୨ ମୃତ

## ବନ ବିଭାଗ ହାତୀ ଚଳାଚଳର ପୂର୍ବ ସୂଚନା ଦେଉନଥିବା ଅଭିଯୋଗ

ବାରିପଦା, ୨୫/୦୮ (ନି.ପ୍ର): ମୟୂରଭଂଜ ଜିଲ୍ଲାରେ ଦେଖା ଦେଇଛି ପୁଣି ହାତି ଆତଙ୍କ । ହାତୀ ଆକ୍ରମଣରେ ପୁଣି ୨ଜଣ ବ୍ୟକ୍ତି ମୃତ୍ୟୁ ବରଣ କରିଥିବାର ଖବର ମିଳିଛି । ମୟୁରଭଂଜ ଜିଲ୍ଲା ରାସଗୋବିନ୍ଦପୁର ରେଂଜ ଅଧିନରେ ଜଣେ ଏବଂ ବେତନଟୀ ରେଂଜ ଅଧିନରେ ଜଣେ ମୋଟ ଦୁଇଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ସୂଚନା ମୁତାବକ ମଙ୍ଗଳବାର ବିଳମ୍ବିତ ରାତିରେ ରାସଗୋବିନ୍ଦପୁର ଫରେଷ୍ଟ ରେଂଜ ଡାଙ୍ଗରବିଲା ଗ୍ରାମରେ ସୀମିତ ହାଁସଦା ନିଜ ଘରେ ରାତ୍ରିଭୋଜନ କରି ଶୋଇଥିବା ବେଳେ ବିଳମ୍ବିତ ରାତିରେ ଗାଁ ଭିତରକୁ ପ୍ରାୟ ୫ ରୁ ଉର୍ଦ୍ଧ୍ୱ ହାତୀ ପଶି ସୀମିତ ହାଁସଦାଙ୍କୁ ଶୋଇଥିବା ଘର ଭିତରୁ ଟାଣି ଆଣି ଘର ବାହାରେ କଚାଡି ମାରି ଦେଇଥିଲା ପରେ ବନ ବିଭାଗ ଖବର ପାଇ ଘଟଣା ସ୍ଥଳରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା । ସେହିପରି ବେତନଟୀ ରେଂଜ ଅଧୀନ ସଂଗାଡ଼ି ଗ୍ରାମରେ ଧନଂଜୟ ହାଁସଦା ଜଙ୍ଗଲକୁ ଗାଈ ଖୋଜିବାକୁ ଯାଇ ନିଖୋଜ ଥିଲେ । ତାଙ୍କୁ ଘରଲୋକେ ଖୋଜାଖୋଜି କରୁଥିବା ବେଳେ, ଆଜି ଜଙ୍ଗଲ ଭିତରୁ ଧନଂଜୟଙ୍କ ଶବ ଠାବ ହୋଇଛି । ଜଙ୍ଗଲ ଭିତରେ ହାତୀ ଧନଂଜୟଙ୍କୁ କଚାଡି ମାରିଥିବା ଜଣାଯାଇଛି । ବେତନଟୀ ରେଂଜ ଅଫିସର ଘନଶ୍ୟାମ ମଲ୍ଲିକ ଘଟଣା ସ୍ଥଳରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ତେବେ ଗ୍ରାମବାସୀ ମାନଙ୍କ ଅଭିଯୋଗ ମୁତାବକ ବନ ବିଭାଗ ହାତୀ ଚଳପ୍ରଚଳ ନେଇ ଜନସାଧାରଣଙ୍କୁ କୌଣଷି ପୂର୍ବ ସୂଚନା ଦେଉ ନଥିବାରୁ ଏ ଭଳି ଘଟଣା ବାରମ୍ବାର ଜିଲ୍ଲାରେ ଘଟୁଛି ଏବଂ ବହୁ ନିରିହ ଜୀବନ ଯାଉଛି ବୋଲି ଅଭିଯୋଗ କରି ଦୀର୍ଘ ସମୟ ଧରି ସଂଗାଡ଼ି ଗ୍ରାମବାସୀ ଶବ ଅଟକ ରଖିଥିଲେ । ତେବେ ଉଭୟ ମୃତକଙ୍କ ପରିବାରକୁ ସରକାରଙ୍କ ହାତିମୃତ୍ୟୁ ନିୟମାବଳୀ ଅନୁଯାୟୀ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଇସ୍କନ, ମାୟାପୁର ତରଫରୁ ଏମ୍.କେ.ସି ହାଇସ୍କୁଲ ପରିସରରେ ଶ୍ରୀମଦ୍ ଭଗବତ୍ ଗୀତା ବଣ୍ଟନ




ବାରିପଦା,୨୫/୦୮ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବଦ୍ୟାଳୟ ପରିସରରେ ଇସ୍କନ, ମାୟାପୁର ତରଫରୁ ଶ୍ରୀମଦ୍ ଭଗବତ୍ ଗୀତା ପୁସ୍ତକ ବିନା ଦେୟରେ ବିଦ୍ୟାଳୟ ସମସ୍ତ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରଦାନ କରାଯାଇଛି। ୯୦୦ ପୃଷ୍ଠା ସମ୍ବଳିତ ଏହି ଗୀତାପୁସ୍ତକ ନିଶ୍ଚିତ ଭାବରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହେବ । ଏହି ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଧାତ୍ମିକ ଆଲୋଚନାଚକ୍ରକୁ ଶିକ୍ଷକ ଅମିତାଭ ମିଶ୍ର ପରିଚାଳନା କରିଥିଲେ । ଶ୍ରୀଧାମ ମାୟାପୁର ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଗୌରଧାମ ଦାସ ବ୍ରହ୍ମଚାରୀ, ବନମାଳୀ ମୁକନ୍ଦ ଦାସ ପ୍ରମୁଖ ବକ୍ତବ୍ୟ ଦେଇ ଛାତ୍ରଛାତ୍ରୀମାନଙ୍କୁ ଭଗବତ୍ ଗୀତା ପାଠ ପଠନପୂର୍ବକ ନିଜକୁ ମହନୀୟ ଚିନ୍ତାଧାରାରେ ଗୋଡିତଳିବା ସହ ରାଷ୍ଟ୍ର ଗଠନରେ ସାମିଲ ହେବା ପାଇଁ । ପରାମର୍ଶ ଦେଇଥିଲେ । ଶିକ୍ଷକ ପ୍ରଦୀପ ଦଣ୍ଡପାଟ, ଉପେନ୍ଦ୍ରନାଥ ବେହେରା, ବୈଜୟନ୍ତ ଦାସ, ମନୋଜ ପରିଡା, ରାଜୀବ ଲୋଚନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଇସ୍କନ ମାୟାପୁରର ଏହି ମହନୀୟ କାର୍ଯ୍ୟପାଇଁ ବିଦ୍ୟାଳୟ ପରିଚାଳନା କମିଟି, ପ୍ରଧାନଶିକ୍ଷକ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ କୃତଜ୍ଞତା ବ୍ୟକ୍ତ କରାଯାଇଛି ।

## ସିପିଏମ୍‌ର ବନ୍ୟାଞ୍ଚଳ ପରିଦର୍ଶନ ଓ ରିଲିଫ ବଣ୍ଟନ

ଜଳେଶ୍ୱର, ୨୫/୮(ନିପ୍ର) : ବନ୍ୟାର ୫ଦିନ ବିତିଯାଇଥିଲେ ମଧ୍ୟ ପଶ୍ଚିମବାର୍ଡ ପଂଚାୟତର ବ୍ୟାପକ କ୍ଷତି ଘଟିଛି । ନମକନା ଗାଁର ହରିଜନ ସାହି, ବେହେରା ସାହି, ବାରିକ ସାହି, ଧଳ ସାହିର ଲୋକେ ଯାତାୟାତ କରୁଥିବା ରାସ୍ତାରେ ଅଦ୍ୟାବଧି ପାଣି ଜମା ହୋଇ ରହିଛି । ବହୁ ଲୋକଙ୍କ ଘର ଭାଂଗିଥିବା ବେଳେ ପ୍ରଶାସନ ପକ୍ଷରୁ ଅଦ୍ୟାବଧି ଘଟଣାସ୍ଥଳରେ କେହି ପହଞ୍ଚିନଥିବା ସିପିଏମ୍‌ର ଦିଲ୍ଲିପ କୁମାର ଗିରି, ରବିନ୍ଦ୍ର ବାରିକ, ଜୀବନ ପରିଡା ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ ଓ ରିଲିଫ ବଣ୍ଟନ କରିଥିବା ବେଳେ ସାମ୍ବାଦିକ ମାନଙ୍କୁ କହିଛନ୍ତି। ଏହି ପଂଚାୟତ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବାରୁ ୭ ଦିନ ମଧ୍ୟରେ ଘରଭାଂଗି, ଅବିଳମ୍ବେ ପଲିଥିନ ଏବଂ ୧୫ ଦିନ ପାଇଁ ରିଲିଫ ଯୋଗାଇବାକୁ ଦାବି କରିଛନ୍ତି । ସ୍ୱଳ୍ପ ମିଆଦି ଧାନ ବିହନ, ସାର, କୀଟନାସକ ଯୋଗାଇବା ସହିତ ସ୍କୁଲ ଓ ଛାତ୍ରଛାତ୍ରୀଙ୍କ ଟିଉସନ୍‌ଫାସ୍ ଓ ପରୀକ୍ଷା ଫିସ୍ ଛାଡ କରିବାକୁ ସିପିଏମ୍‌ର ଟିମ୍ ବନ୍ୟାଞ୍ଚଳ ପରିଦର୍ଶନ ସାରି ଫେରିବାପରେ ଜଳେଶ୍ୱରଠାରେ କହିଛନ୍ତି ।

## କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ସାହିତ୍ୟିକଙ୍କୁ ମୁଖ୍ୟମନ୍ତ୍ରୀ ଜଣାଇଲେ ଶୁଭେଚ୍ଛା

ଭୁବନେଶ୍ୱର,୨୫/୦୮ (ନି.ପ୍ର): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୨୨ ବର୍ଷ ପାଇଁ ପୁରସ୍କାର ପାଇଁ ମନୋନୀତ ହୋଇଥବା ସାହିତ୍ୟିକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ – କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୨୨ ବର୍ଷ ପାଇଁ ବାଲ ସାହିତ୍ୟ ପୁରସ୍କାର ପାଇବାକୁ ମନୋନୀତ ନରେନ୍ଦ୍ର ପ୍ରସାଦ ଦାସ ଓ ଯୁବ ପୁରସ୍କାର ପାଇବାକୁ ମନୋନୀତ ଦିଲ୍ଲୀପ ବେହେରାଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା। ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ଏହା ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ସହ ଉଭୟଙ୍କର ଆହୁରି ସଫଳତା କାମନା କରୁଛି ।

## ବନ୍ୟା ପ୍ରଭାବିତ ଅଂଚଳରେ ଡାଇରିଆ

ଭୁବନେଶ୍ୱର,୨୫/୦୮ (ନି.ପ୍ର): ବନ୍ୟା ପ୍ରଭାବିତ ଅଂଚଳରେ କିଛି ସ୍ଥାନରେ ଡାଇରିଆ କେସ୍ ଆସିଛି ହେଲେ ହଇଜା ନାହିଁ ବୋଲି ସୂଚନା ଦେଇଛନ୍ତି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଂଜନ ମିଶ୍ର । ୧୪ ବନ୍ୟା ପ୍ରଭାବିତ ଜିଲ୍ଲା ସ୍ଥିତି ନେଇ ସେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ୧୪ ପ୍ରଭାବିତ ଜିଲ୍ଲାରୁ ୯ ଶହ ଡାଇରିଆ ଓ ଝାଡ଼ାଜନିତ କେସ୍ ?ଆସିଛି । ସେ କହିଛନ୍ତି ଯେ ସାପ କାମୁଡ଼ା କେସ୍ ବି ଆସିଛି, ହେଲେ ମୃତ୍ୟୁ ହୋଇନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଭିସୁଟ୍‌କୁ ଇଂଜିନିୟରିଂ ଶିକ୍ଷାର ଉତ୍କର୍ଷ କେନ୍ଦ୍ର ....

ବିଶ୍ୱବିଦ୍ୟାଳୟର କୁଳପତି, ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ସହିତ ସେମାନଙ୍କର ବିଭିନ୍ନ ସମସ୍ୟା, ମିଳୁଥିବା ସୁବିଧା ତଥା ଭବିଷ୍ୟତ ବିକାଶ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀମାନେ ମଧ୍ୟ ସେମାନେ କରିଥିବା ପ୍ରୋଜେକ୍ଟ ସବୁ ଉପସ୍ଥାପନା କରିଥିଲେ। ୫ଟି ସଚିବ ଶ୍ରୀ ପାଣ୍ଡିଆନ ଏଗୁଡ଼ିକୁ ଉଚ୍ଚ ପ୍ରଶଂସା କରିବା ସହିତ ଇଣ୍ଡଷ୍ଟ୍ରୀ ଲିଙ୍କେଜ୍ ଉପରେ ଗୁରୁତ୍ୱ ଦେଇଥିଲେ। ପରେ ସେମାନେ ବଇଜାମୁଣ୍ଡାଠାରେ ଚାଲିଥିବା ସମନ୍ୱିତ ଭିତିଭୂମି ପ୍ରକଳ୍ପ ପ୍ରଦର୍ଶନ କରି ସେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ ଏବଂ ଭିକାରୀ ଥଇଥାନ କେନ୍ଦ୍ରର ଅନ୍ତେବାସୀମାନଙ୍କ ସହିତ ଆଲୋଚନା କରିଥିଲେ।ଏହି ସମନ୍ୱିତ ପ୍ରକଳ୍ପର ଅଗ୍ରଗତିରେ ମୁଖ୍ୟ ଶାସନ ସଚିବ ଓ ୫ଟି ସଚିବ ସନ୍ତୋଷ ପ୍ରକାଶ କରିବା ସହିତ ସମସ୍ତ ସେବା ଯେପରି ସୁବିଧାରେ ମିଳିପାରିବ ସେଥିପାଇଁ ସମୟବଦ୍ଧ କାର୍ଯ୍ୟସୂଚୀ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିବା ଲେଡି ଲୁଇସ୍ ଗାଲର୍ସ ହାଇସ୍କୁଲ ପରିଦର୍ଶନ କରି ଶିକ୍ଷକ, ଛାତ୍ରୀ ଏବଂ ଆଲୁମିନି ସହିତ ରୂପାନ୍ତର କାର୍ଯ୍ୟକ୍ରମର ପ୍ରଭାବ ବିଷୟରେ ଆଲୋଚନା କରିଥିଲେ । ସମଲେଶ୍ୱରୀ ମନ୍ଦିର ପଶ୍ଚିମ ଓଡିଶାର ଆଧ୍ୟତ୍ମିକ ପ୍ରାଣକେନ୍ଦ୍ର । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫ ଟି ରୂପାନ୍ତର କାର୍ଯ୍ୟକ୍ରମରେ ସମଲେଶ୍ୱରୀ ମନ୍ଦିରର ପାରିପାର୍ଶ୍ୱିକ ବିକାଶ ସମଲେଇ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଏହି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଓ ୫ଟି ସଚିବ ସେବାୟତ ଓ ଜନସାଧରଣଙ୍କ ମତାମତ ନେଇଥିଲେ। ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଓବିସିସି କର୍ତ୍ତୃପକ୍ଷ ମୁଖ୍ୟ ଶାସନ ସଚିବ ଓ ୫ଟି ସଚିବଙ୍କୁ ଅବଗତ କରାଇଥିଲେ। ପ୍ରକଳ୍ପ ଅଧିନସ୍ଥ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରି ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ୫ଟି ସଚିବ ନିର୍ଦ୍ଦେଶ ଦେଇଥିଲେ। ବରିଷ୍ଠ ଅଧିକାରୀମାନେ ପ୍ରଥମେ ମା' ସମଲେଶ୍ୱରୀଙ୍କ ମନ୍ଦିରକୁ ଯାଇ ମା'ଙ୍କର ପୂଜା ଅର୍ଚ୍ଚନା କରିଥିଲେ।

### ହାତୀ ମୃତ୍ୟୁ ରୋକିବ ....

ହୋଇଥିଲା। ଯେଉଁଥିରେ ସାମିଲ ହୋଇଥିଲେ ବରିଷ୍ଠ ପୋଲିସ ଅଧିକାରୀ ଓ ବନ ବିଭାଗ ଅଧିକାରୀ। ରାଜ୍ୟରେ ବେଆଇନ ତଥା ଅପ୍ରାକୃତିକ ଭାବେ ହାତୀ ଶିକାର ରୋକିବା ପାଇଁ ପିସିସିଏଫଙ୍କ ଅଧୀନରେ ଜଏଂଟ ଟାସ୍କ ଫୋର୍ସ କାର୍ଯ୍ୟ କରିବ। ପୋଲିସ ଅଧିକାରୀ ଓ ବନ ବିଭାଗ ଅଧିକାରୀଙ୍କୁ ନେଇ ଏହି ଜଏଂଟ ଟାସ୍କ ଫୋର୍ସ ଗଠନ ହେବ। ତେବେ ହାତୀ ମୃତ୍ୟୁ ସହ ବାଘ, ଚିତା ଶିକାର ଏବଂ ବେଆଇନ ଭାବେ ବନ୍ତ୍ରକାପ୍ତା ଚାଲାଣ ଉପରେ ମଧ୍ୟ ଏହି ଟାସ୍କ ଫୋର୍ସ କାର୍ଯ୍ୟ କରିବ। ଏହା ବ୍ୟତୀତ ପଶୁ ପକ୍ଷୀଙ୍କ ଶିକାର ମାମଲାରେ ଟ୍ରାଇଲ କୋର୍ଟରେ ପଡ଼ିଥିବା ମାମଲା ଗୁଡ଼ିକ ପରିଚାଳନା ପାଇଁ ପ୍ରତି ଜିଲ୍ଲାରେ ସରକାରୀ ଓକିଲ ନିଯୁକ୍ତ କରାଯିବ।

# ଇଞ୍ଜିନିୟର ଶ୍ୱେତା ଆତ୍ମହତ୍ୟା ମାମଲା : ଆଗୁଆ ଜାମିନ୍ ଆବେଦନ କଲେ ସୌମ୍ୟଜିତ

ଭୁବନେଶ୍ୱର,୨୫/୦୮ (ନି.ପ୍ର): ଭୁବନେଶ୍ୱରରେ ସଫ୍ଟୱେର ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀଙ୍କ ଆତ୍ମହତ୍ୟା ମାମଲାରେ ବୟଫ୍ରେଣ୍ଡ ସୌମ୍ୟଜିତ ମହାପାତ୍ର ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ ଦାୟର କରିଛନ୍ତି। ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବାକୁ ଆଗୁଆ ଜାମିନ୍ ଆବେଦନ କରିଛନ୍ତି ସୌମ୍ୟଜିତ। ଶ୍ୱେତାଙ୍କ ମୃତ୍ୟୁ ନେଇ ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଥାନାରେ ରୁଜୁ ମାମଲାରେ ସୌମ୍ୟଜିତ ଆଗୁଆ ଜାମିନ ପାଇଁ ଆବେଦନ କରିଛନ୍ତି। ଅନ୍ୟପକ୍ଷରେ ଗୁରୁବାର ଦିନ ଶ୍ୱେତାଙ୍କ ବାପା, ମାଆ ଓ ଭାଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହଙ୍କୁ ଭେଟି ଶ୍ୱେତା ଓ ସୌମ୍ୟଜିତ ସମ୍ପର୍କ ନେଇ ଅବଗତ କରାଇଛନ୍ତି। ଶ୍ୱେତାଙ୍କର ୪ ଜଣ ସାଙ୍ଗ ସବୁ ଜାଣିଥିବା ସେମାନେ ଡିସିପିଙ୍କୁ କହିଛନ୍ତି। ଶ୍ୱେତାଙ୍କର କିଛି ମେସେଜ୍ ମଧ୍ୟ ଡିସିପିଙ୍କୁ ଦେଇଥିବା କହିଛନ୍ତି ତାଙ୍କ ପରିବାର ଲୋକେ। ସେହିପରି ସଫ୍ଟୱ୍ୟାର ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀ ଆତ୍ମହତ୍ୟା କରିବାର ୭ ଦିନ ପରେ ତାଙ୍କ ହାତ ଲେଖା ଡାଏରୀର କିଛି ପୃଷ୍ଠା ସାମ୍ନାକୁ ଆସିଛି। ମୃତ୍ୟୁର ବହୁ ପୂର୍ବରୁ ସୌମ୍ୟଜିତଙ୍କ ସହ ସମ୍ପର୍କକୁ ନେଇ ସେ ସେଥିରେ ଅନେକ କଥା ଲେଖିଛନ୍ତି। ଦିନକୁ ଦିନ ସମ୍ପର୍କ ମଜଭୁତ ହେଉଥିବା ଡାଏରୀରେ ଉଲ୍ଲେଖ ରହିଛି। ଗୋଟିଏ ପୃଷ୍ଠାରେ ସେ ମୋତେ ସ୍ତ୍ରୀ ଭାବେ ଗ୍ରହଣ କରିଥିବା ଲେଖାଯାଇଛି। ଭଗବାନ ଆମର ସବୁ ସମସ୍ୟା ଦୂର କରାନ୍ତୁ ମଧ୍ୟ ଲେଖାଯାଇଛି। ଶେଷରେ ସୌମ୍ୟଜିତ, ଲଭ ୟୁ ଶ୍ୱେତା ବୋଲି ଲେଖା ରହିଛି।

# ଶିକ୍ଷକ ପଦବୀ ପୂରଣ ନେଇ ଦାବିପତ୍ର ପ୍ରଦାନ

ଜୟପୁର, ୨୫/୦୮ (ନି.ପ୍ର): ଜୟପୁର ଲାଲ ସାହି ସ୍ଥିତ ପ୍ରାଥମିକ ବିଦ୍ୟାଳୟ ଓ ସାମନ୍ତରା ସାହି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ପାଇ ଦାବୀ ହୋଇଛି । ଏନେଇ ଆଜି କାଉନସିଲରଙ୍କ ନେତୃତ୍ୱରେ ଜୟପୁର ବିଇଓଙ୍କ ଅନୁପସ୍ଥିତିରେ ଏବିଓ ମୃତ୍ୟୁଞ୍ଜୟ ପଣ୍ଡାଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି । ସାମନ୍ତରା ସାହିରେ ଗୋଟିଏ ଶିକ୍ଷୟତ୍ରୀ ଥିବା ବେଳେ ଲାଲା ସାହିର ସ୍କୁଲରେ ବିକ୍ରମ ନଗର ସ୍କୁଲକୁ ମିଶ୍ରଣ କରାଗଲା । ହେଲେ ୨ଟି ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଗୋଟିଏ ସ୍କୁଲରେ ଅଛନ୍ତି । କୌଣସି ପ୍ରଶାସନିକ ବୈଠକ ହେଲେ ଦୁଇଜଣଙ୍କୁ ନିର୍ଦ୍ଦେଶ ଆସୁଛି । ୨ ଜଣ ବୈଠକକୁ ଯିବା ଫଳରେ ବିଦ୍ୟାଳୟରେ ଛାତ୍ର ଛାତ୍ର ଉପସ୍ଥିତ ରହୁଥିବା ବେଳେ ଶିକ୍ଷୟତ୍ରୀ ରହୁନାହାନ୍ତି । ଫଳରେ ଛାତ୍ର ଛାତ୍ରୀ ମାନେ ଖେଳା ଖେଳି କରୁଛନ୍ତି। ନିକଟରେ ଖଜୁରି ବନ୍ଦ ରହିଛି କୈାଣସି ଅଘଟଣ ହେଲେ କିଏ ଦାୟି ବୋଲି ସ୍ଥାନିୟ ବାସିନ୍ଦା ପ୍ରଶ୍ନ କରିଛନ୍ତି । କାଉନସିଲର ଶଶି ରେଖା ପରଜା, ସିଦ୍ଧାର୍ଥ ପାତ୍ର, ରାମ ମୁଦୁଲି ପ୍ରମୁଖ ଦାବି ପତ୍ର ପ୍ରଦାନ କରି ଏବିଓ ଙ୍କ ସହ ଆଲୋଚନା କରିଥିବା ଜଣାଯାଇଛି ।

# ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କଲେ ବଦ୍ରୀ



ଭଦ୍ରକ, ୨୫/୦୮ (ନି.ପ୍ର): ଭଣ୍ଡାରିପୋଖରୀ ବ୍ଲକ କୃଷି ବିଭାଗ ପକ୍ଷରୁ କ୍ରମାଗତ ୨ ବନ୍ୟାରେ କ୍ଷୟକ୍ଷତିର ସମ୍ମୁଖିନ ହୋଇଥିବା ଭଣ୍ଡାରିପୋଖରୀ ବନ୍ୟାଞ୍ଚଳର ପ୍ରତ୍ୟେକ ରାଜସ୍ୱ ଗ୍ରାମଓ୍ୱାରୀ ତଳିଧାନ ଓ ରଆଧାନ କ୍ଷତିର ବାସ୍ତବ ଅନୁଧ୍ୟାନ କରାଯାଇ କ୍ଷତିଗ୍ରସ୍ତପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି ବିଜେପି ନିର୍ବାଚନମଣ୍ଡଳୀ ନେତା ବଦ୍ରୀନାରାୟଣ ଧଳ । ବୁଧବାର ବନ୍ୟା କ୍ଷତିଗ୍ରସ୍ତ କୃଷିକ୍ଷେତ୍ର ଅନୁଧ୍ୟାନ ପରେ ଏଥିନେଇ ଦାବି ରଖିଛନ୍ତି ଶ୍ରୀ ଧଳ । ବନ୍ୟାପ୍ରବଣ ଷୋଳମପୁର, ମାଳଦା, ରହଣିଆ, କୁରିଗାଁ ନପଙ୍ଗ, ଝୁଟୁଣା, ବନ୍ଧାଳୋ-ମଢ଼ିଆଳି ପଞ୍ଚାୟତର ଅଧିକାଂଶ ଖରିଫ ଧାନ ତଳିଧାନ ପଚି ନଷ୍ଟ ହୋଇଛି । ଚେର ଧରି ନଥିବା ରଆ ଧାନ ମଧ୍ୟ ନଷ୍ଟ ହୋଇଛି । ପୁଣି ଥରେ ତଳି ଆଣି ରଆପୋତା କରିବା କଠିନ ଓ କଷ୍ଟସାଧ୍ୟ ହୋଇଥିବାରୁ ସରକାରୀ ସହାୟତାର ଆବଶ୍ୟକତା ରହିଛି । ଏଥିନେଇ ବାସ୍ତବ ଚାଷୀଙ୍କୁ ଚିହ୍ନଟ କରି ଉପଯୁକ୍ତ ପରିମାଣର ଜମି ଆଧାରରେ କ୍ଷତିପୂରଣ ପ୍ରଦାନ କରିବାକୁ ଶ୍ରୀ ଧଳ ଦାବି କରିବା ସହ ଚଳିତ ସପ୍ତାହ ଶେଷ ସୁଦ୍ଧା ଏହା ସମ୍ପୂର୍ଣ୍ଣ କରିବାକୁ ଦାବି କରିଛନ୍ତି । ଏଥିସହ ନଇକୂଳିଆ ଏହି ପଞ୍ଚାୟତଗୁଡିକରେ ପେଷାଗତ ଭାବେ ହେଉଥିବା ପନିପରିବା ଚାଷ ମଧ୍ୟ ବ୍ୟାପକ ଭାବେ ନଷ୍ଟ ହୋଇଛି । କ୍ଷତିର ସମ୍ମୁଖିନ ହୋଇଥିବା ପନିପରିବା ଚାଷର ମଧ୍ୟ ଉପଯୁକ୍ତ ଅନୁଧ୍ୟାନ କରାଯିବା ଓ କ୍ଷତିପୂରଣ ପ୍ରଦାନ ପାଇଁ ଶ୍ରୀ ଧଳ ଦାବି କରିଛନ୍ତି ।

# ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ପ୍ରକଳ୍ପ ପରିଚାଳନା ଏକକର ଶୁଭାରମ୍ଭ

ଭୁବନେଶ୍ୱର,୨୫/୦୮ (ନି.ପ୍ର): ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ବିଭିନ୍ନ ସଂସ୍ଥା ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବା ସହ ବିଭାଗୀୟ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏକ ପ୍ରକଳ୍ପ ପରିଚାଳନା ଏକକ (ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ)ର ଶୁଭାରମ୍ଭ ହୋଇଛି। ଗୁରୁବାର ଅପରାହ୍ନରେ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଏହି ପ୍ରକଳ୍ପ ୟୁନିଟ୍ କୁ ଉଦଘାଟନ କରିଥିଲେ । ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଟି ବିଭାଗ ସହଯୋଗରେ ଓ.ଏ.ଏସ୍.ଓ୍ୱାଇ.ଏସ୍ ସଂସ୍ଥା ଏହି ପି.ଏମ.ୟୁ ପରିଚାଳନା କରିବ। ଏହା ଫଳରେ ଏଣିକି ବିଭାଗ ଅନ୍ତର୍ଗତ ରାଜ୍ୟ ସଂଗ୍ରହାଳୟ,ଓଡିଶା ସାହିତ୍ୟ ଏକାଡେମୀ,ଓଡ଼ିଆ ଭାଷା ପ୍ରତିଷ୍ଠାନ,ରବୀନ୍ଦ୍ର ମଣ୍ଡପ,ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ,ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର,ରାଜ୍ୟ ଅଭିଲେଖାଗାର,ଗୁରୁ କେଳୁଚରଣ ଓଡିଶୀ ଗବେଷଣା କ୍ଷେନ୍ଦ୍ର,ବିଭୁତି କାନୁନଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଓଡିଶା ଲଳିତ କଳା ଏକାଡେମୀ,ସଙ୍ଗୀତ ନାଟକ ଏକାଡେମୀ ସହ ବିଭାଗର ସମସ୍ତ କାର୍ଯ୍ୟକ୍ରମକୁ ବିଭିନ୍ନ ମୁଦ୍ରଣ, ବୈଦ୍ୟୁତିକ ବିଶେଷ କରିସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରଚାର ଓ ପ୍ରସାରଣ ସହଜ ହେବ । ଏହାଦ୍ୱାରା ବିଭାଗ ଦ୍ୱାରା ଆୟୋଜିତ ହେଉଥିବା ସମସ୍ତ କାର୍ଯ୍ୟକ୍ରମ ସର୍ବସାଧାରଣଙ୍କ ନିକଟରେ ପହଁଚିପାରିବ। ତତ୍ ସହିତ ଏହି ପ୍ରକଳ୍ପ ପରିଚାଳନା ୟୁନିଟ୍ ଏ ସଂପର୍କରେ ଆବଶ୍ୟକ ବୈଷୟିକ ଜ୍ଞାନ କୌଶଳ ସଂପର୍କରେ ବିଭାଗକୁ ପରାମର୍ଶ ଦେବ । ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ପଞ୍ଜିକରଣ, ବିଭିନ୍ନ କାର୍ଯ୍ୟକ୍ରମର ଦୃଶ୍ୟଶ୍ରାବ୍ୟ ପ୍ରସ୍ତୁତିଓ ତଥ୍ୟ ସଂରକ୍ଷଣରେ ଏହା ସହାୟକ ବୋଲି ବିଭାଗ ତରଫରୁ ପ୍ରେସ ବିବୃତିରେ ଅବଗତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭାଗର ଉପ ଶାସନ ସଚିବ ସଂଜୟ କୁମାର ମିଶ୍ରଙ୍କ ସମେତ ବିଭାଗୀୟ ବିଭିନ୍ନ ଶାଖାର ଉଚ୍ଚ କର୍ତ୍ତୃପକ୍ଷ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ବ୍ଲକ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ

ଜଳେଶ୍ୱର, ୨୫/୮(ନିପ୍ର) : ସୁବର୍ଣ୍ଣରେଖା ବନ୍ୟା ପରେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରାଥମିକଭାବେ କ୍ଷୟକ୍ଷତି ଆକଳନ କରାଯାଇଛି । ଏଥିରେ ୧୩୪ଟି ଗାଁ ୧୦୫୦ଲୋକଙ୍କୁ ଲୋକଙ୍କୁ ଆଶ୍ରୟସ୍ଥଳରେ ରଖାଯାଇ ୩ଦିନ ରନ୍ଧାଖାଦ୍ୟ ଦେବାପରେ ଆଜି ସେମାନେ ଘରକୁ ଫେରିଛନ୍ତି । ଜଳେଶ୍ୱର ବ୍ଲକର ପ୍ରାୟ ୧୭୦ଟି ରାସ୍ତାର ୩୨୦ କି.ମି. ପାଣିରେ ବୁଡି ଧୋଇ ଯାଇଥିବା ଆକଳନ କରାଯାଇଛି । ଗ୍ରାମ ଉନ୍ନୟନ ବିଭାଗର ୧୬ଟି ରାସ୍ତା ପୂର୍ତ୍ତ ବିଭାଗର ୨ଟି ରାସ୍ତାର କ୍ଷତି ଘଟିଥିବା ବେଳେ ୪୭ଟି ବିଦ୍ୟାଳୟ ଉଣାଅଧିକେ କ୍ଷତିଗ୍ରସ୍ତ ବୋଲି ଦର୍ଶାଯାଇଛି। ବ୍ଲକ ଅଂଚଳରେ ଥିବା ୬୧୦୩୦ ଗୋ ସମ୍ପଦ ଥିବା ବେଳେ ୧୨୦୦୩ ଗୋରୁ, ଗାଈ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ବନ୍ୟା ପ୍ଲବିତ ଅଂଚଳରେ ୧୭୯୦ ନଳକୂପ ଥିବା ବେଳେ ୧୫୫ଟି ଉଣାଅଧିକେ ବନ୍ୟା ପାଣିରେ ପ୍ରଭାବିତ ହୋଇଛି। ଅଦ୍ୟାବଧି ସମସ୍ତ ନଳକୂପ ଓ ପାଇପପାଣି ପ୍ରକଳ୍ପରେ ହେଲୋଜିନ୍ କିମ୍ବା ବ୍ଲିଚିଂ ପକାଯାଇନଥିବା ସ୍ଥାନୀୟ ଅଧିବାସୀମାନେ ଅଭିଯୋଗ କରିଛନ୍ତି । ବ୍ଲକ ଓ ପୌରପାଳିକା ଅଂଚଳରେ ୨୫୦୦ ହେକ୍ଟର ଧାନଜମି, ୫୫୦ ହେକ୍ଟର ପନିପରିବା ଚାଷ ଓ ୨୦୦ ହେକ୍ଟର ଜମିର ଝୋଟଚାଷ କ୍ଷତିଗ୍ରସ୍ତ ହୋଇଥିବା ପ୍ରାଥମିକ ଆକଳନରୁ ଜଣାଯାଇଛି । ଅଦ୍ୟାବଧି ୮୨ଟି କଚାଗୃହ ଆଂଶିକ, ୬ଟି ଗୃହ ସମ୍ପୂର୍ଣ୍ଣ ଓ ୨୪ଟି ଚାଳିଆ ଘର ଘଟିଗ୍ରସ୍ତ ବୋଲି ପ୍ରଶାସନ ଜିଲାକାର୍ଯ୍ୟାଳୟରୁ ଜଣାଯାଇଛି ।

ବାଲେଶ୍ୱର, ଶୁକ୍ରବାର, ୨୬ ଅଗଷ୍ଟ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ରାଜ୍ୟରେ ନୂଆ ୩୫୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୫/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୫୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୨୬୧୨୧ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୩୫୫ ଆକ୍ରାନ୍ତଙ୍କ ମଧ୍ୟରୁ ୨୦୮ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୧୪୭ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୮୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୪୦୩ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୧୪୭୫୨ ରେ ପହଂଚିଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୧୪୮ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୩୫୫ ସଂକ୍ରମିତଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୭, ବରଗଡ ଜିଲ୍ଲାରେ ୧୨, ଭଦ୍ରକ ଜିଲ୍ଲାରେ ୨, ବଲାଙ୍ଗିର ଜିଲ୍ଲାରେ ୨୫, ବୌଦ୍ଧ ଜିଲ୍ଲାରେ ୨୮, କଟକ ଜିଲ୍ଲାରେ ୨୨, ଦେବଗଡ ଜିଲ୍ଲାରେ ୩, ଢେଙ୍କାନାଳ ଜିଲ୍ଲାରେ ୧, ଗଜପତି ଜିଲ୍ଲାରେ ୬, ଗଞ୍ଜାମ ଜିଲ୍ଲାରେ ୧, ଯାଜପୁର ଜିଲ୍ଲାରେ ୧୦, ଝାରସୁଗୁଡ଼ା ଜିଲ୍ଲାରେ ୪, କଳାହାଣ୍ଡି ଜିଲ୍ଲାରେ ୧୪, କନ୍ଧମାଳ ଜିଲ୍ଲାରେ ୨ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରେ ୧, କେନ୍ଦୁଝର ଜିଲ୍ଲାରେ ୪ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୬୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୨, ମାଲକାନଗିରି ଜିଲ୍ଲାରେ ୨, ମୟୂରଭଞ୍ଜ ଜିଲ୍ଲାରେ ୮, ନବରଙ୍ଗପୁର ଜିଲ୍ଲାରେ ୧୨, ନୟାଗଡ ଜିଲ୍ଲାରେ ୪, ନୂଆପଡ଼ା ଜିଲ୍ଲାରେ ୧୧, ପୁରୀ ଜିଲ୍ଲାରେ ୪, ରାୟଗଡ଼ା ଜିଲ୍ଲାରେ ୪, ସମ୍ବଲପୁର ଜିଲ୍ଲାରେ ୬, ସୋନପୁର ଜିଲ୍ଲାରେ ୫, ସୁନ୍ଦରଗଡ ଜିଲ୍ଲାରେ ୭୮ ଓ ଷ୍ଟେଟ ପୁଲରେ ୧୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ବିଭିନ୍ନ ଦାବି ନେଇ ଇପିଏଫ ପେନସନଭୋଗୀଙ୍କ ବିକ୍ଷୋଭ




ବାଲେଶ୍ୱର,୨୫/୦୮ (ନି.ପ୍ର): ବିଭିନ୍ନ ଦାବି ନେଇ ଇପିଏଫ ପେନସନଭୋଗୀଙ୍କ ପକ୍ଷରୁ ଆଇଟିଆଇ ଛକ ନିକଟସ୍ଥ ସହକାରୀ ଇପିଏଫ୍ କମିଶନରଙ୍କ ଅଫିସ୍ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି । ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲାରୁ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ପେନ୍‌ସନଭୋଗୀ ଏଥିରେ ସାମିଲ ହୋଇଥିଲେ। ଡିଆଇସି ଛକରୁ ଏକ ଶୋଭାଯାତ୍ରାରେ ଆସି ସମସ୍ତେ ଇପିଏଫ୍ ସହକାରୀ କମିଶନରଙ୍କ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଇପିଏଫ ପେନସନର୍ସ ଆସୋସିଏସନର ରାଜ୍ୟ କମିଟି ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସାଧାରଣ ସଭାରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଆଇଏନ୍‌ଟିୟୁସିର ଜିଲା ସଭାପତି ସୁରେଶ ଚନ୍ଦ୍ର ବେହେରା, ଏଚ୍‌ଏମ୍‌ଏସ୍ ଜିଲା ସଂପାଦକ ଅରୁଣ ସ୍ୱାଇଁ, ଏଆଇୟୁଟିୟୁସି ନେତା ରବୀନ୍ଦ୍ର ବେହେରା,ଏଆଇଟିୟୁସି ରାଜ୍ୟ ନେତା ମାୟାଧର ନାୟକ, ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀ ନେତା ଉତମ କୁମାର ଦାସ, ରେଳ କର୍ମଚାରୀ ନେତା ଉମାକାନ୍ତ ଦାସ, ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଡଃ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଅବସରପ୍ରାପ୍ତ ପୌର କର୍ମଚାରୀ ନେତା ବଂଶୀଧର ବେହେରା, ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ସଂଘର କୋଷାଧକ୍ଷ ଭରତ ଚନ୍ଦ୍ର ସେଠୀ, ଆଇନଜୀବୀ ନିରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇ ଇପିଏଫ ପେନସନଭୋଗୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଉଦାସୀନ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ମାସିକ ସର୍ବନିମ୍ନ ୯ହଜାର ଟଙ୍କା ପେନସନ୍, ଅଧିକ ବେତନ ଆଧାରରେ ଅଧିକ ପେନସନ୍, ଇପିଏଫ୍ ପେନସନ୍‌ଭୋଗୀଙ୍କ ପ୍ରତି ମହଙ୍ଗାଭତା ଓ ସରକାରୀ ସ୍ୱାସ୍ଥ୍ୟବୀମା ଯୋଜନା ଲାଗୁ କରିବାକୁ ବକ୍ତାମାନେ ଦାବି କରିଥିଲେ। ଇପିଏଫ୍ ଆସୋସିଏସନ୍‌ର ବାଲେଶ୍ୱର ଜିଲ୍ଲା ସଂପାଦକ ବିଷ୍ଣୁ ପ୍ରସାଦ ମହାନ୍ତିଙ୍କ ସମେତ ଆନନ୍ଦ ଚନ୍ଦ୍ର ବେହେରା, ଭଦ୍ରକ ଜିଲ୍ଲା ସଭାପତି କୁଞ୍ଜ ବିହାରୀ ନାୟକ, ମୟୂରଭଞ୍ଜ ଜିଲ୍ଲା ଉପସଭାପତି ମଧୁସୂଦନ ଜେନା ପ୍ରମୁଖ ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଦାବିପୂରଣ ନହେଲେ ସମସ୍ତ ଆରଡିସି ଅଫିସ୍, ରାଜଭବନ ସମ୍ମୁଖରେ ଗଣଧାରଣା ଓ ସଂସଦଭବନ ସମ୍ମୁଖରେ ଅହୋରାତ୍ର ଧାରଣା ପାଇଁ କେନ୍ଦ୍ର ଓ ରାଜ୍ୟ କମିଟି ଦେଇଥିବା ଆହ୍ୱାନକୁ ସଫଳ କରିବାପାଇଁ ସେମାନେ ନିବେଦନ କରିଥିଲେ। ସେହିପରି ଆସନ୍ତା ନଭେମ୍ବର ୧୬ ତାରିଖକୁ ଦେଶବ୍ୟାପୀ ପେନସନ୍ ଭୋଗୀମାନେ କଳାଦିବସ ଭାବେ ପାଳନ କରିବାକୁ ଯାଉଥିବା ବେଳେ ବାଲେଶ୍ୱରରେ ଏହାକୁ ଅଧିକ ବ୍ୟାପକ କରିବା ଓ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନବେଳେ କେନ୍ଦ୍ର ସରକାର ବିରୋଧରେ ଜନମତ ସୃଷ୍ଟି ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ବାଲେଶ୍ୱର ଜିଲ୍ଲା ସଭାପତି ଇଂ. ଅନାଦି ଚରଣ ବେହେରା ଆନ୍ଦୋଳନକାରୀଙ୍କୁ ଧନ୍ୟବାଦ ଦେବା ସହ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଥିବା ସମସ୍ତ ସଂଗଠନର ନେତୃତ୍ୱଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ କେନ୍ଦ୍ର ଶ୍ରମମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ଦଫା ଦାବି ସମ୍ବଳିତ ସ୍ମାରକପତ୍ର ବାଲେଶ୍ୱର ସହକାରୀ ଇପିଏଫ୍ କମିଶନର ଅରୁଣ ଚାଟାର୍ଜୀଙ୍କୁ ପ୍ରଦାନ କରାଯାଇଥିଲା। ଆଜିର ବିକ୍ଷୋଭ ସମାବେଶ ପରିଚାଳନାରେ ହରିଶଚନ୍ଦ୍ର ସାହୁ, ଜଳଧର ପଣ୍ଡା, ଜଗଦାନନ୍ଦ ମହାନ୍ତି, ରତ୍ନାକର ପଣ୍ଡା, ଶ୍ୟାମସୁନ୍ଦର ଜେନା, ପଙ୍କଜ କୁମାର ଜେନା, ନିତ୍ୟାନନ୍ଦ ନଟ, ବିଭୁତି ଭୂଷଣ ଦାସ, ଶରତ ଚନ୍ଦ୍ର ଦଳାଇ, ଭାଗବତ ସାହୁ, ଜାନକୀ କୁମାର ମହାପାତ୍ର, ରାମଚନ୍ଦ୍ର ପଣ୍ଡା, ଉପେନ୍ଦ୍ର ପରିଡ଼ା, ଅର୍ଜୁନ ଜେନା, ସୁରେଶ ତ୍ରିପାଠୀ ଓ ସୁରେନ୍ଦ୍ର ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଡା. ଅସିତ ପ୍ରଧାନଙ୍କୁ ମିଳିଲା କଳାକାର ସମ୍ମାନ



ବସ୍ତା, ୨୫/୦୮ (ନି.ପ୍ର): ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଆୟୁଷ ଡାକ୍ତର ତଥା ବିଶିଷ୍ଟ ଅଭିନେତା ଡା. ଅସିତ କୁମାର ପ୍ରଧାନ ଙ୍କୁ ପୁରୀ ଅନ୍ନପୂର୍ଣ୍ଣା ପ୍ରେକ୍ଷ୍ୟାଳୟ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍କଳ କଳାରତ୍ନ ପ୍ରତିଭା ସମ୍ମାନ ଉତ୍ସବ -୨୦୨୨ ରେ କଳାକାର ସମ୍ମାନରେ ସମ୍ମାନୀତ କରାଯାଇଛି । ଅଭିନୟ କ୍ଷେତ୍ରରେ ପ୍ରତିଷ୍ଠା ପାଇଁ ବନ୍ଦେ ଉତ୍କଳ ଲୋକକଳା ଓ ଲୋକସଂସ୍କୃତି ମହାସଂଘ ପକ୍ଷରୁ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାରେ ମହାସଂଘର ସଭାପତି ବିଜୟ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ପୂର୍ବତନ ସାଂସଦ ଡ଼. ପ୍ରସନ୍ନ ପାଟଶାଣୀ, ମୁଖ୍ୟ ବକ୍ତା ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ବିଧାୟକ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଡା. ପ୍ରଧାନଙ୍କ ସମେତ ବିଭିନ୍ନ ବର୍ଗର ୨ ଶହ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଡା. ପ୍ରଧାନଙ୍କ ଡାକ୍ତରୀ ସେବା ପେଶା ହୋଇଥିବା ବେଳେ କଳା ତାଙ୍କର ନିଶା ବୋଲି ସେ ପ୍ରତିକ୍ରିୟାରେ କହିଥିଲେ ।

## ଆବାସ ଯୋଜନା ଦୁର୍ନୀତି ପାଇଁ ଛଅଟି ଅମୂଲ୍ୟ ଜୀବନ ଚାଲିଗଲା : ସମୀର ମହାନ୍ତି

ଭୁବନେଶ୍ୱର,୨୫/୦୮ (ନି.ପ୍ର): ସାମାନ୍ୟ ବର୍ଷା କାରଣରୁ ଘର କାନ୍ଥ ପଡି ଛଅ ଛଅଟି ଅମୂଲ୍ୟ ଜୀବନ ଚାଲିଯିବା ଆଦୌ ଗ୍ରହଣୀୟ ନୁହେଁ ବରଂ ଅକଳ୍ପନୀୟ । ରାଜ୍ୟ ସରକାରଙ୍କ ଅସମ୍ବେଦନଶୀଳ ଆଚରଣ ଓ ବ୍ୟବହାର କାରଣରୁ ପକ୍କା ଘରଟିଏ ପାଇବାରୁ ବଂଚିତ ହୋଇଥିବା ମୟୂରଭଂଜ ଜିଲ୍ଲାର କପ୍ତିପଦା, ଉଦଳା ଏବଂ ବାରିପଦା ସହରରେ ବର୍ଷା ପାଣିରେ କଚ୍ଚାଘରର କାନ୍ଥ ପଡି ୬ ଜଣ ପ୍ରାଣ ହରାଇଛନ୍ତି । ପ୍ରଚାର ଓ ଭୋଟ ସର୍ବସ୍ୱ ବିଜେଡି ସରକାରର ବିଶ୍ୱସ୍ତରୀୟ ବିକାଶ ମଡେଲର ଅସଲ ମୁଖାକୁ ଏହି ଅଭାବନୀୟ ଘଟଣା ପଦାରେ ପକାଇ ଦେଇଛି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ଏଭଳି ଅଭାବନୀୟ ଘଟଣାର ଅନୁଧ୍ୟାନ ପାଇଁ ଗତକାଲି ରାଜ୍ୟ ସଭାପତି ଶ୍ରୀ ମହାନ୍ତି ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ମୃତକଙ୍କ ପରିବାରବର୍ଗଙ୍କୁ ଭେଟିଥିଲେ । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ସୁବର୍ଣ୍ଣରେଖା ଓ ବୈତରଣୀ ବେସିନରେ ଲଗାଣ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ତରଫରୁ ସୂଚନା ଦିଆଯାଇଥିଲା ଏବଂ ରାଜ୍ୟ ସରକାର ମୁକାବିଲା ପାଇଁ ପ୍ରସ୍ତୁତ ଅଛି ଏବଂ ଜିରୋ କାଜୁଆଲିଟି ହେଉଛି ପ୍ରାଥମିକତା ବୋଲି ବାହାସ୍ଫୋଟ ମାରିଥିଲେ । ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ହୋଇ ନାହିଁ, ମାତ୍ର ଲଗାଣ ବର୍ଷାରେ ବାସହୀନଙ୍କ ଦୟନୀୟ ସ୍ଥିତି ସାମ୍ନାକୁ ଆସିଛି । ମାତ୍ର ୩ ଦିନର ବର୍ଷା କାରଣରୁ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକର ଭେଜିଡିହା, ଉଦଳାର ରାଇଡାହି, ବିଶୋୟୀ ବ୍ଲକର ବାହାଡବେଢା ଏବଂ ବାରିପଦା ସହରର ୨୨ ନମ୍ବର ୱାର୍ଡରେ ଘର କାନ୍ଥ ପଡି ୬ଟି ନିରୀହ ଓ ମୂଲ୍ୟବାନ ଜୀବନ ଯାଇଛି । ବର୍ତ୍ତମାନ ସୁଦ୍ଧା ମୃତକ ପରିବାର ପାଖକୁ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ସରକାରୀ ସହାୟତା ପହଂଚି ନପାରିବା ପ୍ରଶାସନର ସମ୍ବେଦନହୀନତାର ନଗ୍ନ ଉଦାହରଣ ନୁହେଁ କି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଏଭଳି ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ, ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଦାବି କରିଛନ୍ତି ।

## ରାଧାମୋହନ ଗଡନାୟକଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ଜଣାଇଲେ ଶ୍ରଦ୍ଧାଂଜଳି

ଭୁବନେଶ୍ୱର,୨୫/୦୮ (ନି.ପ୍ର): କବି ରାଧାମୋହନ ଗଡନାୟକଙ୍କୁ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଆଧୁନିକ ଓଡ଼ିଆ ସାହିତ୍ୟର ଅବିସ୍ମରଣୀୟ ନାମ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କବି ରାଧାମୋହନ ଗଡ଼ନାୟକଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି। ସ୍ୱାଧୀନତା ସଂଗ୍ରାମ ସହ ଓଡ଼ିଆ କାବ୍ୟ ସାହିତ୍ୟ ପ୍ରତି ତାଙ୍କ ଅବଦାନ ଅତୁଳନୀୟ। ତାଙ୍କର ସରଳ କାବ୍ୟ ରଚନା ଶୈଳୀ ଆଜି ମଧ୍ୟ ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ।

## ଭୁବନେଶ୍ୱର ଏମ୍‌ସକୁ ମଧୁବାବୁଙ୍କ ନାମରେ ନାମିତ କରିବା ପାଇଁ ଦାବି

ଭୁବନେଶ୍ୱର,୨୫/୦୮ (ନି.ପ୍ର): ଦେଶରେ ଚିକିତ୍ସା ପ୍ରଦାନ କରୁଥିବା ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ)ର ନାମ ପରିବର୍ତ୍ତନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟରେ ବିଚାରଧୀନ ଥିବାରୁ ଭୁବନେଶ୍ୱରରେ ଥିବା ଏମ୍‌ସର ନାମ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନାମରେ ନାମିତ କରିବା ପାଇଁ ଉତ୍କଳ ସମ୍ମିଳନୀ ଦାବି କରିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ପ୍ରସ୍ତାବ ଅନୁଯାଇ ଏମ୍‌ସ ଗୁଡିକର ନାମ ସ୍ଥାନୀୟ ଅଂଚଳର ପ୍ରସିଦ୍ଧ ବ୍ୟକ୍ତି କିମ୍ବା ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ନାମରେ ନାମିତ କରାଯିବ ବୋଲି ପ୍ରସ୍ତାବ ଅଛି । ଏହି ପ୍ରସ୍ତାବ ବିଷୟରେ ଜଣା ପଡିବା ପରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ସମ୍ମିଳନୀର ଉପଦେଷ୍ଟା ବରିଷ୍ଠ ଅଧିବକ୍ତା ଅନନ୍ତ ପ୍ରସାଦ ଜେନା, ଉପ-ସଭାପତି ପ୍ର. ଡ. ସୁରେନ୍ଦ୍ର ମୋହନ ମିଶ୍ର ଓ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଏକତ୍ରିତ ହୋଇ ମିଳିତ ଭାବେ ଭୁବନେଶ୍ୱରରେ ଥିବା ଏମ୍‌ସର ନାମ ମଧୁବାବୁଙ୍କ ନାମରେ ନାମିତ କରିବା ପାଇଁ ଦାବି କରିଛନ୍ତି । ଏହି ମର୍ମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି ।

## ବିଜୁ ସ୍ୱାସ୍ଥ୍ୟ କାର୍ଡ଼ର ଉପଯୋଗ ସଚେତନତା କାର୍ଯ୍ୟକ୍ରମ




ଉଦଳା, ୨୫/୦୮ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଞ୍ଚ ତରଫରୁ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା, ଉଦଳା, ଖୁଣ୍ଟା ଓ ଗୋପବନ୍ଧୁନଗରର ବ୍ଲକ ଅଞ୍ଚଳ ମଧ୍ୟରେ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ର ଉପଯୋଗ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଚଳିତ ଅଗଷ୍ଟ ୨୪ ତାରିଖ ଠାରୁ ଆରମ୍ଭ ହୋଇଛି । ଲୋକଙ୍କୁ ସଚେତନ କରାଇବା ପାଇଁ ପଥପ୍ରାନ୍ତ ସଭା, ବାଇକ ରାଲି, ସାଇକେଲ ରାଲି ଓ ପ୍ରଚାରପତ୍ର ବଣ୍ଟନର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମ ଦିର୍ଘ ୧ ସପ୍ତାହ ଧରି ଚାଲିବା ସହିତ ଅଗଷ୍ଟ ୩୦ ତାରିଖରେ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ମଞ୍ଚର ଟିମ ଲିଡ଼ର ଗଦାଧର ଦାଶ ଉକ୍ତ ସଚେତନତା କାର୍ଯ୍ୟକ୍ରମର ନେତୃତ୍ୱ ନେଇଛନ୍ତି । ମଞ୍ଚର କର୍ମୀ ମାନେ କିଛିଦିନ ପୁର୍ବରୁ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ର ବ୍ୟବହାର ସମ୍ପର୍କରେ ଲୋକେ ଅବଗତ ଅଛନ୍ତି କି ନା ଜାଣିବା ପାଇଁ ଘରକୁ ଘର ବୁଲି ସର୍ଭେ କରିଥିଲେ । ଏଥିରୁ ଜଣାଗଲା ୯୦ ପ୍ରତିଶତ ଲୋକ ଏହି କାର୍ଡ଼ର ବ୍ୟବହାର ସମ୍ପର୍କରେ ଆଦୌ ଜାଣି ନାହାଁନ୍ତି । ତେଣୁ ଏହି ଭଳି ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତାକୁ ଅନୁଭବ କରି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାର ଟିମ ଲିଡ଼ର ପ୍ରକାଶ କରିଛନ୍ତି । ଏହିଭଳି ସଚେତନତା ବହୁ ପୁର୍ବରୁ ଆବଶ୍ୟକତା ଥିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । କାରଣ ପାଖରେ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ ଥାଇ ମଧ ଲୋକେ ଅଯଥା ଖର୍ଚ୍ଚାନ୍ତରେ ପଡୁଛନ୍ତି ବୋଲି ବହୁ ଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି ।

## ପରିବର୍ତ୍ତିତ ମାର୍ଗରେ ଯାତ୍ରା କରିବ ପୁରୀ-ବିକାନେର ଏକ୍ସପ୍ରେସ୍

ଭୁବନେଶ୍ୱର,୨୫/୦୮ (ନି.ପ୍ର): ଟ୍ରେନ ଚଳାଚଳ କ୍ଷେତ୍ରରେ ସମସ୍ୟା ଦୂରୀକରଣ ପାଇଁ ପୁରୀ-ବିକାନେର-ପୁରୀ ଏକ୍ସପ୍ରେସକୁ ପଶ୍ଚିମ କେନ୍ଦ୍ରୀୟ ରେଳପଥ ପରିସୀମା ମଧ୍ୟରେ କୋଟା ଷ୍ଟେସନ ପରିବର୍ତ୍ତେ ସୱାଇମାଧୋପୁର-ଗୁରଲା-ସୋଗରିଆ-ରୁଥିୟାଲ କର୍ଡ ଲାଇନ ମାର୍ଗରେ ଚଳାଚଳ କରାଇ ସୋଗରିଆ ଷ୍ଟେସନ ଠାରେ ରହଣି ଦେବାକୁ ନିଷ୍ପତି ନିଆଯାଇଛି। ୨୦୪୭୧ ବିକାନେର-ପୁରୀ ଏକ୍ସପ୍ରେସ ବିକାନେର ଷ୍ଟେସନ ଠାରୁ ଅକ୍ଟୋବର ମାସ ୨ ତାରିଖ ଠାରୁ ସୋଗରିଆ ଷ୍ଟେସନ ଠାରେ ସକାଳ ୫ଘ.୩୦ମି.ରେ ପହଂଚି ୫ଘ.୪୦ମି. ରେ ପୁରୀ ଅଭିମୁଖେ ଯାତ୍ରା କରିବ। ଫେରିବା ମାର୍ଗରେ ୨୦୪୭୨ ପୁରୀ-ବିକାନେର ଏକ୍ସପ୍ରେସ ପୁରୀ ଠାରୁ ଅକ୍ଟୋବର ମାସ ୦୫ ତାରିଖ ଠାରୁ ସୋଗରିଆ ଷ୍ଟେସନ ଠାରେ ପୂର୍ବାହ୍ନ ୯ଘ.୧୫ମି.ରେ ପହଂଚି ୯ଘ.୨୫ମି. ରେ ବିକାନେର ଅଭିମୁଖେ ଯାତ୍ରା କରିବ । ଏହି ଟ୍ରେନ ପାଇଁ ସ୍ଥିରୀକୃତ ଷ୍ଟେସନ ଓ ସମୟ ସାରଣୀରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ।

## ଆତ୍ମନିର୍ଭର ଭାରତ ଅଭିଯାନ ସମ୍ମିଳନୀ

ବାଲେଶ୍ୱର,୨୫/୦୮ (ନି.ପ୍ର): ସମ୍ପ୍ରତି ସମଗ୍ର ଦେଶରେ ସୃଷ୍ଟି ହୋଇଥିବା ବେରୋଜଗାର ସମସ୍ୟାର ଦୂରୀକରଣ ନିମନ୍ତେ ଆରମ୍ଭ ହୋଇଛି ଆତ୍ମନିର୍ଭର ଭାରତ ଅଭିଯାନ। ଏହି ସ୍ୱାବଲମ୍ବୀ ଭାରତ, ବାଲେଶ୍ୱର ଶାଖା ପକ୍ଷରୁ ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଞ୍ଜୟ ଦାସ ଓ ବିପିନ କୁମାର ରାଉତ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଔଦ୍ୟୋଗିକ ବିକାଶରେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ। ସମ୍ପ୍ରତି ଦେଶରେ କୋଟିଏରୁ ଅଧିକ ଶିକ୍ଷିତ ବେରୋଜଗାର ଥିବା ବେଳେ ସରକାରୀ ଚାକିରୀ ଏକ ମାତ୍ର ପ୍ରତିକାରର ମାଧ୍ୟମ ନୁହେଁ ବୋଲି ଅତିଥିମାନେ କହିଥିଲେ। କୃଷି କ୍ଷେତ୍ର, ଲଘୁ ମଧ୍ୟମ ଉଦ୍ୟୋଗ ଶିଳ୍ପ, ମତ୍ସ୍ୟ ଓ ପଶୁସମ୍ପଦ ପାଳନ ଆଦି କ୍ଷେତ୍ରରେ ନିଜେ ଆତ୍ମ ନିର୍ଭରଶୀଳ ହେବା ସହିତ ଅନ୍ୟମାନଙ୍କୁ ରୋଜଗାରକ୍ଷମ କରାଇବାକୁ ଉଦ୍ୟମ ଆରମ୍ଭ ହୋଇଥିବା ସେମାନେ ସୂଚନା ଦେଇଥିଲେ। ଏନେଇ ପ୍ରତ୍ୟେକ ଜିଲାରେ ଏକ ସୃଜନକେନ୍ଦ୍ର ସ୍ଥାପନ କରାଯାଇ ସେଠାରେ ଉତ୍ତମ ପ୍ରଶିକ୍ଷକଙ୍କ ଦ୍ୱାରା ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ କରାଯିବ। ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷ କୃଷ୍ଣଚନ୍ଦ୍ର ରାଉତ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ପରିଚାଳକ ସବ୍ୟସାଚୀ ମହାପାତ୍ର ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରୀ ପ୍ରୋତ୍ସାହନ ଏବଂ ସହଯୋଗୀ ପାଣ୍ଠି ବିନିଯୋଗର ବିଭିନ୍ନ ମାଧ୍ୟମ ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍ୟୋଗପତି ପ୍ରକାଶ ବେହୁରିଆ ଓ ଗୋପାଲ ଖଣ୍ଡେଲୱାଲ ଏଥିରେ ଯୋଗଦେଇ ନିଜର ଅଭିଜ୍ଞତା ଓ ଉତ୍କର୍ଷତା ସମ୍ପର୍କରେ ସୂଚନା ଦେଇଥିଲେ।ସ୍ୱାବଲମ୍ବୀ ଭାରତ ଅଭିଯାନର ଜିଲା ସଂଯୋଜକ ପ୍ରଭଞ୍ଜନ ପାଢ଼ୀ, ଗୋପାଳ ନାୟକ, ଅନନ୍ତ ଦାସ, ହେମନ୍ତ ମହାନ୍ତି ପ୍ରମୁଖ ଏହି ସମ୍ମିଳନୀ ପରିଚାଳନା କରିଥିଲେ। ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ସମସ୍ତ କର୍ମଚାରୀ, ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀଙ୍କ ସମେତ ସ୍ୱାବଲମ୍ବୀ କମିଟି କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଶୁଦ୍ଧଲିଖନ ଓ ବର୍ଣ୍ଣବୋଧ ସଂପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ




ବାଲେଶ୍ୱର, ୨୫/୦୮ (ନି.ପ୍ର): ବୁଧବାର ସନ୍ଧ୍ୟାରେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଶୁଦ୍ଧଲିଖନ ଓ ବର୍ଣ୍ଣବୋଧ ସଂପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗବେଷକ ତଥା ବ୍ୟାକରଣବିତ୍ ନିରଂଜନ ସାହୁ ଅତିଥି ଭାବରେ ଯୋଗଦେଇ ଓଡ଼ିଆ ବ୍ୟାକରଣ ସଂପର୍କରେ ଅନେକ ନୂତନ ତଥ୍ୟ ପ୍ରଦାନ କରିବା ସହିତ ଆମେ ସାଧାରଣ ଭାବରେ ବହୁ ଅଶୁଦ୍ଧ ଶବ୍ଦ ବ୍ୟବହାର କରୁଥିବା ଓ ସେସବୁର ଶୁଦ୍ଧଶବ୍ଦ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ମମତା ମହାନ୍ତି ପିଲାମାନଙ୍କ ପାଇଁ ଏକ ନୂତନ ଧାରାର ବର୍ଣ୍ଣବୋଧ ପ୍ରଣୟନ କାର୍ଯ୍ୟ ଆରମ୍ଭ କରିଛନ୍ତି ଓ ତାହାର ସଂକ୍ଷିପ୍ତ ରୂପ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବିଶିଷ୍ଟ ଗବେଷକ ଡ. ଭାଗବତ ପ୍ରସାଦ ଦାସ ନିଜ ବକ୍ତବ୍ୟରେ କହିଲେ ଯେ ସମୟ ଓ ପରିବେଶର ଦ୍ରୁତ ପରିବର୍ତ୍ତନ ସତ୍ତ୍ୱେ ମଧୁସୂଦନ ରାଓଙ୍କ ରଚିତ ବର୍ଣ୍ଣବୋଧର ପ୍ରାସଙ୍ଗିକତା ଏବେ ମଧ୍ୟ ରହିଛି। ତେଣୁ ମୂଳ ବର୍ଣ୍ଣବୋଧକୁ ପରବର୍ତ୍ତନ କରିବାର ପ୍ରୟାସ ଆଦୌ ଗ୍ରହଣୀୟ ନୁହେଁ। ପ୍ରାରମ୍ଭରେ ଡ. ଶିରୀଶ ଚନ୍ଦ୍ର ଜେନା ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ସାଧାରଣ ସଂପାଦକ ନିବାରଣ ଜେନା ଆଲୋଚନାଚକ୍ର ସଂପର୍କରେ ପ୍ରାକ୍ ବକ୍ତବ୍ୟ ପ୍ରଦାନ କରିଥିଲେ। ଶାନ୍ତିଲତା ପଣ୍ଡା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁଣା ରାୟ, ଅଞ୍ଜଳି ପଣ୍ଡା, ରାମକୃଷ୍ଣ ପତି, ପ୍ରଦୀପ ଚାଟାର୍ଜୀ, ଶରତ କୁମାର ମହାପାତ୍ର, ଦୀପକ କୁମାର ଦାସ ଓ ଭକ୍ତହରି ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିଆପାଳ ବନ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ସାତଦିନର ରିଲିଫ ଘୋଷଣା



ବାଲିଆପାଳ, ୨୫/୦୮ (ନି.ପ୍ର): ସୁବର୍ଣ୍ଣରେଖା ନଦୀର ବନ୍ୟାପାଣି ଆଜି ବାଲିଆପାଳ ବ୍ଲକର ଗାଁ ଗଡ଼ାରୁ ଛାଡିଯାଇଛି ।ତେବେ ଆଜି ମଧ୍ୟ ତଳିଆ ଅ ଳରେ ବନ୍ୟାଜଳ ପ୍ରବାହିତ ହେଉଛି । ତେବେ ବନ୍ୟା ଛାଡିଯାଇଥିଲେ ମଧ ଲୋକଙ୍କ ଦୁର୍ଦ୍ଦଶା କମିନାହିଁ । ଅନେକ ଲୋକଙ୍କ ଘରେ ଓ ରୋଷେଇ ଘରେ ପାଣି ପଶିଯାଇଥିବାରୁ ସେମାନଙ୍କ ଘରେ ଚୁଲି ଜଳିନାହିଁ । ପ୍ରଶାସନ ପକ୍ଷରୁ ଦିଆଯାଉଥିବା ରନ୍ଧାଖାଦ୍ୟ ଉପରେ ଭରଷାକରିଛନ୍ତି ବିପନ୍ନ ।ଆଜି ମଧ୍ୟ ୫ଟି ସେ ରରେ ୧୯୫୦ ଲୋକଙ୍କୁ ରନ୍ଧାଖାଦ୍ୟ ବିତରଣ କରାଯାଇଛି । ସେହିପରି ବଡତାଳପଦା ଗ୍ରାମରେ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ବିତରଣ କରାଯାଇଛି । ତେବେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ବନ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ସାତଦିନର ରିଲିଫ ଘୋଷଣା କରାଯାଇଛି । ବିଡିଓ ଦୀପକ କୁମାର ଦାସଙ୍କ ସୂଚନା ମୁତାବକ ଏହି ବ୍ଲକର ମୋଟ ୨୦ଟି ପା ୟତର ୧୩୦ଟି ଗ୍ରାମର ୧ଲକ୍ଷ ୬୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ଏହି ସହାୟତା ଯୋଗାଇଦିଆଯିବା ବୟସ୍କ ମାନଙ୍କୁ ପ୍ରତିଦିନ୧୦୦ ଟଙ୍କା ଛୋଟ ପିଲାଙ୍କୁ ୬୦ ଟଙ୍କା ହିସାବରେ ପ୍ରଦାନ କରାଯିବ ବୋଲି ବିଡିଓ ଶ୍ରୀ ଦାସ ସୂଚନା ଦେଇଛନ୍ତି । ସେହିପରି ବାଲିଆପାଳ ବ୍ଲକରେ ୨୦ ହଜାର ରୁ ଉଦ୍ଧର୍ବ ଚାଷୀଙ୍କର ୫୬୦୦ ହେକ୍ଟରରୁ ଉର୍ଦ୍ଧ ଫସଲ ନଷ୍ଟ ହୋଇଥିବାର ପ୍ରାଥମିକ ପର୍ଯ୍ୟାୟରେ ଆକଳନ କରଯାଇଛି । କ୍ଷୟକ୍ଷତିର ଚୂଡାନ୍ତ ଆକଳନ ପରେ କ୍ଷତିପୂରଣ ଦିଆଯିବ ବୋଲି ବିଡିଓ ଶ୍ରୀ ଦାସ କହିଛନ୍ତି । ସେହିପରି ୮୬୬୨ ଗୃହପାଳିତ ପଶୁଙ୍କୁ ୨୮.୨ ମେଟ୍ରିକଟନ ଗୋଖାଦ୍ୟ ବିତରଣ କରାଯାଇଛି । ତେବେ ଆଜିଠାରୁ ରନ୍ଧାଖାଦ୍ୟ ବିତରଣର ଶେଷଦିନ ହୋଇଥିବା ବେଳେ ବ୍ଲକର ସର୍ବାଧିକ କ୍ଷତିଗ୍ରସ୍ତ ଜାମକୁଣ୍ଡା ପଞ୍ଚାୟତର ତାଳପଦା ଗ୍ରାମକୁ ଆଗକୁ ଆଉ ଦୁଇଦିନ ଶୁଖିଲାଖାଦ୍ୟ ବିତରଣ କରାଯିବ ବୋଲି ବିଡିଓ ଶ୍ରୀ ଦାସ କହିଛନ୍ତି ।

## ସୁବର୍ଣ୍ଣରେଖା ସଂସ୍କାର ଯୋଜନା ବନ୍ୟା ସମସ୍ୟା ଦୂର କରିପାରିବ : କଂଗ୍ରେସ

ଜଳେଶ୍ୱର, ୨୫/୮(ନିପ୍ର) : ୧୪ବର୍ଷ ତଳେ ସୁବର୍ଣ୍ଣରେଖା ସଂସ୍କାର ଯୋଜନା ପ୍ରସ୍ତୁତ ହୋଇଥିବା ବେଳେ ଅଦ୍ୟାବଧି କାର୍ଯ୍ୟକାରୀ ହୋଇନଥିବାରୁ ବାରମ୍ବାର ବନ୍ୟା ଦ୍ୱାରା ଉତ୍ତର ବାଲେଶ୍ୱର ବନ୍ୟାଦ୍ୱାରା ପ୍ରଭାବିତ ହୋଇ ଆସୁଛି । ଏହା କାର୍ଯ୍ୟକାରୀ ନ କରି ରାଜ୍ୟ ଓ କେନ୍ଦ୍ର ସରକାର ଉତ୍ତର ବାଲେଶ୍ୱର ବାସୀଙ୍କୁ ପ୍ରତାରିତ କରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି । ୨୦୦୮ ମସିହାରେ ସୁବର୍ଣ୍ଣରେଖା ସଂସ୍କାର ଯୋଜନା ପ୍ରସ୍ତୁତ ହୋଇଥିବା ବେଳେ ୨୦୧୫ରେ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ କାର୍ଯ୍ୟକାରୀ କରିବାଲାଗି ମୋହର ଲଗାଇଥିଲେ । କେନ୍ଦ୍ର ସରକାର ଏହାକୁ ବିଭିନ୍ନ କାରଣରୁ ମଂଜୁର କରୁନଥିବାରୁ ଜଳେଶ୍ୱର, ବସ୍ତା, ବାଲିଆପାଳ, ଭୋଗରାଇ ଅଂଚଳ ପ୍ରତି ସରକାରଙ୍କ ଏକ ପ୍ରତାରଣା ବୋଲି ଆଜି କଂଗ୍ରେସର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ହଜାର ହଜାର ଲୋକଙ୍କ ଦୁର୍ଦ୍ଦଶା ପାଇଁ ରାଜ୍ୟ ସରକାର ଦାୟୀ ବୋଲି କହିଛନ୍ତି । ବନ୍ୟାଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କୁ କୌଣସି ସହାୟତା ଦିଆଯାଇନଥିବାର କଂଗ୍ରେସ ଅଭିଯୋଗ କରିବା ସହିତ ସଂସ୍କାର ଯୋଜନାକୁ ଶୀଘ୍ର କାର୍ଯ୍ୟକାରିବାକୁ ଦାବି କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ ସଭାପତି ରାଜବ ପରିଡା, ଟାଉନ୍ ସଭାପତି ଗିରିଜା ଦାସ, କିଷାନ ସଭାପତି ସୁଦାମ ପାତ୍ର, ଜିଲା ସାଧାରଣ ସଂପାଦକ ହେମନ୍ତ ଗିରି ପ୍ରମୁଖ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo